₹: 25

# ଆମରି ସତ୍ୟ
## AMARI SATYA

ତ୍ରୟୋଦଶ ବର୍ଷ, ଦ୍ୱିତୀୟ ସଂଖ୍ୟା
ମାସିକ, ଅଗଷ୍ଟ-୨୦୨୨, ପୃଷ୍ଠା ସଂଖ୍ୟା ୩୬
RNI Regn. No. - ODI/ODI/2010/350521
Postal Regd. No. : PURI-33/2022-24



ଓଡ଼ିଶାର ଗର୍ବ ଓ ଗୌରବ
ମହାମହିୟସୀ ରାଷ୍ଟ୍ରପତି
**ଦ୍ରୌପଦୀ ମୁର୍ମୁଙ୍କୁ**
ଆମରିସତ୍ୟ ପରିବାର ପକ୍ଷରୁ
ଶୁଭେଚ୍ଛା ଓ ଅଭିନନ୍ଦନ



# ଆମରି ସତ୍ୟ ଆଜୀବନ ସଦସ୍ୟ



ଡ.ସନ୍ତୋଷ କୁମାର ନାୟକ
ଖୋର୍ଦ୍ଧା



ଗୟାଧର ସାମନ୍ତରାୟ
ଟାଙ୍ଗି, ଖୋର୍ଦ୍ଧା



କଳ୍ପନା କର
କୋମଟଲାପେଟା, ରାୟଗଡା



ସୁବାଷ ରାଉତ
ଭୁବନେଶ୍ୱର

### ସନ୍ତୋଷଙ୍କ ରମ୍ୟଗଳ୍ପ ସଂକଳନ 'କାଙ୍ଗାଳୀ ଗୁରୁ' ଲୋକାର୍ପିତ

## 'ବ୍ୟଙ୍ଗରସ ସାହିତ୍ୟକୁ ସମୃଦ୍ଧ କରେ'



ପବିତ୍ର ଶ୍ରୀରାମ ନବମୀ ଅବସରରେ ଖୋର୍ଦ୍ଧା ସାହିତ୍ୟ ସଂସଦ ଓ ଆମରିସତ୍ୟ ପକ୍ଷରୁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀଭବନ ପରିସରରେ ବ୍ୟଙ୍ଗ କଥାକାର ତଥା ନାଚୁଣୀ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ ସନ୍ତୋଷ କୁମାର ନାୟକଙ୍କ ରମ୍ୟଗଳ୍ପ ସଂକଳନ 'କାଙ୍ଗାଳୀ ଗୁରୁ' ଲୋକାର୍ପିତ ହୋଇଯାଇଛି । ବ୍ୟଙ୍ଗରସ ସାହିତ୍ୟକୁ ସମୃଦ୍ଧ କରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିରୂପେ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି କ୍ଷୀରୋଦ ପ୍ରସାଦ ମହାନ୍ତି କହିଥିଲେ ଯେ ଡ ନାୟକ ପ୍ରାଣନାଥ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଥିବାବେଳେ ତାଙ୍କର ପ୍ରଥମ ବ୍ୟଙ୍ଗପୁସ୍ତକ 'ମଖନବାଜି' ଲେଖି ଉଚ୍ଚପ୍ରଶଂସିତ ହୋଇଥିଲେ । ସମ୍ପ୍ରତି 'କାଙ୍ଗାଳୀ ଗୁରୁ' ପୁସ୍ତକ ସେହିଭଳି ପାଠକୀୟ ଆଦୃତି ଲାଭ କରିବ ବୋଲି ସେ ଆଶାପ୍ରକଟ କରିଥିଲେ । ବରେଣ୍ୟ ଅତିଥି ଭାବେ ଓଡ଼ିଶା ବିଜ୍ଞାନ ଏକାଡେମୀର ସଭାପତି ଡ ବିଭୂତି ଭୂଷଣ ମିଶ୍ର, ସମ୍ମାନିତ ଅତିଥି ବିଶିଷ୍ଟ କଥାକାର ଡ ପଦ୍ମଜ ପାଳ କହିଥିଲେ ଯେ. ଲେଖକ ସମାଜ ପ୍ରତି ସଚେତନ ରହି ନିଜକୁ ଉନ୍ମୁକ୍ତ କଲେ ଲେଖା ବଳଶାଳୀ ହୁଏ । ଏହି ଅବସରରେ ପୁସ୍ତକର ଲେଖକ ଡ ନାୟକ କହିଥିଲେ ଯେ ସମାଜକୁ ଉଚିତ୍ ମାର୍ଗଦର୍ଶନ ପାଇଁ ନାଟକ ତଥା ବ୍ୟଙ୍ଗ ମାଧ୍ୟମରେ ପ୍ରୟାସ କରିଆସିଛନ୍ତି । ଅନ୍ୟତମ ଅତିଥି ପ୍ରାକ୍ତନ ଅଧ୍ୟକ୍ଷ ତଥା ସାହିତ୍ୟିକ ଡ ଶରତ ଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ମୁଖ୍ୟ ବନ ସଂରକ୍ଷକ ତଥା ପ୍ରାବନ୍ଧିକ ବିଜୟ କେତନ ପଟ୍ଟନାୟକ ସଂକ୍ଷିପ୍ତ ଭାଷଣରେ ସାମାନ୍ୟ କଟାକ୍ଷ ଓ ଶାଣିତ କଟାକ୍ଷ ସମ୍ପର୍କରେ ବିଶ୍ଳେଷଣ କରିଥିଲେ । ଆବାହକ ଡ ପ୍ରମୋଦ ଚନ୍ଦ୍ର ଦାଶ ପୁସ୍ତକରେ ସ୍ଥାନ ପାଇଥିବା ବିଭିନ୍ନ ଗଳ୍ପର ସମୀକ୍ଷା କରିଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ କୈଳାସ ଚନ୍ଦ୍ର ମହାରଣା ସଂଯୋଜନା କରିଥିବାବେଳେ ଶିକ୍ଷାବିତ୍ ଭୀମସେନ ପ୍ରଧାନ ଧନ୍ୟବାଦ ଦେଇଥିଲେ । ଅଧ୍ୟାପିକା ଡ ସସ୍ମିତା ପଟ୍ଟନାୟକ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିବାବେଳେ ଗ୍ରନ୍ଥକାର ସମରେନ୍ଦ୍ର ବଳିଆରସିଂହ ପରିଚାଳନାରେ ସହଯୋଗ କରିଥିଲେ ।

# ଆମରି ସତ୍ୟ

## AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...

ତ୍ରୟୋଦଶ ବର୍ଷ ◆ ଦ୍ୱିତୀୟ ସଂଖ୍ୟା ◆ ଅଗଷ୍ଟ ୨୦୨୨



**ପ୍ରତିଷ୍ଠାତା**
ଡ. ପ୍ରମୋଦ ଚନ୍ଦ୍ର ଦାଶ
୯୪୩୭୨୮୧୬୫୫

**ସମ୍ପାଦକ**
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**
ଶ୍ରୀ ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

**ମୁଖ୍ୟ ସହ ସମ୍ପାଦକ**
ଶ୍ରୀ ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨

**ସହ ସମ୍ପାଦକ**
ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଡ. ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬
ଶ୍ରୀମତୀ ରଶ୍ମିତା ନାୟକ
୯୪୩୮୩୬୩୦୩୦

**ସଂଯୋଜକ**
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
ଶ୍ରୀ ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ଶ୍ରୀ ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ. ରଶ୍ମିରଞ୍ଜନ ନାଥ
୯୯୮୬୧୪୭୭୧୯୫
ଡ. ଗୌରହରି ମିଶ୍ର
୯୪୩୭୪୧୧୭୦୯

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ଶ୍ରୀ ରାଜୀବ ରଥ
୭୫୦୪୬୬୯୭୯୨
ଶ୍ରୀ ପ୍ରୀତମ୍ ବଳୀୟାରସିଂହ
୯୯୩୭୫୮୧୩୧୮



**ଯୋଗାଯୋଗ:**

**'ଆମରିସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ:**
**ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମହାପାତ୍ର**
ନିର୍ଦ୍ଦେଶକ, ଆମରିସତ୍ୟ
ଏମ-୫/୨୩, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩ ଓଡ଼ିଶା
ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ:**
**ଶ୍ରୀଯୁକ୍ତ ପଦ୍ମନାଭ ପାଣିଗ୍ରାହୀ**
ବନମାଳୀ କଲୋନୀ,ଜଟଣୀ
ଫୋନ୍ ନଂ:୯୩୩୮୨୨୧୩୭୪


**ଗ୍ରାହକମାନଙ୍କ ପାଇଁ ସୂଚନା**

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ୨ ବାର୍ଷିକ ଦେୟ | ଟ.୪୫୦/- |
| ୪. ୩ ବାର୍ଷିକ ଦେୟ | ଟ.୬୫୦/- |
| ୫. ଆଜୀବନ ସଦସ୍ୟତା | ଟ.୩୦୦୦/- |

(ଆଜୀବନ ସଦସ୍ୟତା ୧୪ ବର୍ଷ ପାଇଁ )


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପ୍ରାକ୍ତନ କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ

**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର

**ଡ. ଶରଚ୍ଚନ୍ଦ୍ର ମହାପାତ୍ର**
ପ୍ରାକ୍ତନ ଅଧକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ

**ଡ. ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର୍

**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, କୁସୁପୁର, କଟକ

**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା

**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍, ଭୁବନେଶ୍ୱର

**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା

**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା

**ରାମଶଙ୍କର**
ଅଧକ୍ଷ, ବିଶ୍ୱାମିତ୍ର ଜନ ସେବା ଟ୍ରଷ୍ଟ, ଖୋରଧା


ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬। IFSC-SBIN0012027, MICR-752002151


'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସକାଳ ବନ୍ଦନା : ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୦୨ |
| ୨. | ସମ୍ପାଦକୀୟ | | ୦୩ |
| ୩. | ହିତ ବାଣୀ | | ୦୪ |
| ୪. | ମହାମହିୟସୀ ରାଷ୍ଟ୍ରପତି | ଡ. ପ୍ରମୋଦ ଚନ୍ଦ୍ର ଦାଶ | ୦୫ |
| ୫. | ଲୀଳାବତୀ ପୁରସ୍କାର | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୦୭ |
| ୬. | ଏଇତ ଜୀବନ... | ଲୋହିତ ନାରାୟଣ ମହାପାତ୍ର | ୦୮ |
| ୭. | ଈଶ୍ୱରଙ୍କ ବାସସ୍ଥାନ | ପଦ୍ମନାଭ ପାଣିଗ୍ରାହୀ | ୦୯ |
| ୭. | ଗ୍ରାମାଞ୍ଚଳର କୌତୁକ ପ୍ରଶ୍ନୋତ୍ତର | ଆଦ୍ୟାଶା ପ୍ରିୟଦର୍ଶିନୀ | ୧୧ |
| ୮. | ବିଶ୍ୱ ପରିବାର ଓ ଏକତା | ଦେବଜାନୀ ରାଏ | ୧୨ |
| ୯. | କୃଶବିଦ୍ଧ | ଉମେଶ ଚନ୍ଦ୍ର ପାତ୍ର | ୧୩ |
| ୧୦. | ଦୁର୍ଲଭ ଜୀବନ | ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ | ୧୪ |
| ୧୧. | ବର୍ଷା | ସନ୍ନିଭା ମିଶ୍ର ଦାଶ | ୧୪ |
| ୧୨. | ଜଣାଣ | ସୁବାସ ରାଉତ | ୧୫ |
| ୧୩. | ଅମୃତ ବିନ୍ଦୁ | ଡ଼ ଲାବଣ୍ୟଚନ୍ଦ୍ର ସାହୁ | ୧୫ |
| ୧୪. | ହଲେ କୁରୁଳିଆ ମନ | ଦାଶ ବେନହୁର | ୧୬ |
| ୧୫. | ଜୀବନ | ମହେଶ୍ୱର ସାହୁ | ୧୬ |
| ୧୬. | ଶାସ୍ତି ପାଇଲେ ରାଜା | ଗୋବିନ୍ଦ ମହାରଣା | ୧୭ |
| ୧୭. | ଭାରତର ସର୍ବଶ୍ରେଷ୍ଠ ଆଥଲେଟ୍ .. | ଆଶିଷ କୁମାର ରାୟ | ୧୮ |
| ୧୮. | ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୨୦ |
| ୧୯. | ସମ୍ବାଦ ବିଚିତ୍ରା | | ୨୩ |
| ୨୦. | ସାଧାରଣ ଜ୍ଞାନ ଓ ବିବିଧ ସୂଚନା | | ୨୪-୩୨ |




## ସକାଳ ବନ୍ଦନା : ସଂଜ ପ୍ରାର୍ଥନା

(୭୦)



ରମେଶ ମଙ୍ଗରାଜ

ସାରା ଦୁନିଆରେ ଆପଣାର ବୋଲି
କେହି ଯଦି ବନ୍ଧୁ ଥାଏ
ସେହି ବନ୍ଧୁ ପରା ତୁମେ ଜଗବନ୍ଧୁ
କେହି ତୁମ ପରି ନୁହେଁ ॥୦॥
ରାଜଦ୍ୱାରେ ଅବା ମଶାଣିଭୂଇଁରେ
ଥାଏ ସୁଖରେ ଦୁଃଖରେ
ବଂଧୁଭାବେ ଗଣା ହୋଇଥାଏ ସିଏ
ଏଇ ଜଗତ ଭିତରେ
ସେହି କଥା ଜାଣ ତୁମେ ଏକା ବନ୍ଧୁ
ତମପରି ହେବ କିଏ ? ॥୧॥
ସେହି ବନ୍ଧୁ ପରା.....
ବନ୍ଧୁପଣେ ଥରେ ହାତଧରି ନେଲେ
ଛାଡନାହିଁ କେବେହାତ
ହସରେ ଲୁହରେ ସାଥେ ରହିଥାଅ
ବଂଧୁଭାବେ ଜଗନ୍ନାଥ
ସାତଜନମକୁ ବନ୍ଧୁ ମୁଁ ବାନ୍ଧିଛି
ଭୁଲିବାର କେବେ ନୁହେଁ ॥୨॥
ସେହିବନ୍ଧୁ ପରା....


କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡ଼ା,
ଖୋର୍ଦ୍ଧା - ୭୫୨୦୫୪
ମୋ - ୯୧୭୮୬୨୬୨୮୦




ଦାନ ଏବଂ ସତ୍‌କର୍ମ କର। କିନ୍ତୁ ଫଳ କାମନା କରନାହିଁ। ଏହାଦ୍ୱାରା ପ୍ରଭୁ ତୁମ ଉପରେ ପ୍ରସନ୍ନ ହେବେ।



# ସମ୍ପାଦକୀୟ....

ଭାରତର ୧୫ତମ ପ୍ରଥମ ଆଦିବାସୀ, ପ୍ରଥମ ଓଡ଼ିଆ, ଦ୍ୱିତୀୟ ମହିଳା ରାଷ୍ଟ୍ରପତି ମହାମହିୟସୀ ଦ୍ରୌପଦୀ ମୁର୍ମୁଙ୍କୁ ଆମରିସତ୍ୟର ସସମ୍ମାନ ଅଭିନନ୍ଦନ ଓ ସ୍ୱାଗତ। ସ୍ୱାଧୀନତାର ୭୫ ବର୍ଷରେ ତାଙ୍କର ଏହି ସର୍ବୋଚ୍ଚ ନାଗରିକତ୍ୱ ପ୍ରାପ୍ତି ଆମ ସମ୍ବିଧାନର 'ବିଭିନ୍ନତା ମଧ୍ୟରେ ଏକତା' ଭାବର ସ୍ୱାଗତଯୋଗ୍ୟ ପ୍ରତିଫଳନ। ସମଗ୍ର ଦେଶ, ବିଶେଷ କରି ଆମ ଓଡିଶା ପାଇଁ ଏକ ଗର୍ବ ଓ ଗୌରବର ବିଷୟ। ଜଣେ ଓଡିଆ ଭାରତୀୟ ସମ୍ବିଧାନର ସର୍ବୋଚ୍ଚ ପଦବୀର ଆସୀନ ହୋଇଥିବାରୁ ପ୍ରତ୍ୟେକ ଓଡିଆ ଆଜି ଗର୍ବିତ।ସେ ଜଣେ ସରଳ,ନିରଳସ,ଆତ୍ମପ୍ରଚାର ବିହିନ ଆଦର୍ଶ କର୍ମଯୋଗିନୀ। ଓଡିଶା ଦେଶର ପୂର୍ବାଞ୍ଚଳର ଏକ ଅନଗ୍ରସର ରାଜ୍ୟ। ରାଜ୍ୟ ମଧ୍ୟରେ ମୟୁରଭଞ୍ଜ ଓ ରାଇରଙ୍ଗପୁର। ଆଜିର ମହାମହିୟସୀ ରାଷ୍ଟ୍ରପତିଙ୍କ ଗ୍ରାମରେ ବିଜୁଳି ବତି ନଥିବା, ଏହି ଅଞ୍ଚଳର ଅନଗ୍ରସରତାର ଜ୍ୱଳନ୍ତ ପ୍ରମାଣ।

ନିଜର ସେବା ମନୋବୃତ୍ତି, କର୍ମନିଷ୍ଠା ଓ ସାଧନା ବଳରେ ଏହିପରି ଏକ ଉପାନ୍ତ ଅନ୍ଧକାରାଚ୍ଛନ୍ନ ପାହାଡିଆ ଅଞ୍ଚଳରୁ ସେ ତାଙ୍କର ଯାତ୍ରା ଆରମ୍ଭକରି କାଉନସିଲର, ବିଧାୟକ, ମନ୍ତ୍ରୀ, ରାଜ୍ୟପାଳ ପରେ ରାଷ୍ଟ୍ରପତି ଆସନରେ ମଣ୍ଡିତ କରିଛନ୍ତି। ସେ ଦେଶର ସମସ୍ତଙ୍କ ପାଇଁ ଏକ ଆଦର୍ଶ। ସେବା ଓ ସଂଘର୍ଷର ଏକ ମୂଲ୍ୟବାନ ପ୍ରତୀକ।ସବୁ ଓଡିଆମାନଙ୍କ ପାଇଁ ପ୍ରେରଣାର ଉତ୍ସ।

ହେ, ମୋ ଦେଶର ଓଡିଆମାନେ ତୁମେ ନିଜକୁ ଅନଗ୍ରସର ପଛୁଆ ନଭାବି ଆଳସ୍ୟ ତ୍ୟାଗକର। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପରି ଫଳପ୍ରାପ୍ତି ପାଇଁ ବ୍ୟାକୁଳତା ବର୍ଜନକରି କାର୍ଯ୍ୟ କରିଚାଲ। ଆଜି ଯେପରି ଆମେ ସମ୍ମାନୀୟା ମୁର୍ମୁଙ୍କ ପାଇଁ ଗର୍ବ କରୁଛେ, ସେହିପରି ଭବିଷ୍ୟତରେ ତୁମ ପାଇଁ ଓଡିଶା ଗର୍ବ କରିବ।

ଆଜି ରାଷ୍ଟ୍ରପତି ଓଡିଶାର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ପ୍ରମୁଖ ସଚୀବ ପ୍ରମୋଦ କୁମାର ମିଶ୍ର, ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ, ଉପଗଭର୍ଣ୍ଣର ଦେବବ୍ରତ ପାତ୍ର ଓ ବିଭୁପ୍ରସାଦ କାନୁନଗୋ, ଭାରତର କଣ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଗିରିଶ ଚନ୍ଦ୍ର ମୁର୍ମୁ ମହାପାତ୍ର, ସମସ୍ତେ ଓଡିଶାର। ସେମାନେ ସମସ୍ତେ ଆମମାନଙ୍କର ପଥ ଅନୁସରଣ କର। ଦେଶପାଇଁ, ଜାତିପାଇଁ ଗୌରବ ଆଣ। ହୀନମନ୍ୟତା ଠାରୁ ଉର୍ଦ୍ଧ୍ୱକୁ ଉଠି ନିଜକୁ, ଓଡିଶାକୁ ଓ ଓଡିଆମାନଙ୍କୁ ଗର୍ବିତ କର, ଯଶସ୍ୱୀ ହୁଅ।

ବର୍ଷ ୨୦୨୨ ଦେଶ ସ୍ୱାଧୀନତାର ୭୫ ବର୍ଷ, ହୀରକ ଜୟନ୍ତୀ। ଆମେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛେ। ବିଦେଶୀ ଇଂରେଜ ଶାସନ ବିରୁଦ୍ଧରେ ହୋଇଥିବା ସଂଘର୍ଷ, ସଂଗ୍ରାମ, ଆନ୍ଦୋଳନରେ ଯୋଗ ଦେଇ ସହିଦ୍ ହୋଇଥିବା, ନିର୍ଯାତନା ଓ କାରାଦଣ୍ଡ ଭୋଗିଥିବା ସଂଗ୍ରାମୀମାନଙ୍କର ତ୍ୟାଗ ଓ ବଳିଦାନ ଫଳରେ ଭାରତ ସ୍ୱାଧୀନ ହେଲା। ସଂଗ୍ରାମୀମାନେ ଯେଉଁ ନୂଆ ସ୍ୱାଧୀନ ଭାରତର ସ୍ୱପ୍ନ ଦେଖିଥିଲେ ତାହାକୁ ସାକାର କରିବା ଦାୟିତ୍ୱ ଉତ୍ତର ପିଢି ଉପରେ ନ୍ୟସ୍ତ ହେଲା। ସଂଗ୍ରାମୀମାନଙ୍କର ଦାୟାଦମାନେ କିନ୍ତୁ ସ୍ୱାଧୀନତା ଆକାରରେ ମିଳିଥିବା ଅଧିକାର ଓ କ୍ଷମତାକୁ ସମସ୍ତଙ୍କର ଉନ୍ନତିକରିବା ପରିବର୍ତ୍ତେ ଆଞ୍ଚଳିକ, ଜାତିଗତ, ସାମ୍ପ୍ରଦାୟିକ ସଂକୀର୍ଣ୍ଣତାକୁ ଉପଯୋଗକରି ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସ୍ୱାର୍ଥ ହାସଲ ପାଇଁ ପରସ୍ପର ମଧ୍ୟରେ ପ୍ରତିଯୋଗୀତା ଆରମ୍ଭ କଲେ। ଭାରତ ଭଳି ବିଭିନ୍ନତା ମଧ୍ୟରେ ଏକତା ନୀତିତେ ପ୍ରଷ୍ଟିତ ଏକ ଦେଶପାଇଁ ଅହିତକର ଓ ବିଶୃଙ୍ଖଳିତ ସାବ୍ୟସ୍ତ ହେଲା। ଫଳ ସ୍ୱରୂପ ବିଗତ ୭୫ ବର୍ଷ ମଧ୍ୟରେ ଦେଶ ଯେପରି ଓ ଯେତିକି ଅଗ୍ରସର ହେବା କଥା, ତାହା ହେଲା ନାହିଁ। ବିଶ୍ୱକୁ ଏକ ସମୟରେ ଜ୍ଞାନାଲୋକ ପ୍ରଦାନ କରିଥିବା ଦେଶ ଅନଗ୍ରସର ଓ ଦିଶାହୀନ ହୋଇଗଲାପରି ପ୍ରତୀତ ହୁଏ। ଏହା ଇତିହାସର ବିଡମ୍ବନା।


ସମସ୍ତଙ୍କର ମିଳିତ ସହଯୋଗରେ ଦେଶ ସ୍ୱାଧୀନ ହେଲା। ତଦନୁରୂପ ମିଳିତ ସହଯୋଗରେ ଦେଶର ଉନ୍ନତି ସାଧନ ହେବାକଥା। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଆସନ୍ତୁ ସବୁ ଭେଦଭାବ ଭୁଲି, ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସ୍ୱାର୍ଥକୁ ପରିତ୍ୟାଗକରି ଦେଶ ମାତୃକାର ସେବା ଓ ଉନ୍ନତି ପାଇଁ ଏକାଠି ହୋଇ ସଂକଳ୍ପନେବା ଓ କାର୍ଯ୍ୟ କରିବା। ଦେଶ ଓ ଦଶର ଉନ୍ନତିପାଇଁ ନିଜକୁ ସ୍ୱାଧୀନତା ସଂଗ୍ରାମୀମାନଙ୍କପରି ଉତ୍ସର୍ଗ କରିବା। ଏକ ନୂତନ ସଂଗ୍ରାମ ଆରମ୍ଭ କରିବା। ତାହାହେଲେହିଁ ନିଜର ଓ ସମୁହର ମଙ୍ଗଳ ହେବ। ଜୀବନ ଅମୃତମୟ ଓ ମଧୁମୟ ହେବ। ଜୟହିନ୍ଦ୍ ।

ଡ. ପ୍ରସନ୍ନ କୁମାର



ଶାନ୍ତ ସ୍ୱଭାବରେ ରୁହ। ତୁମ ଉପରେ କେହି ଦୋଷାରୋପ କଲେ ମଧ୍ୟ ମନକୁ ଖରାପ କରନାହିଁ।

# ହିତ ବାଣୀ



## ଗୀତା

ନ କର୍ମଣାମନାରମ୍ଭାନ୍ନୈଷ୍କର୍ମ୍ୟଂ ପୁରୁଷୋଽଶ୍ନୁତେ।
ନ ଚ ସନ୍ନ୍ୟସନାଦେବ ସିଦ୍ଧିଂ ସମଧିଗଚ୍ଛତି।।୩/୪

ମନୁଷ୍ୟ କର୍ମାଚରଣ ନ କରି ନିଷ୍କର୍ମତା ବା ଯୋଗନିଷ୍ଠା ପାଇପାରେ ନାହିଁ, କି କେବଳ କର୍ମ ତ୍ୟାଗ କରିଦେଇ ବି ସିଦ୍ଧି ବା ସାଂଖ୍ୟନିଷ୍ଠା ପାଇପାରେ ନାହିଁ।

## ଭାଗବତ ବାଣୀ

ଘରୁ ଅତିଥି ବାହୁଡ଼େ।
ସେ ପ୍ରାଣୀ ପ୍ରେତ ମୁଖେ ପଡ଼େ।।
ତାର ସଞ୍ଚିତ ପୁଣ୍ୟଯେତେ।
ଗମନ୍ତି ଅତିଥି ସଙ୍ଗତେ।।

## ଢଗଠମାଳି

ଅଇଲତ ବନ୍ଧୁ ଭଲ କଲ, ଦାଣ୍ଡରେ ହୋଇଲ ଠିଆ,
ପାଣି ମୁନ୍ଦିଏ ଦିଅନ୍ତି ବନ୍ଧୁ! ଦଦରା ମାଠିଆ
ପୀଢ଼ା ଖଣ୍ଡିଏ ଦିଅନ୍ତି ବନ୍ଧୁ ! ବଢେଇ ଘରେ ଭିଆ (ବାହା)
ପଇଡ଼ଟିଏ ଦିଅନ୍ତି ବନ୍ଧୁ ! ବାଉରି ଖାଇଛି ମାଡ଼,
ଯେଉଁ ବାଟେ ବାଟେ ଆସିଛି ବନ୍ଧୁ ! ସେଇ ବାଟେ ବାଟେ ଫେର (ବାହଡ)
(ଘରକୁ ସମାଗତ ବନ୍ଧୁଙ୍କୁ ମୁହେଁ ମୁହେଁ ମିଷ୍ଟ ବଚନ ଦ୍ୱାରା ବୋଧ ସୋଧ କରି ବଦାୟ ଦେବା ବ୍ୟକ୍ତି ପ୍ରତି ବ୍ୟଙ୍ଗ)

## ଚାଣକ୍ୟ ନୀତି

ସଜ୍ଜନ ପୁରୁଷ ଧ୍ୟାନ ସତ୍‌ସଙ୍ଗକାରୀଙ୍କ ମଙ୍ଗଳ କରିଥାନ୍ତି-
ଦର୍ଶନ-ଧ୍ୟାନ-ସଂସ୍ପର୍ଶୈର୍ମସ୍ୟୀ କୂର୍ମୀ ଚ ପକ୍ଷିଣୀ।
ଶିଶୁଂ ପାଳୟତେ ନିତ୍ୟଂ ତଥା ସଜ୍ଜନସଙ୍ଗତିଃ।।

ଯେଉଁ ପ୍ରକାରେ ମତ୍ସୀ ଦର୍ଶନଦ୍ୱାରା, କଚ୍ଛପୀ ଧ୍ୟାନଦ୍ୱାରା, ପକ୍ଷୀ ସ୍ପର୍ଶଦ୍ୱାରା ସର୍ବଦା ନିଜର ଶିଶୁକୁ ପାଳନ କରିଥାନ୍ତି, ସେହିପ୍ରକାର ସଜ୍ଜନମାନଙ୍କ ସଙ୍ଗତି ମଧ୍ୟ ଦର୍ଶନ, ଧ୍ୟାନ ତଥା ସ୍ପର୍ଶଦ୍ୱାରା ସତ୍‌ସଙ୍ଗକାରୀଙ୍କର ମଙ୍ଗଳ ବିଧାନ କରିଥାନ୍ତି।

## ଆତ୍ମତତ୍ତ୍ୱ

ଶେଫାଳି

କ୍ଷୁଦ୍ର ମୁହିଁ ଦୀନ ମୁହିଁ ରେଣୁକଣା ଜଗତେ ,
ଚାହିଁଲେ ବିଶାଳ ବିଶ୍ୱ ଆସୁଛି କି ପରତେ,
କ୍ଷୁଦ୍ର ହେଲେ ସିନା ମୁହିଁ ଅକାରଣେ ଜନ୍ମି ନାହିଁ
ଅନନ୍ତ ବିନାଶ ମୋର ଲେଖାନାହିଁ କପାଳେ ,
ଏକାରାତି ପାଇଁ ଫୁଟି ଝଡିଯିବି ସକାଳେ ।

- କୁନ୍ତଳା କୁମାରୀ ସାବତ

## ପ୍ରବାଦ

**ଏଣ୍ଡୁଅ ଉପରେ ଓଉ ବୋଝ**
(ଯିଏ ଯାହା କରିବାକୁ ଅକ୍ଷମ ତା'ଉପରେ ସେହି ଭାର ଲଦି ଦେବା)

**ଏଣ୍ଡୁଅ ଦୌଡି ଦୌଡି ସିଝୁ ବୁଢା ଯାଏ**
(କ୍ଷମତାଶାଳୀ ଲୋକ, କ୍ଷମତାଶୂନ୍ୟ ହେବା ବ୍ୟକ୍ତିଙ୍କ ପାଇଁ)



# ମହାମହିୟସୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



ଡ. ପ୍ରମୋଦ ଚନ୍ଦ୍ର ଦାଶ

**ବାଲ୍ୟ ଜୀବନ :**

ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରୁ ୨୫ କିଲୋମିଟର ଦୂର କୁସୁମି ବ୍ଲକର ଏକ ନିପଟ ମଫସଲ ଗ୍ରାମ ଉପରବେଡ଼ାରେ ଜୁନ ୨୦, ୧୯୫୮ ମସିହାରେ ତାଙ୍କର ଜନ୍ମ। ପିତା ସ୍ୱର୍ଗତଃ ବିରଞ୍ଚି ନାରାୟଣ ଟୁଡୁ ଓ ମାତା ସ୍ୱର୍ଗତଃ ସିଂଗୋଡ଼ା ଟୁଡୁ। ଦୌପଦୀଙ୍କର ଦୁଇ ଭାଇ - ସ୍ୱର୍ଗତଃ ଭଗତ ଚରଣ ଟୁଡୁ ଓ ତାରିଣୀ ସେନ ଟୁଡୁ।

ଦ୍ରୌପଦୀଙ୍କର ପିଲାଦିନର ନାମ ପୁତି ବିରଂଚି ଟୁଡୁ ଥିଲା। ତାଙ୍କର ଶିକ୍ଷକ ଦ୍ରୌପଦୀ ନାମ ରଖିଥିଲେ। ଶ୍ୟାମଚରଣ ମୁର୍ମୁଙ୍କୁ ବିବାହ କରିବା ପରେ ସେ ହେଲେ ଦ୍ରୌପଦୀ ମୁର୍ମୁ।

**ଶିକ୍ଷା:**

ସେ ଉପରବେଡ଼ା ଗ୍ରାମରୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷା (ପ୍ରଥମରୁ ସପ୍ତମ ଶ୍ରେଣୀ) ଗ୍ରହଣ କରିବା ପରେ ଅଧିକ ପାଠ ପଢ଼ିବା ଚିନ୍ତାରେ ଥିଲେ। ତାଙ୍କର ଦାଦା ସ୍ୱର୍ଗତ କାର୍ତ୍ତିକଚନ୍ଦ୍ର ମାଝୀ ସେତେବେଳେ ବିଧାୟକ ଥିଲେ। ଦାଦାଙ୍କର ତତ୍ତ୍ୱାବଧାନରେ ଆଦିବାସୀ ଛାତ୍ରୀ ନିବାସରେ ରହି ୟୁନିଟ-୨ ବାଳିକା ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱରରେ ୧୯୬୯ରୁ ୧୯୭୩ ପର୍ଯ୍ୟନ୍ତ ୪ ବର୍ଷ ହାଇସ୍କୁଲ ଶିକ୍ଷା ଲାଭ କରିଛନ୍ତି।

ହାଇସ୍କୁଲ ଶିକ୍ଷା ଲାଭ ପରେ କଲେଜରେ ପଢ଼ିବା ପାଇଁ ଆବେଦନ କରିବା ତାଙ୍କୁ ଜଣା ନଥିଲା। ତେଣୁ ସେ ଗୋଟିଏ ବର୍ଷ ଶିକ୍ଷା ଲାଭରୁ ବଞ୍ଚିତ ହୋଇଛନ୍ତି। ତାପରେ ରମାଦେବୀ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱରରୁ ୧୯୭୯ ମସିହାରେ କଳାରେ ସ୍ନାତକ ଡ଼ିଗ୍ରୀ ହାସଲ କରିଛନ୍ତି। ସେତେବେଳେ ତାଙ୍କର ବାପା ଏବଂ ମାଆ ମାସିକ ତାଙ୍କୁ ୧୦ଟଙ୍କା ଖର୍ଚ୍ଚ ଦେଉଥିଲେ।

**ପରବର୍ତ୍ତୀ ଜୀବନ:**

ପାଠପଢ଼ା ସରିବା ପରେ ୧୯୭୯ ରୁ ୧୯୮୩ ମସିହା ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କର ଜଳସେଚନ ଏବଂ ଶକ୍ତି ବିଭାଗରେ କନିଷ୍ଠ ସହାୟକ ଭାବରେ ଚାକିରି କରୁଥିବା ସମୟରେ ୧୯୮୦ ମସିହାରେ ଜଣେ ବ୍ୟାଙ୍କ ଅଫିସର, ଶ୍ୟାମ ଚରଣ ମୁର୍ମୁଙ୍କୁ ବିବାହ କରିଥିଲେ। ତାପରେ ରାଇରଙ୍ଗପୁରରେ ୧୯୯୪ ରୁ ୧୯୯୭ ମସିହା ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଅବୈତନିକ ଶିକ୍ଷୟତ୍ରୀ ଭାବରେ ହିନ୍ଦୀ, ଓଡିଆ, ଗଣିତ ତଥା ଭୂଗୋଳ ପଢାଉଥିଲେ।

***ମହାମହିୟସୀ ଦ୍ରୌପଦୀ ମୁର୍ମୁ ଭାରତର ୧୫ତମ ରାଷ୍ଟ୍ରପତି ଭାବରେ ଦେଶର ପ୍ରଥମ ନାଗରିକ ମୁକୁଟ ପିନ୍ଧିଛନ୍ତି । ସେ ଦେଶର ସର୍ବ କନିଷ୍ଠ ତଥା ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି। ସେ ମଧ୍ୟ ଦେଶର ଦ୍ୱିତୀୟ ମହିଳା ରାଷ୍ଟ୍ରପତି। ଏକ କ୍ଷୁଦ୍ର ଆଦିବାସୀ ଗ୍ରାମରୁ ରାଇସିନା ହିଲ (ରାଷ୍ଟ୍ରପତି ଭବନ) ଯିବା ଓଡ଼ିଶାର ୪.୫ କୋଟି ଜନତାଙ୍କ ପାଇଁ ନିଶ୍ଚିତ ଭାବରେ ଏକ ଗର୍ବ ଏବଂ ଗୌରବର ବିଷୟ।***

**ଅତ୍ୟନ୍ତ ଦୁଃଖଭରା ଜୀବନ :**

୭ ବର୍ଷ (୨୦୦୯ ରୁ ୨୦୧୫) ମଧ୍ୟରେ ନିଜର ଦୁଇ ପୁଅ, ମାଆ, ସ୍ୱାମୀ ଏବଂ ଗୋଟିଏ ଭାଇଙ୍କୁ ହରାଇଛନ୍ତି। ୨୦୧୪ ରେ ସ୍ୱାମୀ ଶ୍ୟାମଚରଣ ମୁର୍ମୁଙ୍କର ହୃଦଘାତରେ ଦେହାନ୍ତ ହୋଇଥିଲା। ୨୦୦୯ରେ ୨୫ ବର୍ଷର ପୁଅ ଲକ୍ଷ୍ମଣ ମୁର୍ମୁଙ୍କର ରହସ୍ୟ ଜନକ ଭାବେ ମୃତ୍ୟୁ ହୋଇଥିଲା। ୨୦୧୩-ରେ ଦ୍ୱିତୀୟ ପୁଅ ସିପୁନ ମୁର୍ମୁର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ୪ବର୍ଷ ଅନ୍ତରରେ ଦୁଇଟି ପୁଅଙ୍କର ଦେହାନ୍ତ ହେବା ସହ ୨୦୧୪ରେ ସ୍ୱାମୀ ଶ୍ୟାମଚରଣ ମୁର୍ମୁଙ୍କର ଦେହାନ୍ତ ତାଙ୍କୁ ଗଭୀର ମାନସିକ ଆଘାତ ଦେଇଥିଲା।

ସେ ଅତ୍ୟନ୍ତ ଦୁଃଖରେ ଥାଇ ମଧ୍ୟ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ବ୍ରହ୍ମାକୁମାରୀ ଭାବରେ ରାଜଯୋଗ ଶିକ୍ଷା କରିଛନ୍ତି। ଅନେକ ଦୁଃଖଯନ୍ତ୍ରଣା ମଧ୍ୟରେ ଦୃଢ଼ମନୋବଳ ସହ ଆଗେଇ ଚାଲିଲେ । ଏବେ ତାଙ୍କର ଗୋଟିଏ ଝିଅ ଇତୀଶ୍ରୀ ମୁର୍ମୁ ଅଛନ୍ତି। ସେ ଏକ ବ୍ୟାଙ୍କରେ କାର୍ଯ୍ୟରତା।

ସେ ତାଙ୍କର ଶାଶୂଘର ପାହାଡ଼ପୁର ଗ୍ରାମରେ ସ୍ୱାମୀ ଓ ଦୁଇପୁଅଙ୍କର ସ୍ମୃତିରେ ଏସ୍.ଏଲ.ଏସ୍ ସ୍ମାରକୀ ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି।

**ରାଜନୈତିକ ଜୀବନ:**

ରାଇରଙ୍ଗପୁରରେ ଶିକ୍ଷକତା କରୁଥିବା ସମୟରେ ପରିବାର ଏବଂ ପଡ଼ୋଶୀଙ୍କର ପ୍ରେରଣାରେ ରାଜନୀତିରେ ପ୍ରବେଶ କଲେ। ୧୯୯୭ ମସିହାରେ ରାଇରଙ୍ଗପୁର ବିଜ୍ଞାପିତ ଅଞ୍ଚଳରୁ କାଉନସିଲର ଭାବରେ ବିଜୟୀ ହୋଇ ପରିଷଦର ଉପାଧ୍ୟକ୍ଷା ହେଲେ। ସେହି ବର୍ଷ ବିଜେପି ଆଦିବାସୀ ମହିଳା ମୋର୍ଚ୍ଚାର ମଧ୍ୟ ଉପାଧ୍ୟକ୍ଷା ହେଲେ। ୨୦୦୦ ଏବଂ ୨୦୦୪ରେ ରାଇରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଭାରତୀୟ ଜନତା ପାର୍ଟିର ପ୍ରାର୍ଥିନୀ ଭାବରେ ବିଧାୟିକା ନିର୍ବାଚିତ ହୋଇଛନ୍ତି। ମାର୍ଚ୍ଚ ୬, ୨୦୦୦ରୁ ଅଗଷ୍ଟ ୬, ୨୦୦୨ ପର୍ଯ୍ୟନ୍ତ ଓଡିଶା ସରକାରଙ୍କର ପରିବହନ ଏବଂ ବାଣିଜ୍ୟ ମନ୍ତ୍ରୀ(ସ୍ୱାଧୀନ), ୬ ଅଗଷ୍ଟ ୨୦୦୨ ରୁ ୧୬ ମଇ ୨୦୦୪ ପର୍ଯ୍ୟନ୍ତ ମତ୍ସ୍ୟ ଏବଂ ପଶୁପାଳନ ମନ୍ତ୍ରୀ ଭାବରେ ଦାୟିତ୍ୱ ତୁଲାଇଛନ୍ତି। ୨୦୦୪ରେ ରାଇରଙ୍ଗପୁରରୁ ବିଧାୟିକା ଭାବରେ ପୁନଃ ନିର୍ବାଚିତ ହେଲେ।

ତାଙ୍କୁ ୨୦୦୭ରେ ଶ୍ରେଷ୍ଠ ବିଧାୟିକା ଭାବରେ ନୀଳକଣ୍ଠ ସମ୍ମାନରେ ସମ୍ମାନିତ କରାଯାଇଛି।

୨୦୦୯ରେ ବିଜେପି ଟିକେଟରେ ଲୋକସଭା ନିର୍ବାଚନରେ ହାରିଛନ୍ତି। ମେ ୧୮, ୨୦୧୫ ମସିହାରେ ଝାଡ଼ଖଣ୍ଡର ନବମ ରାଜ୍ୟପାଳ ଭାବରେ ନିଯୁକ୍ତି ପାଇ ଜୁଲାଇ ୬, ୨୦୨୧ ମସିହା ପର୍ଯ୍ୟନ୍ତ ସଫଳତାର ସହିତ ଦାୟିତ୍ୱ ତୁଲାଇଛନ୍ତି। ସେ ଝାଡ଼ଖଣ୍ଡର ରାଜ୍ୟପାଳ ଭାବେ ସମ୍ପୂର୍ଣ୍ଣ ୫ ବର୍ଷ ଦାୟିତ୍ୱ ତୁଲାଇବାରେ ପ୍ରଥମ।

ଜୁନ ୨୦୨୨ରେ ଏନ.ଡି.ଏର ରାଷ୍ଟ୍ରପତି ପ୍ରାର୍ଥିନୀ ଭାବରେ ସେ ଘୋଷିତ ହେଲେ। ତାଙ୍କ ବିପକ୍ଷରେ ୟୁନାଇଟେଡ୍ ଆଲ୍ଲିୟାନସ୍‌ର ପ୍ରାର୍ଥୀ ଯଶୋବନ୍ତ ସିହ୍ନା ପ୍ରତିଦ୍ୱନ୍ଦିତା କରୁଥିଲେ । ଜୁଲାଇ ୧୮,୨୦୨୨ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଜୁଲାଇ ୨୧, ୨୦୨୨ରେ ୬୪.୦୩ ପ୍ରତିଶତ ଭୋଟ ପାଇ ଭାରତର ୧୫ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲେ।



ଜୁଲାଇ ୨୫, ୨୦୨୨ ପୂର୍ବାହ୍ନ ୧୦ଟା ୧୩ ମିନିଟ୍‌ରେ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଏନ୍.ଭି.ରମନ୍ନା ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବା ପରେ ଓଡ଼ିଶା ତଥା ଭାରତ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଯାଇଛି।




ରାଇରଙ୍ଗପୁରସ୍ଥିତ ବାଇଦାପୋଷି ବାସଭବନ, କୁସୁମି ବ୍ଲକ ଉପରବେଡ଼ା ଜନ୍ମମାଟି, ଶାଶୂଘର ପାହାଡ଼ପୁର ଗ୍ରାମ ସମେତ ଓଡ଼ିଶାର ପୁରପଲ୍ଲୀର ସମସ୍ତ ଜନତା ଅତ୍ୟନ୍ତ ଆନନ୍ଦିତ। ସମଗ୍ର ବିଶ୍ୱରୁ ଅନେକ ଶୁଭେଚ୍ଛା ମଧ୍ୟ ଗ୍ରହଣ କରୁଛନ୍ତି।



ମନୁଷ୍ୟର କୌଣସି ପାପକାର୍ଯ୍ୟ ଲୁଚାଇ କରିବା ଉଚିତ୍ ନୁହେଁ, ଯାହାଦ୍ୱାରା ଭଗବାନଙ୍କ ଦୃଷ୍ଟିରେ ସେ ଦୋଷୀ ପ୍ରମାଣିତ ହେବ।

# ଲୀଳାବତୀ ପୁରସ୍କାର



ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ଶରୀର ବିଜ୍ଞାନ, ପଦାର୍ଥ ବିଜ୍ଞାନ ଏବଂ ରସାୟନ ବିଜ୍ଞାନରେ ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଗଣିତରେ ନୋବେଲ୍ ପୁରସ୍କାର ଦିଆଯାଏ ନାହିଁ। କାରଣ ଗଣିତରେ ପୁରସ୍କାର ଦେବା ବିଷୟ ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲ୍‌ଫ୍ରେଡ୍ ନୋବେଲ୍ ତାଙ୍କ ଉଇଲ୍‌ରେ ଉଲ୍ଲେଖ କରି ନାହାନ୍ତି। ଏହାର କାରଣ କେବଳ ତାଙ୍କୁ ହିଁ ଜଣା। ମାତ୍ର ଗଣିତ ଓ ବିଜ୍ଞାନ ସାମ୍ରାଜ୍ୟର ସାମ୍ରାଜ୍ଞୀ! ତେବେ ଗଣିତରେ ମଧ୍ୟ ଦିଆଯାଇଥାଏ କେତୋଟି ଆନ୍ତର୍ଜାତିକ ପୁରସ୍କାର। ଏଗୁଡ଼ିକ ପ୍ରଦତ୍ତ ହୋଇଥାଏ ଇଣ୍ଟରନେସନାଲ ମ୍ୟାଥେମେଟିକାଲ୍ ୟୁନିୟନ୍ (ଆଇ.ଏମ୍.ୟୁ) ବା ଆନ୍ତର୍ଜାତିକ ଗାଣିତକ ୟୁନିୟନ୍ ଆନୁକୂଲ୍ୟରେ। ସେହି ପୁରସ୍କାରମାନ ଭିନ୍ନ ଭିନ୍ନ ସମୟରେ ପ୍ରବର୍ତ୍ତିତ ହୋଇଛି। ପ୍ରତି ଚାରିବର୍ଷ ଅନ୍ତରରେ ଅନୁଷ୍ଠିତ ଗଣିତଜ୍ଞମାନଙ୍କର ଆନ୍ତର୍ଜାତିକ ସମ୍ମିଳନୀ ବା ଇଣ୍ଟରନେସନାଲ୍ କଂଗ୍ରେସ୍ ଅଫ୍ ମ୍ୟାଥେମେଟିସିଆନ୍ସ (ଆଇ.ସି.ଏମ୍.) ରେ ସେହି ପୁରସ୍କାରଗୁଡ଼ିକ ପ୍ରଦାନ କରାଯାଇଥାଏ।

ସେହି ପୁରସ୍କାରଗୁଡ଼ିକ ହେଲା-

୧. ଫିଲ୍‌ଡ୍‌ସ ମେଡ଼ାଲ
୨. ନେଭାନ୍‌ଲିନା ପୁରସ୍କାର
୩. ଗାଉସ୍ ପୁରସ୍କାର
୪. ଚର୍ନ୍ ମେଡ଼ାଲ ଏବଂ
୫. ଲୀଳାବତୀ ପୁରସ୍କାର।

ଏଗୁଡ଼ିକ ବ୍ୟତୀତ ପ୍ରତିବର୍ଷ ବିଭିନ୍ନ ସଂସ୍ଥାଦ୍ୱାରା ପ୍ରଦତ୍ତ ହୁଏ ବିଶିଷ୍ଟ 'ଆବେଲ୍ ପୁରସ୍କାର', 'ଅୟଲାର୍ ମେଡ଼ାଲ୍', 'ଫାର୍ମା ପୁରସ୍କାର', 'ଏଡ଼ମ୍‌ସ ପୁରସ୍କାର, 'କୋଲ୍ ପୁରସ୍କାର', 'ଶାସ୍ତ୍ର ରାମାନୁଜନ ପୁରସ୍କାର', ଇନ୍‌ଫୋସିସ୍ ପୁରସ୍କାର ଇତ୍ୟାଦି।

ଫିଲଡ଼ସ୍ ମେଡ଼ାଲକୁ ଅନେକ ଗଣିତର ନୋବେଲ ପୁରସ୍କାର ବୋଲି କହିଥାନ୍ତି। କିନ୍ତୁ ମନେ ରଖିବାର କଥା ଯେ ଏହି ପୁରସ୍କାର ଦିଆଯାଏ ପ୍ରତି ଚାରିବର୍ଷ ବ୍ୟବଧାନରେ; ପୁଣି ୪୦ବର୍ଷ ବୟସରୁ କମ୍ ହୋଇଥିବା ଗଣିତଜ୍ଞଙ୍କୁ। ସର୍ବାଧିକ ଚାରିଜଣଙ୍କୁ ଏହି ପୁରସ୍କାର ଦିଆଯାଇପାରେ। ସବୁଠାରୁ କମ୍ ବୟସ (୨୪ ବର୍ଷ) ଗଣିତଜ୍ଞ ଫ୍ରାନ୍ସର ଜିନ୍ ପିୟେରେ ୧୯୫୪ ମସିହାରେ ଏହି ପୁରସ୍କାର ଲାଭ କରି ଏ ଯାବତ୍ ରହି ଆସିଛନ୍ତି ସର୍ବକନିଷ୍ଠ ପ୍ରାପକ୍।

ଚର୍ନ୍ ମେଡ଼ାଲ୍'ର ବିଜେତାଙ୍କୁ ଦିଆଯାଇଥାଏ ଅଢ଼େଇ ଲକ୍ଷ ଆମେରିକୀୟ ଡ଼ଲାର୍।

ଇଣ୍ଟରନେସନାଲ୍ କଂଗ୍ରେସ ଅଫ୍ ମ୍ୟାଥେମେଟିସିଆନ୍ସ ୨୦୧୦ ମସିହାରେ ଅନୁଷ୍ଠିତ ହୋଇଥିଲା ଭାରତର ହାଇଦ୍ରାବାଦ ସହରରେ। ସେହି ସମ୍ମିଳନୀରେ ଭାରତୀୟ ପ୍ରତିନିଧିମାନଙ୍କ ପକ୍ଷରୁ ଲୀଳାବତୀ ପୁରସ୍କାର ପ୍ରଚଳନ କରିବାର ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ଏହି ପ୍ରସ୍ତାବଟି ସପକ୍ଷରେ ସମବେତ ଗଣିତଜ୍ଞମାନେ ଏତେ ଉତ୍ସାହ ତଥା ସମର୍ଥନ ଦେଖେଇଥିଲେ ଯେ ଆଇ.ଏମ୍.ୟୁ. ପ୍ରସ୍ତାବଟିକୁ ସାଦରେ ଗ୍ରହଣ କରିନେଇ ପ୍ରତି ଚାରିବର୍ଷରେ ଏହି ପୁରସ୍କାର ପ୍ରଦାନ କରିବାପ୍ରତି ସମ୍ମତ ହୋଇଥିଲା। ଆଇ.ସି.ଏମ୍.ର ସମାପ୍ତି ଅନୁଷ୍ଠାନରେ ପୁରସ୍କାର ଦିଆଯିବାର ସ୍ଥିର ହେଲା। ଇନ୍‌ଫୋସିସ୍ ସଂସ୍ଥା ଏହି ପୁରସ୍କାରର ଆର୍ଥିକ ବ୍ୟୟଭାର ବହନ କରିଥାଏ। ୨୦୧୦ ମସିହାଠାରୁ ଲୀଳାବତୀ ପୁରସ୍କାର ଦିଆହୋଇ ଆସୁଛି।

ଲୀଳାବତୀ ପୁରସ୍କାର କିନ୍ତୁ ଗଣିତ ଗବେଷଣାରେ ଉତ୍କର୍ଷ ବା ମୌଳିକ ଅବଦାନ ନିମିତ୍ତ ଦିଆଯାଏ ନାହିଁ, ଗାଣିତିକ ବିଜ୍ଞାନକୁ ଗଣଧର୍ମୀ କରାଇବା ପାଇଁ ଦିଆଯାଇଥାଏ। ଗାଣିତିକ ବିଜ୍ଞାନର ଜ୍ଞାନର ପ୍ରଚାର ପ୍ରସାର କାର୍ଯ୍ୟଗୁଡ଼ିକରେ ଅଂଶଗ୍ରହଣ ଆତ୍ମନିୟୋଗ କରିବାରେ ବିଶିଷ୍ଟ ଭୂମିକା ଗ୍ରହଣ କରଥିବା ହିଁଗଣିତଜ୍ଞ ପୁରସ୍କାର ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥାନ୍ତି। ଲୀଳାବତୀ ପୁରସ୍କାରର ବିଜେତାଙ୍କୁ ପ୍ରଦତ୍ତ ହୋଇଥାଏ ଗୋଟିଏ ପ୍ରଶଂସା ପତ୍ର ଏବଂ ଦଶଲକ୍ଷ ଟଙ୍କା।

ପ୍ରାଚୀନ ଭାରତର ମହାନ୍ ଗଣିତଜ୍ଞ ଥିଲେ ଭାସ୍କରାଚାର୍ଯ୍ୟ ବା ଦ୍ୱିତୀୟ ଭାସ୍କର (୧୧୧୪-୧୧୮୫)। ସେ ରଚନା କରିଥିଲେ 'ସିଦ୍ଧାନ୍ତ ଶିରୋମଣି' ନାମକ ଏକ ଅବିସ୍ମରଣୀୟ ଗ୍ରନ୍ଥ। ଗ୍ରନ୍ଥଟି ଚାରିଭାଗରେ ବିଭକ୍ତ। ଏହାର ପ୍ରଥମ ଭାଗଟି ହେଉଛି 'ଲୀଳାବତୀ'। ଭାସ୍କରାଚାର୍ଯ୍ୟ ନିଜ କନ୍ୟା ଲୀଳାବତୀକୁ ଗଣିତଶାସ୍ତ୍ର ସମ୍ବନ୍ଧୀୟ ଶିକ୍ଷାପ୍ରଦାନ କରିବା ନିମନ୍ତେ ଯେଉଁ ୨୭୮ଟି ଶ୍ଳୋକ ଲେଖିଥିଲେ, ସେହି ଶ୍ଳୋକଗୁଡ଼ିକ ଏଥିରେ ସନ୍ନିବିଷ୍ଟ ହୋଇଛି। ଲୀଳାବତୀ ଗ୍ରନ୍ଥଟି ମୂଳତଃ ପାଶ ଗଣିତ ଉପରେ ପର୍ଯ୍ୟବସିତ। ଗଣିତକୁ ସରସ ଭାଷାରେ ପ୍ରକାଶ କରିବା ଉଦ୍ଦେଶ୍ୟରେ ଭାସ୍କରାଚାର୍ଯ୍ୟ ସୁଲଳିତ କବିତାର ଛନ୍ଦରେ ବିଭିନ୍ନ ଶ୍ଳୋକ ମାଧ୍ୟମରେ ନାନା ଗାଣିତିକ ସମସ୍ୟାର ଉପସ୍ଥାପନ କରିଛନ୍ତି ଗ୍ରନ୍ଥଟିରେ। ଗ୍ରନ୍ଥଟିର ଅସମ୍ଭବ ଜନପ୍ରିୟତା ପ୍ରଭାବ ଯୋଗୁ ଏହାର ଯେତୋଟି ଭାଷା ରଚିତ ହୋଇଛି, ତାହା ଅନ୍ୟ କୌଣସି ପ୍ରାଚୀନ ଗଣିତ ଗ୍ରନ୍ଥ ଉପରେ ରଚିତ ହୋଇନି। ପାରସୀ, ହିନ୍ଦୀ, କନ୍ନଡ଼, ଗୁଜୁରାତୀ, ତେଲଗୁ, ବଙ୍ଗଳା ପ୍ରଭୃତି ବିଭିନ୍ନ ଭାଷାରେ ଏହା ଅନୁଦିତ ହୋଇଛି।

୨୦୧୦ ମସିହାରେ ସର୍ବପ୍ରଥମ ଲୀଳାବତୀ ପୁରସ୍କାର ପ୍ରାପ୍ତ ହୋଇଥିଲେ ଭାରତୀୟ ବଂଶୋଦ୍ଭବ ବ୍ରିଟିଶ ନାଗରିକ ସାୟମନ ସିଂହ। ତାଙ୍କର ଜନ୍ମ ୧୯୬୪ ମସିହାରେ ତାଙ୍କ ପିତାମାତା ୧୯୫୦ ମସିହାରେ ପଞ୍ଜାବରୁ ବ୍ରିଟେନ୍ ଚାଲିଯାଇ ସେଠାରେ ବସବାସ କରିଥିଲେ। ସାୟମନ ପଦାର୍ଥ ବିଜ୍ଞାନ



ନିଜର ବନ୍ଧୁବାନ୍ଧବ ଏବଂ ପଡ଼ୋଶୀମାନଙ୍କୁ ପ୍ରକୃତ ପ୍ରଶଂସାକର। କିନ୍ତୁ ନିନ୍ଦା କରନାହିଁ।

ଅଧ୍ୟୟନ କରିଥିଲେ ଲଣ୍ଡନସ୍ଥିତ ଇମ୍ପେରିଆଲ୍ କଲେଜରେ। ତା'ପରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଓ ଜେନେଭାର ସର୍ନ୍ (CERN) ରେ ପାର୍ଟିକଲ ଫିଜିକ୍ସ ବା କଣିକା ପଦାର୍ଥ ବିଜ୍ଞାନ ଶାଖାରେ ଗବେଷଣାକରି ପ୍ରାପ୍ତ ହୋଇଥିଲେ ପିଏଚ୍.ଡ଼ି. ଡ଼ିଗ୍ରୀ। ୧୯୯୦ ରେ ସେ ବ୍ରିଟିଶ ବ୍ରଡ଼କାଷ୍ଟିଙ୍ଗ୍ କର୍ପୋରେସନ୍ ବା ବି.ବି.ସି ର 'ସାଇନ୍ସ ଆଣ୍ଡ ଫିଚରସ୍' ବିଭାଗରେ ଯୋଗଦେଲେ। ସେ ବି.ବି.ସି ରେ ପ୍ରଖ୍ୟାତ ଫରାସୀ ଗଣିତଜ୍ଞ ଫର୍ମାଙ୍କ ଶେଷ ଉପପାଦ୍ୟର ତଥ୍ୟଚିତ୍ର ନିର୍ମାଣ କରି ଲାଭ କରିଥିଲେ ପୁରସ୍କାର ଏବଂ ଅଜସ୍ର ପ୍ରଶଂସା। ୧୯୯୭ ମସିହାରେ ସେ ପ୍ରଣୟନ କରିଥିଲେ ବହୁଳ ପ୍ରସାରିତ ତାଙ୍କର ଅତ୍ୟନ୍ତ ଜନପ୍ରିୟ ଗ୍ରନ୍ଥ 'ଫର୍ମାସ୍ ଏନିଗମା' ବା 'ଫର୍ମାଙ୍କ ପ୍ରହେଳିକା'। ସେ ରେଡ଼ିଓରେ ନାନା କାର୍ଯ୍ୟକ୍ରମରେ ନିୟମିତ ଅଂଶଗ୍ରହଣ କରିଥାନ୍ତି। ତାଙ୍କ ରଚିତ ଦ୍ୱିତୀୟ ପୁସ୍ତକଟି ହେଉଛି 'ଦି କୋଡ୍ ବୁକ୍ - ଦି ସିକ୍ରେଟ୍ ହିଷ୍ଟ୍ରୀ ଅଫ କୋଡ଼ସ୍ ଆଣ୍ଡ କୋଡ଼ ବ୍ରେକିଂ' ବା 'ସଂକେତ ପୁସ୍ତକ -ସଂକେତର ଗୋପନ ଇତିହାସ ଏବଂ ସଂକେତ ଖଣ୍ଡନ। ଏହି ପୁସ୍ତକଟି ମଧ୍ୟ ଗଣିତ ଜ୍ଞାନ ପ୍ରଚାରର ଆଲୋକରେ ଉଦ୍ଭାସିତ। ଏହା ଛଡ଼ା ସେ ଆହୁରି କେତୋଟି ଗଣିତ ଗ୍ରନ୍ଥ ରଚନା କରିଛନ୍ତି। ଗାଣିତିକ ବିଜ୍ଞାନକୁ ଜନପ୍ରିୟ କରିବା କାର୍ଯ୍ୟରେ ତାଙ୍କର ନିରଳସ ପ୍ରୟାସ ତଥା ବିଶେଷ ଭୂମିକାକୁ ସ୍ୱୀକୃତି ଜଣାଇ ତାଙ୍କୁ ସର୍ବପ୍ରଥମ ଲୀଳାବତୀ ପୁରସ୍କାର ପାଇଁ ନିର୍ବାଚିତ କରାଯାଇଥିଲା।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ସାଇମନ୍ ସିଂହଙ୍କୁ ଲୀଳାବତୀ ପୁରସ୍କାର ପାଇଁ ନିର୍ବାଚନ କରିଥିଲେ ପାଞ୍ଚଜଣ ଅନ୍ତର୍ଜାତୀୟ ଖ୍ୟାତିସଂପନ୍ନ ଗଣିତଜ୍ଞ। ସେମାନେ ଥିଲେ ଭାରତର ଏମ୍.ଏସ୍. ନରସିଂହ (ନରସିଂହ ଥିଲେ ନିର୍ବାଚନ କମିଟିର ଚେୟାରମ୍ୟାନ୍), ହଙ୍ଗେରାର ଲାଜଲୋ ଲୋଭାଜ (ଆଇ.ଏମ୍.ୟୁ.ର ସଭାପତି), ବ୍ରିଟେନ୍‌ର ଜନ୍‌ବଲ୍ (ଆଇ.ଏମ୍.ୟୁ.ର ପୂର୍ବତର୍ନ ସଭାପତି),ବ୍ରାଜିଲର ଜ୍ୟାକବ ପାଲିସ (ଆଇ.ଏମ୍.ୟୁ.ର ପୂର୍ବତନ ସଭାପତି)ଏବଂ ଭାରତର ଏମ୍.ଏ. ରଘୁନାଥନ୍ (୨୦୧୦ ମସିହାରେ ଆଇ.ସି.ଏମ୍.ର କାର୍ଯ୍ୟକାରୀ ସଂଗଠନ କମିଟିର ସଭାପତି)।

୨୦୧୪ ମସିହାରେ ଲୀଳାବତୀ ପୁରସ୍କାର ପ୍ରଦତ୍ତ ହୋଇଥିଲା ଆର୍ଜେଣ୍ଟିନାର ସାମ୍ବାଦିକ ତଥା ବୁୟେନୋସ୍ ଏୟାସ୍ ବିଶ୍ୱବିଦ୍ୟାଳୟର ୧୯୪୯ରେ ଜନ୍ମିତ ଅଧ୍ୟାପକ ତଥା ପିଏଚ୍.ଡ଼ି. ଡ଼ିଗ୍ରୀ ଧାରୀ ଆଡ୍ରିୟାନ ଆରନୋଲଡ଼ୋ ପାଲେଜାଙ୍କୁ। ଦୈନନ୍ଦିନ ଜୀବନରେ ଗଣିତର ପ୍ରୟୋଗକୁ ଆଧାର କରି ସେ ପୁସ୍ତକ ରଚନା, ରେଡ଼ିଓ, ଟେଲିଭିଜନ ଓ ସମ୍ବାଦପତ୍ର ମାଧ୍ୟମରେ ନିୟମିତ ତଥ୍ୟ ପରିବେଷଣ କରିଥାନ୍ତି। ଗଣିତର ସୌନ୍ଦର୍ଯ୍ୟ ଓ ଆନନ୍ଦ ସମ୍ବନ୍ଧରେ ଭାବ ପ୍ରଦାନ କରିବାରେ ତାଙ୍କର ରହିଛି ଅସାଧାରଣ ଉତ୍ସାହ ଓ ଦକ୍ଷତା। ତାଙ୍କ ଦ୍ୱାରା ପ୍ରଣୀତ ଶିଶୁ ମନଲାଖି ଗଣିତ ବିଷୟକ ସିରିଜ୍ ହେଉଛି ମାଟେମେଟିକା। ଏହା ପିଲାମାନଙ୍କ ମଧ୍ୟରେ ଖୁବ୍ ଆଦୃତ।

୨୦୧୮ରେ ଲୀଳାବତୀ ପୁରସ୍କାର ପ୍ରାପ୍ତ ହୋଇଥିଲେ ତୁର୍କୀର ଅଲି ନେସିନ୍। ଗଣିତରେ ଜନସଚେତନତା ସୃଷ୍ଟି କରିବାରେ ତାଙ୍କ ଅବଦାନର ପଟାନ୍ତର ନାହିଁ। ତାଙ୍କ ଦ୍ୱାରା ଗଠିତ 'ମ୍ୟାଥେ ମେଟିକାଲ୍ ଭିଲେଜ୍' ବା ଗାଣିତକ ଗ୍ରାମ ହେଉଛି ଏପରି ଏକ ଅସାଧାରଣ ଶାନ୍ତିପୂର୍ଣ୍ଣ କ୍ଷେତ୍ର ଯେଉଁଠି ପ୍ରତ୍ୟେକଙ୍କ ପାଇଁ ଗଣିତ ଆଧାରିତ ଅନୁଧ୍ୟାନ, ଗବେଷଣା, ଅନୁସନ୍ଧାନ ଓ ପ୍ରସାରଣ ପର୍ଯ୍ୟାପ୍ତ ସୁବିଧାସୁଯୋଗ ଉପଲବ୍ଧ।

ଗଣିତ ସଂପର୍କରେ ଇଂରେଜ ଦାର୍ଶନିକ ତଥା ବୈଜ୍ଞାନିକ ରୋଜର ବ୍ୟାକନଙ୍କ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ। ସେ କହିଥିଲେ , "ବିଜ୍ଞାନର ବିଶାଳ ମହଲ ଅଭ୍ୟନ୍ତରକୁ ପ୍ରବେଶ କରିବା ନିମନ୍ତେ ଗଣିତ ହେଉଛି ଦରଜା ଏବଂ ଗଣିତ ହେଉଛି ଦରଜାର ଚାବି"।

ଅଭୀପସା, ସେକ୍ଟର-୬, ପ୍ଲଟ ନଂ -୧୧୩୧
ଅଭିନବ ବିଡ଼ାନାସୀ ,କଟକ-୭୫୩୦୧୪

## ଏଇତ ଜୀବନ...



ଲୋହିତ ନାରାୟଣ ମହାପାତ୍ର

ଅଙ୍କାବଙ୍କା ପଥେ କେମିତି ଚାଲିବି
ଏତେ କଷଣ ଯେ କିପରି ସହିବି
କିପରି ଗଡ଼ିବ ସଂସାରର ରଥ
ବତାଇ ଦିଅହେ ସୁଗମର ପଥ
ଆହେ ଜଗତର ନାଥ ଜଗନ୍ନାଥ ।(୧)

ଅଧାରୁ ଅଧିକ ହେଲା ଅତିକ୍ରାନ୍ତ
ଆଉ ଅଧା ବାଟ ଯିବି ମୁଁ କେମନ୍ତ
ହେଲିଣି ଏଠାରେ ବହୁ ହନ୍ତସନ୍ତ
ଏତେ ଯେ କଷ୍ଟରେ ବଞ୍ଚିବି କେମନ୍ତ
ବତାଇ ଦିଅରେ କାଳିଆ ସାଆନ୍ତ । (୨)

ଜୀବନଟା ଲାଗେ ଅଧୁରା ଅଧୁରା
ସୁଖଦୁଃଖ ଏଠି ମିଳିଛି ପସରା
ସମୟ ଖେଳୁଛି ତ ଚକା ଭଉଁରୀ
ଏ ସଂସାର ରୁ କେମିତି ହେବି ପାରି
କହିବକି ଆହେ ଗୋଲକ ବିହାରୀ । (୩)

ଦୂରଭାଷ - ୯୪୩୮୩୦୯୧୩୯



ଯେତେଦୂର ହେବ ମିତ୍ରମାନଙ୍କ ସହ ନେବା-ଦେବା ସଂପର୍କ ରଖନାହିଁ।

# ଈଶ୍ୱରଙ୍କ ବାସସ୍ଥାନ



ପଦ୍ମନାଭ ପାଣିଗ୍ରାହୀ

ଅଖିଳ ବିଶ୍ୱ ବ୍ରହ୍ମାଣ୍ଡରେ ଯାହାକିଛି ବସ୍ତୁଅଛି ଏବଂ ଚରାଚରାତ୍ମକ ଜଗତରେ ଦୃଷ୍ଟି ପର୍ଯ୍ୟନ୍ତ ଯାହା କିଛି ବସ୍ତୁ ଆମ୍ଭକୁ ଦୃଶ୍ୟମାନ ହେଉଛି ସେଗୁଡିକ ସବୁ ପରମାତ୍ମାଙ୍କର। ଯାହାକିଛି ଶୁଣୁଛେ, ଦେଖୁଛେ ଏବଂ ବ୍ୟବହାର କରୁଛେ ସେ ସବୁ ସର୍ବଶକ୍ତିମାନ ସର୍ବକଲ୍ୟାଣଙ୍କର ପରମେଶ୍ୱରଙ୍କଠାରେ ପରିବ୍ୟାପ୍ତ। ସେଗୁଡିକ ତାଙ୍କରି ନିକଟରେ ପରିପୂର୍ଣ୍ଣ। ତେଣୁ ଈଶାବାସ୍ୟ ଉପନିଷଦ କହନ୍ତି-

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣ ମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ।
ପୂର୍ଣ୍ଣସ୍ୟ ପୂର୍ଣ୍ଣ ମାଦାୟ ପୂର୍ଣ୍ଣମେବାବଶିଷ୍ୟତେ।

ସଚ୍ଚିଦାନନ୍ଦ ଘନ ପରବ୍ରହ୍ମ ସବୁପ୍ରକାରରେ ସଦାସର୍ବଦା ପରିପୂର୍ଣ୍ଣ ଅଟନ୍ତି। ଏ ଜଗତ ସେହି ପରବ୍ରହ୍ମଙ୍କ ଦ୍ୱାରା ପୂର୍ଣ୍ଣ, ଏ ଜଗତ ପୂର୍ଣ୍ଣମୟ ପରମାତ୍ମାଙ୍କଠାରୁ ଉତ୍ପତ୍ତି। ପରବ୍ରହ୍ମଙ୍କ ପୂର୍ଣ୍ଣତାରେ ଜଗତ ପୂର୍ଣ୍ଣ। ସେ ପୂର୍ଣ୍ଣବ୍ରହ୍ମଙ୍କଠାରୁ ପୂର୍ଣ୍ଣକୁ ବା ପୂର୍ଣ୍ଣର ଏକ ଅଂଶକୁ ନେଇ ଆସିଲେ ପୂର୍ଣ୍ଣ ହିଁ ଅବଶିଷ୍ଟ ରହେ।

ପୁନଶ୍ଚ ସେହି ଉପନିଷଦ କହନ୍ତି –

ଈଶାବ୍ୟସ୍ୟ ମିଦଂ ସର୍ବଂ ଯତକିଞ୍ଚ ଜଗତ୍ୟାଂ ଜଗତ୍।

ଅଖିଳ ବ୍ରହ୍ମାଣ୍ଡରେ ଯାହା କିଛି ରହିଛି ଯାହାକି ଈଶ୍ୱରଙ୍କ ଦ୍ୱାରା ବ୍ୟାପ୍ତ। ସେଥିରେ ଆସକ୍ତ ହୁଅନାହିଁ। ଏ ସବୁ କାହାର ନୁହଁ। ସମସ୍ତ ବସ୍ତୁ ପରମେଶ୍ୱରଙ୍କର। ସେ ସର୍ବଅନ୍ତର୍ଯ୍ୟାମୀ, ସର୍ବଶକ୍ତିମାନ ପରମେଶ୍ୱର ଅଚଳ, ଅଟଳ ଆହୁରି ମଧ ମନଠାରୁ ଅଧିକତର ତୀବ୍ର ବେଗଯୁକ୍ତ। ସେ ସମସ୍ତଙ୍କ ଆଦି ଜ୍ଞାନସ୍ୱରୂପ, ଜଗତର ପିତା, ସର୍ବଜ୍ଞ, "ହିରଣ୍ୟଗର୍ଭୋ ସମବର୍ତ୍ତତାଗ୍ରେ ଭୂତସ୍ୟ ଜାତଃ ପତିରେକଃ ଆସୀତ" ସୂର୍ଯ୍ୟ ଯେପରି ତାଙ୍କର ଅନନ୍ତ କିରଣ ରାଜି ବିତରଣ କରିରହିଛନ୍ତି ସେହିପରି ପରମାତ୍ମା ସର୍ବବ୍ୟାପକ ଅଟନ୍ତି। ତାଙ୍କର ଅନନ୍ତଶିର, ଅନନ୍ତ ପାଦ, ଅନନ୍ତ ହସ୍ତ ଏବଂ ଅନନ୍ତ ଚକ୍ଷୁ ରହିଛି। ଶ୍ରୀମଦ୍ଭାଗବତ୍ ଗୀତାର ତ୍ରୟୋଦଶ ଅଧ୍ୟାୟ ୧୪ ଶ୍ଳୋକରେ ବର୍ଣ୍ଣିତ –

ସର୍ବତଃ ପାଣିପାଦଂ ତତ୍ସର୍ବତୋଽକ୍ଷି ଶିରୋମୁଖମ୍।
ସର୍ବତଃ ଶ୍ରୁତିମଲ୍ଲୋକେ ସର୍ବ ମାବୃତ୍ୟ ତିଷ୍ଠତି।।

ବେଦ କହନ୍ତି- ସହସ୍ରଶୀର୍ଷ ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍।
ତାଙ୍କର ହଜାର ହଜାର ଶିର, ହଜାର ହଜାର ହସ୍ତ ପାଦ ରହିଛି। ସେ ଅଣୁରେ ପରମାଣୁ, ଜଡରେ ଚେତନରେ ସ୍ଥାବର ଜଙ୍ଗମ ସର୍ବତ୍ର ବିଦ୍ୟମାନ।

ଅଣୋରଣୀୟାନ୍ ମହତୋ ମହୀୟାନ
ଆତ୍ମାସ୍ୟ ଜନ୍ତୋ ନିହିତୋ ଗୁହାୟାମ-

ସେ ଅଣୁଠାରୁ କ୍ଷୁଦ୍ର ଅଣୁ ସଦୃଶ୍ୟ ମହାନଠାରୁ ମହତ୍ତର ସମସ୍ତ ଜୀବ ଜଗତର ଅନ୍ତକରଣରେ ସ୍ଥିତ। ସେ ସମସ୍ତ ଜୀବର ପରିଚାଳକ ଏବଂ ସାକ୍ଷୀ। ଯଦିଓ ଆମେ ତାଙ୍କର ହସ୍ତ, ପାଦ,ଶିର କିମ୍ବା ମୁଖକୁ ଦେଖିପାରୁନାହୁଁ ତଥାପି ସେ ସବୁ ତାଙ୍କର ଅଛି।

ଅପାଣି ପାଦୋ ଯବନୋ ଗ୍ରହୀତା
ପଶ୍ୟତ୍ୟଚକ୍ଷୁଃ ସ ଶୃଣୋତ୍ୟକର୍ଣ୍ଣଃ

ପାଦ ନଥାଇ ଚଳନକ୍ଷମ, ହସ୍ତ ନଥାଇ ଭକ୍ତକୁ ଆଶୀର୍ବାଦ ଦିଅନ୍ତି। ଭକ୍ତ ଭକ୍ତିର ସହ ଫଳ, ପତ୍ର, ପୁଷ୍ପ, ଜଳଟିକିଏ ଦେଲେ ମଧ ଗ୍ରହଣ କରିଛନ୍ତି। ରାମଚରିତ ମାନସରେ ତୁଳସୀ ଦାସ ଲେଖିଛନ୍ତି।

ବିନୁପଦ ଚଲଇ ଶୁନଇ ନାହିଁ କାନା
କର ବିନୁ କରମ କରଇ ବିଧିନାନା।

ଯେତେବେଳେ ଆମେ ଭକ୍ତି, ସେବା, ଭାବରେ ପ୍ରଭୁଙ୍କୁ ସନ୍ତୁଷ୍ଟ କରି ସେହି ଦିବ୍ୟସ୍ତରକୁ ଉନ୍ନୀତ ହେବା ସେତେବେଳେ ଆମେ ଭଗବାନଙ୍କ ରୂପ ଦେଖିପାରିବା।

ଆମର ଇନ୍ଦ୍ରିୟଗୁଡିକ ବିଷୟାସକ୍ତ, ଦୋଷଦୃଷ୍ଟ ହୋଇଥିବାରୁ ଆମେ ତାଙ୍କ ରୂପକୁ ଦର୍ଶନ କରିପାରୁନାହୁଁ। ତମେବ ବିଦିତ୍ୱାତି ମୃତ୍ୟୁମେତି। କେବଳ ତାଙ୍କୁ ହିଁ ଜାଣିଲେ ବ୍ୟକ୍ତି ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତି ପାଇପାରିବ। ସର୍ବସ୍ୟ ପ୍ରଭୁମ ଈଶାନଂ ସର୍ବସ୍ୟ ଶରଣଂ ବୃହତ୍ତ ପରମପୁରୁଷ ଭଗବାନ୍ ସମସ୍ତ ଜୀବଙ୍କ ମାଲିକ ସମସ୍ତ ଜୀବଙ୍କ ଚରମ କେନ୍ଦ୍ର ଅଟନ୍ତି। ସେ ଚଳନକ୍ଷମ ଅଟନ୍ତି, ଚଳନକ୍ଷମ ମଧ ନୁହନ୍ତି। ସେ ଦୂରରେ ପୁନଶ୍ଚ ଅତିନିକଟରେ। ଏହି ସମଗ୍ର ଜଗତରେ ପରିପୂର୍ଣ୍ଣ ହୋଇ ରହିଛନ୍ତି। ସମଗ୍ରଜଗତର  ବହିର୍ଭାଗରେ ମଧ ଅଛନ୍ତି।

ପ୍ରକୃତରେ ପ୍ରଭୁ କେଉଁଠି ରହନ୍ତି ସେ ବିଷୟରେ ଆଧ୍ୟାତ୍ମ୍ୟ ରାମାୟାଣରେ ସୁନ୍ଦର ବର୍ଣ୍ଣନା ରହିଛି। ପ୍ରଭୁ ଶ୍ରୀରାମଚନ୍ଦ୍ର ଯେତେବେଳେ ଭ୍ରାତା ଲକ୍ଷ୍ମଣ ଓ ପତ୍ନୀ ସୀତାଙ୍କ ସହ ବନଗାମୀ ହୋଇଥିଲେ ସେତେବେଳେ ପଥମଧରେ ମହର୍ଷି ବାଲ୍ମୀକିଙ୍କ ଆଶ୍ରମରେ ପହଞ୍ଚିଲେ। ବିପ୍ରଶ୍ରେଷ୍ଠ ମୁନିବର ପ୍ରଭୁଙ୍କ ଦର୍ଶନରେ ଭାବ ବିହ୍ୱଳ ହୋଇଯାଇଥିଲେ। ଯଥାବିଧି ସାଦର ପୂଜାର୍ଚ୍ଚନା ପୂର୍ବକ ଭୋଜନ ପାଇଁ ଫଳମୂଳ ପ୍ରଦାନ କରୁଥିଲେ। ତତ୍ପରେ ଶ୍ରୀରଘୁନାଥ ମହର୍ଷିଙ୍କୁ ନମ୍ରତା ପୂର୍ବକ ଯୋଡହସ୍ତ କହିଲେ, "ହେ ମୁନିବର ପିତୃସତ୍ୟ ପାଳନ କରି ଆମେ ଦଣ୍ଡକାରଣ୍ୟକୁ ଆସିଛୁ। ବର୍ତ୍ତମାନ ଆପଣ ଆମକୁ ଏପରି ଏକ ସ୍ଥାନ କୁହନ୍ତୁ ଯେଉଁଠାରେ ଲକ୍ଷ୍ମଣ ଓ ସୀତାଙ୍କ ସହିତ ମୁଁ ବାସ କରିବି।" ଏ କଥା ଶୁଣି ବାଲ୍ମୀକି ମହର୍ଷି ସ୍ମିତହାସ୍ୟ ପୂର୍ବକ କହିଲେ- ଆପଣ ହିଁ ସମସ୍ତ ପ୍ରାଣୀଙ୍କର ଏକମାତ୍ର ଉତ୍ତମ ନିବାସ ସ୍ଥାନ, ସମସ୍ତ ଜୀବମାନଙ୍କ ହୃଦୟ ହିଁ ଆପଣଙ୍କ ବାସ ସ୍ଥାନ।

ତ୍ୱନ୍ମନ୍ତ୍ରଜାପକୋ ଯସ୍ତୁ ତ୍ୱାମେବ ଶରଣଂ ଗତଃ
ନିର୍ଦ୍ୱନ୍ଦ୍ୱୋ ନିଃସ୍ପୃହ ସ୍ତସ୍ୟ ହୃଦୟଂ ତେ ସୁମନ୍ଦିରମ୍।



ନିଜର ପ୍ରଶଂସା ଶୁଣି ମୁଗ୍ଧ ହୋଇଯାଅନାହିଁ। ନିନ୍ଦା ଶୁଣି ବିଷାଦ କିମ୍ବା କ୍ରୋଧ କରନାହିଁ।

ଯେ ଆପଣଙ୍କ ନାମ ଜପକରେ ଆପଣଙ୍କ ଶରଣାଗତ ହୁଏ ଦ୍ୱନ୍ଦହୀନ, ନିସ୍ପୃହ ତାର ହୃଦୟ ହିଁ ଆପଣଙ୍କ ବାସସ୍ଥାନ। ଅହଂକାରଶୂନ୍ୟ ଶାନ୍ତ ସ୍ୱଭାବ, ରାଗ-ଦ୍ୱେଷ ରହିତ ପଥର ଓ ସୁବର୍ଣ୍ଣକୁ ଯେ ସମାନ ଦୃଷ୍ଟିରେ ଦେଖେ ତାର ହୃଦୟ ଆପଣଙ୍କ ଘର। ଯେ ସମ୍ପଦରେ ଗର୍ବ କରେ ନାହିଁ, ବିପଦବେଳେ ବି ଅଧୈର୍ଯ୍ୟ ହୁଏ ନାହିଁ , ପ୍ରିୟ - ଅପ୍ରିୟ ଯାହାଠାରେ ସମାନ। ଏ ସମ୍ପୂର୍ଣ୍ଣ ଜଗତ ମାୟାମାତ୍ର। ହୃଦୟଙ୍ଗମ କରି ଆପଣଙ୍କୁ ସର୍ବଦା ଭଜନ କରୁଥାଏ ତାର ହୃଦୟ ଆପଣଙ୍କ ସୁନ୍ଦର ମନ୍ଦିର ।ସେହିପ୍ରକାର ତୁଳସୀ ଦାସ ରାମଚରିତ ମାନସରେ ସୁନ୍ଦର ବର୍ଣ୍ଣନା କରିଛନ୍ତି-

ଜିହ୍ନ କେ ଶ୍ରୱନ ସମୁଦ୍ର ସମାନା ।
କଥା ତୁହ୍ମରି ସୁଭଗସରି ନନା
ଭର ହିଁ ନିରଂତର ହୋହିଂନ ପୂରେ ।
ତିହ୍ନକେ ହିୟ ତୁହ୍ମ କହୁଁ ଗୃହରୂରେ।
ଲୋଚନ ଚତକ ଜିହ୍ନ କରିରାଖ୍ୟେ ।
ରହହିଁ ଦରସ ଜଲଧର ଅଭିଲାଷେ।

ଯାହାଙ୍କର କର୍ଣ୍ଣରୂପୀ ସମୁଦ୍ରରେ ଆପଣଙ୍କର ସୁନ୍ଦର ଚରିତରୂପୀ ନଦୀମାନ ନରନ୍ତର ପ୍ରବେଶ କରୁଛନ୍ତି। କିନ୍ତୁ ସେହି ସମୁଦ୍ର କେବେ ବି ପୂର୍ଣ୍ଣ ତେଜନାହିଁ। ଅର୍ଥାତ ଯେଉଁମାନେ ଆପଣଙ୍କ ଗୁଣକୀର୍ତ୍ତନ ଶୁଣିବାକୁ ସଦା ଲାଳାୟିତ ସେହି ମାନଙ୍କ ହୃଦୟ ହେଉଛିଁ ଆପଣଙ୍କ ସୁନ୍ଦର ନିବାସ।

ସୀସ ନୱହିଁ ସୁର ଗୁରୁ ଦ୍ୱିଜ ଦେଖି
ପ୍ରୀତି ସହିତ କରି ବିନୟ ବିଶେଷୀ।।

ଯାହାଙ୍କର ସମସ୍ତ ଦେବତା, ଗୁରୁ ଓ ବ୍ରାହ୍ମଣମାନଙ୍କୁ ଦେଖି ବଡ ନିମ୍ରତାର ସହିତ ପ୍ରେମରେ ଆନତ ହୋଇଯାଏ। ଯାହାଙ୍କର ହସ୍ତ ନିତ୍ୟ ଆପଣଙ୍କ ଚରଣ ପୂଜା କରେ ତାଙ୍କ ହୃଦୟ ହିଁ ଆପଣଙ୍କ ନିବାସ। ଯେଉଁମାନଙ୍କର କାମ, କ୍ରୋଧ, ଲୋଭ, ମୋହ, ଛଳନା, କପଟତା,ଦମ୍ଭ ରାଗ - ଦ୍ୱେଷ ନାହିଁ। ସେହି ମାନଙ୍କ ହୃଦୟ ହିଁ ଆପଣଙ୍କ ନିବାସ। ପୁନଶ୍ଚ ବେଦଉପନିଷଦରେ ବର୍ଣ୍ଣନା କରାଯାଇଛି ପରବ୍ରହ୍ମଙ୍କ ହଜାର ହଜାର ହସ୍ତ,ପଦ, ଶିର, ମୁଖ ଥିଲେ ମଧ୍ୟ ସଭୁଜ୍ୟଂ ବିଶ୍ୱତୋବୃତ୍ତ୍ୱ ତ୍ୟତିଷ୍ଟଦ୍ ଦଶାଙ୍ଗୁଳମ୍ " ନାଭି ଚକ୍ରଠାରୁ ହୃଦୟ ଚକ୍ର ପର୍ଯ୍ୟନ୍ତ ଦଶ ଆଙ୍ଗୁଳ ତା ମଧ୍ୟରେ ବ୍ରହ୍ମ ବୃଦ୍ଧାଙ୍ଗୁଷ୍ଠି ସଦୃଶ୍ୟ ବିଦ୍ୟମାନ।"ଅଙ୍ଗୁଷ୍ଟମାତ୍ର ରବିତୁଲ୍ୟ ରୂପଃ" ଅଙ୍ଗୁଷ୍ଟ ମାତ୍ର ସୂର୍ଯ୍ୟଙ୍କ ସଦୃଶ ଦୀପ୍ତିମାନ।

ଭଗବାନଙ୍କୁ ଖୋଜିବା ଦରକାର ନାହିଁ। ତୁମେ ଯେତେବେଳେ ନିଜେ କିଏ ବୋଲି ଜାଣିବ ସେହିଠାରେ ଈଶ୍ୱର ମିଳିବେ। ନିଜ ଠିକଣା ପାଇଲେ ଜାଣିବ ଈଶ୍ୱର ନିଜ ଭିତରେ ଅଛନ୍ତି। ଆତ୍ମ ଦର୍ଶନ ହିଁ ଈଶ୍ୱର ଦର୍ଶନ। ବାୟାବାବାଙ୍କ ବିଚାରରେ ଶରୀର କ୍ଷିତି, ଆପ, ତେଜ, ମରୁତ ଓ ବ୍ୟୋମ ନାମକ ପଞ୍ଚଭୂତରେ ଗଠିତ। ଏହା ମଧ୍ୟରେ ରହିଛି ମନ, ବୁଦ୍ଧି, ଅହଂକାର, ଚିର ପଞ୍ଚ ଜ୍ଞାନେନ୍ଦ୍ରିୟ,ପଞ୍ଚକର୍ମେନ୍ଦ୍ରିୟ ପ୍ରଭୃତି ଅଙ୍ଗମାନ। ଇନ୍ଦ୍ରିୟ ରୋଧକକୁ ମନଦ୍ୱାରା ପ୍ରାଣ ବାୟୁକୁ ମସ୍ତକ ଶୀର୍ଷ ସ୍ଥିତ ସହସ୍ରାରରେ ଯୁକ୍ତ କଲେ ପରଂବ୍ରହ୍ମଙ୍କ ଦିବ୍ୟ ସ୍ୱରୂପ ଦର୍ଶନ ହୁଏ।

"ଜୀବ ପରମଙ୍କ ବିହାର ଦେଖ ଘଟ ଘଟରେ"।

ମନରୁ କିନ୍ତୁ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ରୂପକ ଷଡଐରୀଙ୍କୁ ଦୂର ନକଲେ ମନ ବିଶୁଦ୍ଧ ହୁଏ ନାହିଁ କି ସହସ୍ରାରରେ ବ୍ରହ୍ମ ଦର୍ଶନ ହୁଏ ନାହିଁ।

କାମ, କ୍ରୋଧ, ଲୋଭ, ମଦାଦି ଏହି ଷଡ ବିକାରେ।
ତେଜିଣ ସାଧୁଏ ଚଳନ୍ତି ନିତ୍ୟ ପ୍ରେମ ପଥରେ
ସହସ୍ର ଦଳରେ ସତ୍ୟର ଜାଣ ସ୍ଥାନ ଅଟଇ
ସତ୍ୟଟି ଅବ୍ୟକ୍ତ ପୁରୁଷ କେବେ ବ୍ୟକ୍ତି ନୁହଇ।

ବେଦାନ୍ତ ସୂତ୍ରରେ - "ଶବ୍ଦାଦି ଭ୍ୟୋଜନ୍ତ ପ୍ରତିଷ୍ଠାନାଚ୍ଚ"ଅର୍ଥାତ ଭଗବାନ ଧ୍ୱନି ମଧ୍ୟରେ ବିଦ୍ୟମାନ, ଶରୀର ମଧ୍ୟରେ ବିଦ୍ୟମାନ, ବାୟୁ ମଧ୍ୟରେ ବିଦ୍ୟମାନ ଏବଂ ପାକସ୍ଥଳୀରେ ଜୀର୍ଣ୍ଣଶକ୍ତି ରୂପେ ବିଦ୍ୟମାନ।

ଗୀତାରେ - "ଅହଂ ବୈଶ୍ୱାନରୋ ଭୁତ୍ୱା ପ୍ରାଣିନାଂ ଦେହମାଶ୍ରିତଃ"

ଯେଣୁ ସେ ସମସ୍ତ ପ୍ରକାର ଖାଦ୍ୟ ପଦାର୍ଥ ଜୀର୍ଣ୍ଣ କରିବାରେ ସାହାଯ୍ୟ କରନ୍ତି।

ବୃହଦାରଣ୍ୟକ ଉପନିଷଦରେ - "ଅୟମ ଅଗ୍ନି ବୈଶାନରୋ। ଯୋଽୟମ୍ ଅନ୍ତଃ ପୁରୁଷେ ଯେନେଦମ୍ ଅନ୍ନଂ ପଚ୍ୟତେ।"

ଭଗବାନ କହିଛନ୍ତି - ସର୍ବସ୍ୟ ଗୃହଂ ହୃଦି ସନ୍ନି ବିଷ୍ଟୋ" ମୁଁ ପ୍ରତ୍ୟେକଙ୍କ ହୃଦୟରେ ବିଦ୍ୟମାନ।

ପରମ ପୁରୁଷ ଭଗବାନ ଉଭୟ ବଦ୍ଧଜୀବ ଓ ମୁକ୍ତଜୀବମାନଙ୍କ ମଧ୍ୟରେ ବିଦ୍ୟମାନ। ସେ ଜୀବମାନଙ୍କୁ ପୋଷଣ କରୁଛନ୍ତି। ସେମାନଙ୍କ କର୍ମାନୁଯାୟୀ ବିଭିନ୍ନ ପ୍ରକାର ଫଳଭୋଗର ସୁବିଧା ପ୍ରଦାନ କରୁଛନ୍ତି।

ଯେଉଁ ବୁଦ୍ଧିମାନ ବ୍ୟକ୍ତି ତାଙ୍କୁ ବୁଝିପାରେ ସେ ହିଁ ପୂର୍ଣ୍ଣ ଶାନ୍ତି ଲାଭ କରିପାରେ, ଅନ୍ୟମାନେ ପାରିବେ ନାହିଁ। ତେଣୁ ଭଗବାନ କହିଛନ୍ତି-

ଈଶ୍ୱରଃ ସର୍ବ ଭୂତାନାଂ ହୃଦେଶ୍ୱର୍ଜୁନ ତିଷ୍ଠତି।

ପରମେଶ୍ୱର ସମସ୍ତଙ୍କ ହୃଦୟରେ ବିଦ୍ୟମାନ। ସେ ସମସ୍ତ ଜୀବଙ୍କୁ ଭ୍ରମଣ କରାଉଛନ୍ତି। ସଚେତନଭାବରେ ତାଙ୍କର ଶରାଣାପନ୍ନ ହେଲେ ପରମଶାନ୍ତି ଲାଭ କରିପାରିବ।

ଶ୍ରୀମଦ୍‌ଭାଗବତ ପୁରାଣରେ ଜଗନ୍ନାଥ ଦାସ ସୁନ୍ଦର ବର୍ଣ୍ଣନା କରିଛନ୍ତି ଧ୍ରୁବ ଯେତେବେଳେ ଭଗବାନଙ୍କର ଅନ୍ୱେଷଣରେ ବଣରେ ବୁଲୁଥିଲେ ସପ୍ତର୍ଷିଙ୍କ ସହିତ ସାକ୍ଷାତ ହୋଇଥିଲା। ସେମାନେ ଧ୍ରୁବଙ୍କ ଅନ୍ତର ମଧ୍ୟରେ ଦିବ୍ୟରୂପ ଦର୍ଶନ କରିବାକୁ ଉପଦେଶ ଦେଲେ-

ନାଭିଚକ୍ର ଉର୍ଦ୍ଧ୍ୱେ ଦେଖ ଦଶ ହିଁ ଆଙ୍ଗୁଳ।
ପୀତବର୍ଣ୍ଣ ପ୍ରାୟଦିଶେ ହୃଦୟ କମଳ।।
ଦ୍ୱାଦଶ ପାଖୁଡା ମଧ୍ୟେ ଷଡ ଯେ କେଶର।
ଅଗ୍ନି ଚନ୍ଦ୍ର ସୂର୍ଯ୍ୟ ଦିଶେ ମଣ୍ଡଳ ଆକାର।।

ଯେ ମୋତେ ସବୁଠାରେ ଦେଖେ ଏବଂ ସବୁକିଛି ମୋଠାରେ ଦେଖେ ସେ କେବେ

ହେଲେ ମୋଠାରୁ ଦୂରେଇ ଯାଏନାହିଁ। ଶ୍ରୀମଦ୍ ଭଗବତ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି-

ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚମୟି ପଶ୍ୟତି।
ତସ୍ୟାହଂ ନ ପ୍ରଣଶ୍ୟାମି ସଚ ମେ ନ ପ୍ରଣଶ୍ୟତି।

ବ୍ରହ୍ମ ସଂହିତାରେ କୁହାଯାଇଛି-

ପ୍ରେମାଞ୍ଜନଚ୍ଛୁରିତ ଭକ୍ତି ବିଲୋଚନେନ
ସନ୍ତଃ ସଦୈବ ହୃଦୟେଷୁ ବିଲୋୟନ୍ତି।
ଯଂଶ୍ୟାମ ସୁନ୍ଦରମଚିନ୍ତ୍ୟ ଗୁଣ ସ୍ୱରୂପଂ
ଗୋବିନ୍ଦମାଦି ପୁରୁଷଂ ତମହଂ ଭଜାମି।

ଯେଉଁ ଆଦି ପୁରୁଷ ଗୋବିନ୍ଦଙ୍କୁ ଭକ୍ତ ପ୍ରେମରୂପକ ଅଞ୍ଜନ ରଞ୍ଜିତ ନେତ୍ରରେ ଦର୍ଶନ କରେ, ବନ୍ଦନା କରେ, ସେହି ଭକ୍ତର ହୃଦୟରେ ନିଜର ଶ୍ୟାମ ସୁନ୍ଦର ରୂପରେ ବିଦ୍ୟମାନ ହୁଅନ୍ତି। ଭଗବାନ ଦେବର୍ଷି ନାରଦଙ୍କୁ କହିଛନ୍ତି-

ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗୀନାମ୍ ହୃଦୟେନଚ
ମଦଭକ୍ତାଃ ଯତ୍ରଗାୟନ୍ତି ତତ୍ର ତିଷ୍ଠାମି ନାରଦ।

ମୁଁ ବୈକୁଣ୍ଠରେ ବାସକରେ ନାହିଁ କିମ୍ବା ଯୋଗୀ ,ଋଷି, ମୁନି, ସାଧୁ ସନ୍ଥ ମାନଙ୍କ ହୃଦୟରେ କେବଳ ବାସ କରେ ନାହିଁ। ମୋର ଭକ୍ତମାନେ ଯେଉଁଠାରେ ମୋର ଗୁଣ କୀର୍ତ୍ତନ କରୁଥାନ୍ତି, ମୁଁ ସେହିଠାରେ ରହିଥାଏ। ପୁନଶ୍ଚ ଶ୍ରୀମଦ ଭଗବତ୍ ଗୀତାରେ ଭଗବାନ ଅର୍ଜୁନଙ୍କୁ କହିଛନ୍ତି-

ନ ତଭାସୟତେ ସୂର୍ଯ୍ୟୋ ନଶଶାଙ୍କୋ ନ ପାବକଃ
ଯଦ୍ ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ।

ମୋର ସେ ପରମଧାମ ସୂର୍ଯ୍ୟାଲୋକରେ ଚନ୍ଦ୍ରଲୋକରେ କିମ୍ବା ବିଦ୍ୟୁତ୍ ଆଲୋକରେ ଆଲୋକିତ ହୁଏ ନାହିଁ। ଯେଉଁମାନେ ଭକ୍ତି ବଳରେ ଶରାଣଗତ ହୋଇ ସେଠାରେ ପହଞ୍ଚନ୍ତି ସେମାନେ ଆଉ ଭୌତିକ ଜଗତକୁ ଫେରନ୍ତି ନାହିଁ। ଅର୍ଥାତ ସେମାନଙ୍କର ପୁନର୍ଜନ୍ମ ହୁଏ ନାହିଁ। ଚିଦ ଜଗତରେ ସୂର୍ଯ୍ୟାଲୋକ କିମ୍ବା ଚନ୍ଦ୍ରଲୋକରେ ଆବଶ୍ୟକତା ପଡେନାହିଁ। ପରମେଶ୍ୱରଙ୍କର ଅନ୍ତରଙ୍ଗ ଭକ୍ତରେ ଉଦ୍‌ଭାସିତ ହୋଇଥାଏ ସେହି ପରମଧାମ ଶ୍ରୁତିଶାସ୍ତ୍ର ଯେତେବେଳେ ଜୀବ ଏ ଭୌତିକ ଶରୀର ତ୍ୟାଗକରେ ଏବଂ ଚିଦ୍ ଜଗତରେ ପ୍ରବେଶ କରେ, ସେହି ଦିବ୍ୟ ଶରୀରରେ ପରମପୁରୁଷ ଭଗବାନଙ୍କୁ ପ୍ରତ୍ୟକ୍ଷ ଦର୍ଶନ କରିଥାଏ। ପ୍ରତ୍ୟକ୍ଷ ଭାବରେ ତାଙ୍କ ସହିତ କଥାବାର୍ତ୍ତା କରିପାରେ। ତାଙ୍କ କଥା ମଧ୍ୟ ଶୁଣିପାରେ। ପରିଷ୍କାର ଭାବରେ ଭଗବାନଙ୍କ ତତ୍ତ୍ୱକୁ ଅନୁଭବ କରିପାରେ।

ବନମାଳୀ କଲୋନୀ, ଜଟଣୀ ଖୋର୍ଦ୍ଧା-୭୫୨୦୫୦
ଫୋ - ୭୮୪୮୮୪୬୦୬

## ଗ୍ରାମାଞ୍ଚଳର କୌତୁକ ପ୍ରଶ୍ନୋତ୍ତର - ଆଦ୍ୟାଶା ପ୍ରିୟଦର୍ଶିନୀ



ଆଗକାଳରେ ସହରଠାରୁ ଗ୍ରାମାଞ୍ଚଳ ଓ ପୁର ପଲ୍ଲୀମାନଙ୍କରେ ପ୍ରଚଳିତ ଢଗଢ଼ମାଳି, କୌତୁକ ପ୍ରଶ୍ନ ଓ ଉତ୍ତର ଲୋକମାନଙ୍କ ମୁହଁରୁ ଆଉ ଶୁଣିବାକୁ ମିଳୁ ନାହିଁ ।

୧. ନୁହଇଁ ସେ ମାନ୍ୟ ବସେ ମୁଣ୍ଡରେ, ଛଅପାଦ ବହେ ନୁହେଁ ଭ୍ରମର, ନୁହେଁ ବ୍ୟାଘ୍ର ସିଂହ ପିଏ ରକତ, ପାରଇ ସେ ଡିମ୍ବ ପକ୍ଷୀ ନୁହେଁ ତ।
ଉ - **ଉକ୍କୁଣି**

୨. ସରୁ ସରୁ ବେତଗୁଡ଼ାଏ, ତା' ମୂଳରେ ଜନ୍ତୁ ଗୁଡ଼ାଏ ।
ଉ - **ଉକ୍କୁଣି**

୩. ଅନ୍ଧିରେ ସନ୍ଧି ନାହିଁ ପୂରିଆ ପସିଲା କେଉଁଠାଇଁ ।
ଉ - **ମଣ୍ଡାପିଠା**

୪. ଅଇଲା ବଡ଼ ଚଢ଼େଇ ବସିଲା ପକ୍ଷୀ ମେଲାଇ ଧଇଲା ମାଛ ଖାଇଲା ନାହିଁ ।
ଉ - **ଜାଲ**

୫. ଅଛି ଦଶଶିର ନୁହେଁ ରାବଣ, ଶିରରେ ଧରିଛି ଶଙ୍ଖଚକ୍ର ଚିହ୍ନ, ଭୋଜନ କାଳେ ପରସନ୍ତି ନାରୀ, ଏହ କହିବ ପଣ୍ଡିତେ ବିଚାରି ।
ଉ - **ଜହ୍ନି**

୬. ଅରଡ଼ ଚଢ଼େଇ ବରଡ଼ ପକ୍ଷୀ, କେଉଁ ଚଢ଼େଇର ତିନିଟା ଆଖି ।
ଉ - **ନଡ଼ିଆ**

୭. ଉଡ଼ିଗଲା ଶଙ୍ଖଚିଲ ବୁଡ଼ିଗଲା ବିଲ, ରୂପା ଦଉଡ଼ିକୁ ସୁନା ଲଗାଖିଲ।
ଉ - **ଶଣା**

୮. ତିନିଜଣଙ୍କ ଗୋଡ଼ ସାତଟା, ହାତ ଷୋହଳ ମୁଣ୍ଡ ଦଶଟା, ଦଶଟା ମୁଣ୍ଡରେ ପଚିଶି ଆଖି କିଏ ସେ କହିବ ଦେଖିବା ଦେଖି ।
ଉ - **ହର, ପାର୍ବତୀ, ବୃଷଭ ଓ ତ୍ରିଶିରା**

୯. ଠୋ ଠୋ ନବଗଇଁଠା, ଠାକୁର ଖାଆନ୍ତି ବାହା ଅଇଁଠା ।
ଉ - **ବାଛୁରୀ ନାଳ**

୧୦. ପତ୍ର ତା କୁଲାପରି, ଗଛ ତା ଡିଙ୍କି ପରି, ପାଚିଲେ ମହୁପରି, କଞ୍ଚାରେ ଜଉପରି ।
ଉ - **କଦଳୀ**

୧୧. ପୋଖରୀ ଚାରିପାଖେ ବୁଣିଲି ଧନିଆ, ମହମହ ବାସଦେଲା ବାଳବତୀ କନିଆ ।
ଉ - **ଗୁହ**

୧୨. ଫରୁଆଟି ସମତୁଲ, ଭାଙ୍ଗିଦେଲେ ମଲ୍ଲୀଫୁଲ ।
ଉ - **ନଡ଼ିଆ**

୧୩. ପର୍ବତ ଉପରେ କରଇ ବାସ, ଲାଞ୍ଜ କଥା କହେ ପାଟିରେ ଗ୍ରାସ ।
ଉ - **ଲେଖନ**



ବିପତ୍ତିରେ ପଡ଼ି ନିରାଶ ହୁଅନାହିଁ। ମନେରଖ ଅନ୍ନ ଦାନକରି ସଂସାରକୁ ସୁଖୀ କରୁଥିବା ଜଳବିନ୍ଦୁ କଳାମେଘରୁ ହିଁ ଆସିଛି।

# ବିଶ୍ୱ ପରିବାର ଓ ଏକତା



ଦେବଜାନୀ ରାଏ

ସଂସ୍କୃତି ଏକ ସମୃଦ୍ଧି ଭାଷା । ଏହି ଭାଷାରୁ ଏକ ଉତ୍ତମ ଧାରଣା ଉତ୍ପନ୍ନ ହୋଇଛି- "ବସୁଧୈବ କୁଟୁମ୍ବକମ୍" । ବସୁଧା ଅର୍ଥ ପୃଥିବୀ ଏବଂ କୁଟୁମ୍ ଅର୍ଥ ପରିବାର । ଏଣୁ ବସୁଧୈବ କଟୁମ୍ବକମ୍‌ର ଅର୍ଥ ସମଗ୍ର ପୃଥିବୀ ଗୋଟିଏ ପରିବାର ଏବଂ ଏହି ପୃଥିବୀରେ ବାସ କରୁଥିବା ସମସ୍ତ ମନୁଷ୍ୟ ଏବଂ ପ୍ରାଣୀ ଗୋଟିଏ ପରିବାରର ଅଂଶ ବିଶେଷ । ଆମେ ସମସ୍ତେ ଜାଣୁ ଯେ ମଣିଷ ହେଉଛି ଏକ ସାମାଜିକ ପ୍ରାଣୀ ଏବଂ ସମାଜର ପ୍ରଥମ ଗୋଷ୍ଠୀ ହେଉଛି ପରିବାର । ଯଦିଓ ଏହି କଥା ଏକ ପ୍ରାଚୀନ ଧାରଣା, ତଥାପି ଏହା ପୂର୍ବ ଅପେକ୍ଷା ବର୍ତ୍ତମାନ ଅଧିକ ପ୍ରାସଙ୍ଗିକ ।

ପରିବାର ଏମିତି ଏକ ସଂଗଠନ ଯେଉଁଥିରେ ବିଭିନ୍ନ ସମ୍ପର୍କ ସହିତ ସମସ୍ତ ସଦସ୍ୟ ଓତଃପ୍ରୋତ ଭାବରେ ଭାବପ୍ରବତାର ସହ ପରସ୍ପର ଜଡ଼ିତ ହୋଇଥାନ୍ତି । କିନ୍ତୁ ତା ମାନେ ନୁହେଁ ଯେ ସେମାନଙ୍କ ମଧ୍ୟରେ କୌଣସି ମତ କିମ୍ବା ଆଦର୍ଶଗତ ପାର୍ଥକ୍ୟ ନାହିଁ, କିନ୍ତୁ ସବୁ ସତ୍ତ୍ୱେ ସେମାନେ ପରସ୍ପର ସୁଖ ଦୁଃଖର ସାଥୀ ଅଟନ୍ତି । ପରିବାରର ସଦସ୍ୟ ପରସ୍ପରକୁ ସମର୍ଥନ ପୂର୍ବକ ଆଗକୁ ବଢ଼ିଥାନ୍ତି । ଗୋଟିଏ ପରିବାରର ଏହି ଦୃଢ଼ ଭାବନା ସମସ୍ତ ଲୋକଙ୍କ ପ୍ରଥମ ପ୍ରାଥମିକତା । ଯେତେବେଳେ ପରିବାରର ଏହି ଦୃଢ଼ ଭାବନା ବିଶ୍ୱସ୍ତରରେ ରୂପ ନିଏ, ଏହାକୁ "ବସୁଧୈବ କୁଟୁମ୍ବକମ୍" କୁହାଯାଇଥାଏ ।

ଏହି ପୃଥିବୀରେ ମାନବ ଜାତି ହେଉଛି ସର୍ବୋଚ୍ଚ ବିକାଶଶୀଳ ଜାତି । ବୌଦ୍ଧିକ ଭାବରେ ସେ ଅନ୍ୟ ସମସ୍ତ ଜୀବଠାରୁ ଉନ୍ନତ ଅଟେ । ଏହି ବୌଦ୍ଧିକ ଦକ୍ଷତା ହେତୁ ସେ ସମଗ୍ର ପୃଥିବୀର ମାଲିକ ଅଟନ୍ତି । ସମସ୍ତ ମନୁଷ୍ୟର ଶାରୀରିକ ଗଠନ ସମାନ, ସେମାନଙ୍କର ଆବଶ୍ୟକତା ମଧ୍ୟ ପ୍ରାୟ ସମାନ । ତେଣୁ ବିଭିନ୍ନ ସ୍ଥାନରେ ରହିବା ସତ୍ତ୍ୱେ ସେମାନଙ୍କର ଭାବନା କିନ୍ତୁ ସମାନ ନଥାଏ । ଏହା ସତ୍ତ୍ୱେ ବି ମନୁଷ୍ୟ ବିଭାଜିତ ଏବଂ ପୃଥିବୀ ମଧ୍ୟ ବିଭାଜିତ । ଏହି ବିଭାଜନର ଆବଶ୍ୟକତା ବି ରହିଅଛି । ପ୍ରତ୍ୟେକ ସ୍ତରର ବିଭାଜନ ସହିତ ମନୁଷ୍ୟର ମନୁଷ୍ୟର ସମ୍ବେଦନଶୀଳତା ମଧ୍ୟ ବିଭକ୍ତ । ଆଜି ଜଣେ ସାଧାରଣ ବ୍ୟକ୍ତିର ପ୍ରାଥମିକ କ୍ରମ ପରିବାର, ସ୍ଥାନରୁ ଆରମ୍ଭ ହୋଇ ରାଜ୍ୟ ଏବଂ ଦେଶ ସହିତ ଶେଷ ହୋଇଥାଏ ।

ମୂଳତଃ ଭାରତର ପ୍ରାଚୀନ ସାଧୁମାନଙ୍କ ଦ୍ୱାରା "ବସୁଧୈବ କୁଟୁମ୍ବକମ୍" ସଂକଳ୍ପିତ ହୋଇଥିଲା । ଆଉ ଏହାର ଲକ୍ଷ୍ୟ ପୃଥିବୀରେ ମାନବିକତାର ବିକାଶ କାରଣ ଥିଲା । ବସୁଧୈବ କୁଟୁମ୍ବକମ୍ ଦ୍ୱାରା ପ୍ରାଚୀନ ସାଧୁସନ୍ଥମାନେ ଏହି ବାର୍ତ୍ତା ଦେଇଥିଲେ ଯେ ସମସ୍ତ ମନୁଷ୍ୟ ସମାନ ଏବଂ ପରସ୍ପର ବିକାଶର ସହାୟକ ହେବା ସମସ୍ତଙ୍କ କର୍ତ୍ତବ୍ୟ । ଯାହାଦ୍ୱାରା ମାନବିକତାର ବୃଦ୍ଧି ଘଟିବ । ଭାରତୀୟମାନେ ଏହି ମନ୍ତ୍ରକୁ ଆନନ୍ଦରେ ଗ୍ରହଣ କରିଥିଲେ । ସେଥିପାଇଁ ରାମାୟଣରେ ଶ୍ରୀରାମ ସମଗ୍ର ପୃଥିବୀକୁ ଇକ୍ଷାକୁ ବଂଶର ଅଧୀନରେ ରହିବାକୁ କହିଥିଲେ ।

"ବସୁଧୈବ କୁଟୁମ୍ବକମ୍" ଆତ୍ମାଦ୍ୱାରା ପ୍ରଭାବିତ ହେତୁ ଭାରତ ପରେ ପ୍ରତ୍ୟେକ ଜାତିର ତଥା ପ୍ରତ୍ୟେକ ଧର୍ମର ଲୋକଙ୍କୁ ଆଶ୍ରିତ କରିଥିଲେ । କିନ୍ତୁ ଷୋଡ଼ଶ ସପ୍ତଦଶ ଶତାବ୍ଦୀରେ ଯେତେବେଳେ ୟୁରୋପରେ ଶିଳ୍ପାୟନ ଆରମ୍ଭ ହେଲା ଏବଂ ୟୁରୋପୀୟ ଦେଶମାନେ ଯେତେବେଳେ ସେମାନଙ୍କର ଉପନିବେଶ କରିବା ଆରମ୍ଭ କଲେ ସେତେବେଳେ "ବସୁଧୈବ କୁଟୁମ୍ବକମ୍"ର ଆତ୍ମା ବା ପ୍ରଭାବ ହ୍ରାସ ପାଇବାକୁ ଲାଗିଲା ଏବଂ ଏକ ନୂତନ ଧାରଣା "ଜାତୀୟତା ବାଦ" ଜନ୍ମ ନେଲା । ଯାହା ଦେଶ ମଧ୍ୟରେ ସୀମିତ ଥିଲା । ଆଜି ବି ବିଶ୍ୱରେ ଜାତୀୟତା ପ୍ରାଧାନ୍ୟ ବିସ୍ତାର କରୁଛି । ଏଥିରେ ଜଣେ ବ୍ୟକ୍ତି କେବଳ ନିଜ ଜାତି ବିଷୟରେ ଚିନ୍ତା କରେ, ସମଗ୍ର ମାନବିକତା ବିଷୟରେ ନୁହେଁ । ଏହି କାରଣରୁ ବିଶ୍ୱକୁ ଦୁଇଦୁଇଟି ବିଶ୍ୱଯୁଦ୍ଧର ସାମ୍ନା କରିବାକୁ ପଡ଼ିଥିଲା ଏବଂ ଯାହାଦ୍ୱାରା କୋଟିକୋଟି ଲୋକ ମୃତ୍ୟୁବରଣ କରିଥିଲେ ।

ଆଜି ମଣିଷ ଧର୍ମ, ଜାତି, ଭାଷା, ରଙ୍ଗ, ସଂସ୍କୃତି ଇତ୍ୟାଦି ନାମରେ ଏତେ ବିଭାଜିତ ହୋଇଛି ଯେ ସେ ସମସ୍ତଙ୍କର ଶାନ୍ତିପୂର୍ଣ୍ଣ ସହଭାଗିତାକୁ ଭୁଲିଯାଇଛି । ବିଭିନ୍ନ ସ୍ଥାନଗୁଡ଼ିକରେ ଘଟୁଥିବା ହିଂସା, ଯୁଦ୍ଧ ଏବଂ ଶତ୍ରୁତା ଏହାର ପ୍ରମାଣ ଅଟେ ।

ପରିବାର ଆମକୁ ନିରାପଦ ଅନୁଭବ ଦେବାରେ ସାହାଯ୍ୟ କରିଥାଏ ଏବଂ ଆମର ସମସ୍ୟାକୁ ସମାଧାନ କରିଥାଏ । ଅନ୍ତର୍ଜାତୀୟ ପରିବାର ଦିବସ ପ୍ରତିବର୍ଷ ମେ ୧୫ ତାରିଖରେ ପାଳନ କରାଯାଇଥାଏ । ଆମ ସମସ୍ତଙ୍କ ଜୀବନରେ ପରିବାର ହିଁ ସକ୍ରିୟ ଭୂମିକାର ମହତ୍ତ୍ୱକୁ ମନେପକାଇବା ପାଇଁ "ବିଶ୍ୱ ପରିବାର ଦିବସ" ପାଳନ କରାଯାଉ ଅଛି । ଯେ କୌଣସି ସମାଜର କେନ୍ଦ୍ର ହେଉଛି ପରିବାର । ପରିବାର ସବୁ ବୟସର ଲୋକଙ୍କୁ ଆରାମ ଦେଇଥାଏ । ଏହି ଦିନ ପାଳନ କରିବାର ମୂଳ ଉଦ୍ଦେଶ୍ୟ ହେଉ ବିଶ୍ୱ ସମୁଦାୟ ପରିବାରକୁ ସଂଯୋଗ କରିବା । ଏହି ଦିବସ ପରିବାର ସହିତ ଜଡ଼ିତ ସମସ୍ୟା ଗୁଡ଼ିକ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ପରିବାର ଉପରେ ପ୍ରଭାବ ପକାଉଥିବା ଅର୍ଥନୈତିକ ଜନସଂଖ୍ୟା ଏବଂ ସାମାଜିକ ପକ୍ରିୟା ବିଷୟରେ ଜ୍ଞାନ ବୃଦ୍ଧି କରିବାରେ ସୁଯୋଗ ପ୍ରଦାନ



ଅଗ୍ନି, ରୋଗ, ଋଣ ଏବଂ ପାପ ଏହି ଚାରୋଟି ପଦାର୍ଥକୁ ଅବହେଳା କଲେ ବହୁତ ବଡ଼ ଦୁଖ-ଗର୍ତ୍ତରେ ପକାଇଦିଅନ୍ତି ।

କରିଥାଏ। ୟୁନିଭର୍ସାଲ୍ ଶାନ୍ତି ଫେଡ଼େରେସନ୍ ଦ୍ୱାରା ଏହି ଦିନଟିକୁ ମଧ୍ୟ ପାଳନ କରାଯାଏ। ଯେଉଁଠାରେ ସେମାନେ ବିଶ୍ୱାସ କରନ୍ତି ଯେ ପରିବାର ହିଁ ସବୁଠାରୁ ଉତ୍ସର୍ଗୀକୃତ ସାମାଜିକ ଏକକ ଶାନ୍ତି ଏବଂ ପ୍ରେମର ବିଦ୍ୟାଳୟ। ୧୯୯୪ରେ ଆମେରିକା ପରିବାରର ଅନ୍ତର୍ଜାତୀୟ ବର୍ଷଭାବେ ଘୋଷଣା କରିଥିଲା। ୧୯୯୫ ପରଠାରୁ ଏହି ଦିବସକୁ ପାଳନ କରାଯାଉ ଅଛି। ଏହି ଦିନ ଲୋକମାନେ ଧୂମପାନ ଇତ୍ୟାଦି କ୍ଷତିକାରକ ଅଭ୍ୟାସ ଛାଡ଼ି ନିଜ ପରିବାର ପାଇଁ ସୁସ୍ଥ ଓ ଭଲ ଅଭ୍ୟାସ ଗ୍ରହଣ କରିବାକୁ ଏକ ପ୍ରତିଶ୍ରୁତି ଦେଇଥାନ୍ତି। ଏହି ଦିନର ଉପଯୁକ୍ତ ଉଦ୍ଦେଶ୍ୟ ହେଉଛି ସମଗ୍ର ବିଶ୍ୱରେ ପରିବାରକୁ ସମ୍ମାନ ପ୍ରେମ ଏବଂ ସମ୍ମାନ ଦେବା। ପ୍ରତିବର୍ଷ ଥିମ୍ ମାଧ୍ୟମରେ ଏହି ଦିନକୁ ଆହୁରି ଭଲଭାବରେ ପାଳନ କରାଯାଇଥାଏ।

ବିଶ୍ୱ ପରିବାର ଦିବସ ସମସ୍ତ ମାନବ ଜାତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ ଅଟେ। ଏହା ଆଧୁନିକ ଯୁଗରେ ପରିବାରର ମହତ୍ତ୍ୱ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରେ। ଆଜିକାଲି ଲୋକ ସମୁଦାୟ ସ୍ୱାଧୀନ ଏବଂ ଏକାକୀ ଜୀବନଶୈଳୀ ଆଡ଼କୁ ଗତି କରୁଥିବା ବେଳେ ସେମାନେ ସମାଜର ଏହି ମୂଲ୍ୟାବାନ ଜିନିଷଠାରୁ ଦୂରେଇ ଯାଉଛନ୍ତି, ଯାହାକୁ "ପରିବାର" ଆଖ୍ୟା ଦିଆଯାଇଛି। ଯେଉଁମାନେ ନିଜ ପରିବାର ସହିତ ସମୟ ବିତେଇବାକୁ ଚାହୁଛନ୍ତି ସେମାନଙ୍କ ପାଇଁ ଏହି ଦିନଟି ଆଦର୍ଶ ଅଟେ। ଅଳ୍ପ କିଛି ଲୋକଙ୍କ ସହିତ ରହିବା ଦ୍ୱାରା ପରିବାର ତିଆରି ହୁଏ ନାହିଁ। ପରସ୍ପର ସୁରକ୍ଷା ପାଇଁ ସମ୍ପର୍କରେ ଏକ ଦୃଢ଼ ବନ୍ଧନ, ପ୍ରତିଜ୍ଞା ଏକ ଉଦ୍ଦେଶ୍ୟ ମୂଳକ କାର୍ଯ୍ୟ ଅଟେ। ଆମ ସଂସ୍କୃତିରେ ପରମ୍ପରାରେ ପରିବାରର ଏକତା ଉପରେ ସର୍ବଦା ଗୁରୁତ୍ୱ ଦିଆଯାଇଛି। ଏହି ସମ୍ପର୍କର ସମ୍ମାନ ରକ୍ଷା କରିବା ଆମରି କର୍ତ୍ତବ୍ୟ।

ଜଟଣୀ,ଖୋରଧା
୯୪୩୭୪୧୩୩୧୪

## କୃଶବିଦ୍ଧ

ଉମେଶ ଚନ୍ଦ୍ର ପାତ୍ର



୯୮୫୩୫୮୯୪୩୨

ମୁଁ ପରା ପ୍ରତିକ୍ଷଣ କୃଶବିଦ୍ଧ
ମସିହାର ପରିଚୟ ନେଇ
ଜୀଇଁ ଚାଲିଛି ଜୀବନ
ସ୍ରଷ୍ଟାର ଖିଆଲି ମନର
ଏକ ଘାସଫୁଲର ଅସ୍ତିତ୍ୱ ବଜାୟ ରଖି।

କାଳେ ତାଙ୍କୁ ନିନ୍ଦା ହେବ ବୋଲି
ଜୀବନଟା ଆନନ୍ଦମୟ ବୋଲି
ବିଜ୍ଞାପନ ଦେଇ
ସଭିଙ୍କୁ ଆପଣାର କରିବାର
ଅପଚେଷ୍ଟା ମଧ୍ୟେ
କିଛି ନଦେଇ ପାରିବାର କଳଙ୍କ ବୋଲି ହୋଇ।

କ'ଣ ବା ଦେଇ ମୁଁ ପାରିବି ?
ମୁଁ ତ ଦିନରାତି ତାଙ୍କୁ
'କିଛି ମାଗୁନାହିଁ ତୋତେ' ବୋଲି
ପ୍ରାଥନା କରୁଛି
ସୁଖ ସାଉଁଟିବା ଆଶା ଦେଇଛି ମୁରୁଛି।

ସେ ତ ନଟନାଗର
ସବୁ କିଛି ପ୍ରଦାନର ଆତ୍ମତୃପ୍ତିରେ
ଖଣ୍ଡିଆ ବାହୁକୁ ଦେଇଛନ୍ତି ଶୂନ୍ୟକୁ ମେଲାଇ
ଚଉବର୍ଗ ଦାନୀର ମୁକୁଟ ପିନ୍ଧି
ନାଲି ଅଧରରେ ମନ୍ଦହସ ଖେଳାଇ।

ଅଭିମାନ କ'ଣ,
ଭୁଲି ମୁଁ ଯାଇଛି....
ଦୁନିଆର ଦୁଃଖ ସବୁ
ମୋ କାନିରେ ଅଜାଡ଼ି ଦିଅ ବୋଲି
ନିଇତି ମାଗୁଛି।

ଭୀମଭୋଇର ପରିତୃପ୍ତି ନେଇ
ମୁଁ ତ ପ୍ରସ୍ତୁତ ସବୁବେଳେ
ଜୀବନକୁ ନର୍କରେ ପକାଇ
ଅହରହ ଯୁଝୁଥିବି
ଜଣଙ୍କର ମଙ୍ଗଳ ମଧ୍ୟରେ
ଗଣର ମଙ୍ଗଳ ମଧ୍ୟେ
ଜଗତର ଉଦ୍ଧାରରେ ବାର୍ତ୍ତା ଦେଇ
ପ୍ରାଣୀଙ୍କ ଆରତର ନିବାରଣ ପାଇଁ ।



ଯୌବନ, ଧନ, ଅଧିକାର ଏବଂ ଅବିବେକିତା ଏହି ଚାରୋଟି ଅବସ୍ଥା ପ୍ରତି ସାବଧାନ ରହିବା ଆବଶ୍ୟକ। ନଚେତ୍ ମନୁଷ୍ୟ ଖରାପ ହୋଇଯାଇପାରେ ।

# ଦୁର୍ଲଭ ଜୀବନ



**ଜ୍ୟୋସ୍ନାରାଣୀ ପଟ୍ଟନାୟକ**

କେତେ ମଧୁମୟ ଏଇ ମାନବ ଜୀବନ
ବିଶ୍ୱନିୟନ୍ତାଙ୍କର ଏହା ଶ୍ରେଷ୍ଠ ବରଦାନ
ଏ ସଂସାରେ ଜନ୍ମନେଇ ମଣୁଛୁ ଧନ୍ୟ
ଅମୂଲ୍ୟ ଜୀବନର ସଦା ରଖୁଥାଅ ମାନ ।

ଆଧୁନିକ ଚଳଣିରେତ ଲାଗିଛି ଗ୍ରହଣ
ବିଷାଦରେ ନବଶୋଭା ହାରୁଛନ୍ତି ଜୀବନ
ସମସ୍ୟା ମାଳମାଳ ବିଚଳିତ ଯୁବପ୍ରାଣ
ଦିଗହରା ଯୁବବର୍ଗ ଲଭେ ଅକାଳ ମରଣ ।

ମନୁଷ୍ୟର ସ୍ୱପ୍ନ ଏବେ ରହିବାକୁ ମଙ୍ଗଳ ଗ୍ରହରେ
ସ୍ଥାନ ନିରୂପଣ କଲାଣି ପୁଣି ଚନ୍ଦ୍ର ଇଲାକାରେ
ହେଲେ ସ୍ମାର୍ଟ ସହରରେ ଲାଗିଛି ଆତ୍ମହତ୍ୟାର ନିଶା
ଡ୍ରଗସ ଖାଇ ତରୁଣଗଣ ହରାଉଛନ୍ତି ଦିଶା ।

ଅକୁହା ଅସହ୍ୟ ଯନ୍ତ୍ରଣାରେ ହୋଇ ଜର୍ଜରିତ
ଜୀବନ ନେବାକୁ ପିଲେ ନକରନ୍ତି ଦ୍ୱିଧାବୋଧ
ପିତାମାତାଙ୍କର ସ୍ୱପ୍ନ ରହିଯାଉଛି ଅଧୁରା
ସନ୍ତାନକୁ ହରାଇ ସେମାନେ ଏବେ ସର୍ବହରା ।

ଏବେ ଆତ୍ମହତ୍ୟା ହୋଇଛି ଏକ ପ୍ରବଣତା
ଏକକୁ ଦେଖି ଆରକେ କରେ ନିଜକୁ ହତ୍ୟା
ଦୁଃଖମୟ ସଂସାରରେ ଯେ ସମସ୍ୟା ଅନେକ
ପ୍ରାଣଦେଇ ଭାବୁଛନ୍ତି ହୋଇବେ ପଳାତକ ।

ଚାଷୀକୂଳେ ଆସିଅଛି ଘୋର ଦୁର୍ଦ୍ଦିନ
ପ୍ରାକୃତିକ ବିପର୍ଯ୍ୟୟ ବଡ଼ କାରଣ
ଋଣଭାରେ ଫସି ଚାଷୀ ହୁଏ ଭାରାକ୍ରାନ୍ତ
ଆତ୍ମହତ୍ୟା କରିଭାବେ ହୋଇବ ଆଶ୍ୱସ୍ତ ।

ଦାମ୍ପତ୍ୟ କଳହରେ ହୋଇ ହନ୍ତସନ୍ତ
ଦମ୍ପତି କରୁଛନ୍ତି ମରଣ ସ୍ୱହସ୍ତ
ପାଶ୍ଚାତେ ଯେ କିହେବ ନାହିଁତାଙ୍କ ଚିନ୍ତା
ଜନ୍ମଦେଇ ସନ୍ତାନଙ୍କୁ ଦେଉଛନ୍ତି ଦୁଃଶ୍ଚିନ୍ତା ।

# ବର୍ଷା



**ସନ୍ନିଭା ମିଶ୍ର ଦାଶ**

ନିମନ୍ତ୍ରିତ ଅତିଥି ପରି ସହାସ୍ୟ ବଦନ ଟେକି
ସେ ହୁଏନା ଉପସ୍ଥିତ ଅଙ୍ଗନରେ ।
ତା'ମତୁଆଲା ଇଚ୍ଛାନେଇ ସ୍ୱୟଂ ପ୍ରୟାସରେ ଆସେ
ଓଠରେ ଭରି ବେଜାଏ ଦୁସର ଉଚ୍ଛ୍ୱାସ
ଶୁଷ୍କ ହୃଦୟକୁ କରିଦିଏ ଆର୍ଦ୍ର,
ତ କାହା ହୃଦୟରେ ଝରାଇ ଅଶ୍ରୁ ଫେରିଯାଏ ।
ଧର୍ମ ତାର ଆଷାଢ଼ ଶ୍ରାବଣ ହୋଇ ବରଷି ଯିବା ।
କାହାମନ ଠେଇଁ ତା'ର ଯାଏ କେତେ, ଆସେ କେତେ !
ଆନ୍ଦୋଳିତ ବୃକ୍ଷରାଜି ଶୀତଳ ବିନ୍ଦୁର ମୃଦୁ ଚୁମ୍ବନରେ
ସଙ୍ଗୀତର ମୂର୍ଚ୍ଛନା ବୁଝାଇ ନାଚୁଥାନ୍ତି ଛମ୍‌ଛମ୍ ମୟୂରୀ ପରି
ଚାତକସମ ଖୁସିରେ ହଜିମଜି ।
ଗିରିବନ, ହ୍ରଦ, ଆକାଶ ସବୁଠି ପ୍ଲାବନର ଧାରା ।
ନିଆରା ଆନନ୍ଦରେ ଆହ୍ଲାଦିତ ହୋଇ ଝୁମିଝୁମି ସହସ୍ରବିନ୍ଦୁ
ଏକ ମୁହାଁ ଧାଉଁଥାଏ ତା'ର ବିଶାଳ ସ୍ରୋତର
ଦେହକୁ ନେଇ, କେଉଁଠି ସଳଖତ
କେଉଁଠି ଅଙ୍କାବଙ୍କା ହୋଇ
ଲକ୍ଷ୍ୟଭେଦୀ ବାଣ ପରି ତା'ଲକ୍ଷ୍ୟ ପୂରଣ ପାଇଁ ।
ସର୍ବାଙ୍ଗେ ପୁଲକ ବୁହାଇ
ଦେଇଥାଏ ଲମ୍ଫ ସେ ସାଗର ବକ୍ଷରେ ।

**କଳଦିଆ, ନମୌଜା,**
**କେନ୍ଦ୍ରାପଡ଼ା- ୭୫୪୨୩୧**
**ଦୂରଭାଷ: ୯୯୩୭୭୨୯୫୭୯**



ସଂସାରର ସୁଖ କ୍ଷଣଭଙ୍ଗୁର । ସେ ପର୍ଯ୍ୟନ୍ତ କାହାକୁ ସୁଖୀ ଭାବିବା ଉଚିତ୍ ନୁହେଁ । ଯେପର୍ଯ୍ୟନ୍ତ ସେ ସେହିପରି ସ୍ଥିତିରେ ମରିନଯାଇଛି ।

# ଜଣାଣ



ସୁବାସ ରାଉତ

କାଳିଆରେ, କାଳିଆରେ, ଭାବଦେଇଥିଲୁ ରଖି
ତୁ ମନମୋହନ କଳାଶ୍ରୀ ବଦନ, ଆଶିଷ ଶ୍ରୀମୁଖ ଦେଖି
ଭାବଦେଇଥିଲୁ ରଖି...............

ତୋ କଳା ବଦନ, ଅତି ଭାବପୂର୍ଣ୍ଣ
ରହିଲା ମନ ମୋ ଲାଖି
ତୋ ପ୍ରେମ ସାଗରେ ବୁଡ଼ି ଯାଉଥିବି
ଭାବ ବିଭୋରରେ ମାତି
ଅପୂର୍ବ ସୁନ୍ଦର ସେ ଲାବଣ୍ୟଠାର ରହିଥାନ୍ତି ଭକ୍ତ ସାକ୍ଷୀ,
ଭାବ ଦେଇଥିଲୁ ରଖି.........

କେତେ ଲୁଚକାଳି ଖେଳୁ ଭାବଗ୍ରାହୀ
ଜଗତେ ହସିବେ ଦେଖି
ଦୁଃଖି ରଙ୍କିମାନେ ଭଜୁଥିବେ ମନେ
କେତେ ଭରସାରେ ବସି
ବଡ଼ ଦେଉଳରେ ହସୁଥିବୁ ରହି ଭକତଙ୍କ ଦୁଃଖ ଦେଖି
ଭାବ ଦେଇଥିଲୁ ରଖି.........

ପଚିଶି ବରଷେ ନାଗାର୍ଜୁନ ବେଶେ
ନପାରିଲେ କେହି ଦେଖି
କେତେ ଆନନ୍ଦିତ ହୁଅନ୍ତି ଜଗତେ
ଅନୁଭବେ ସ୍ୱର୍ଗ ସୁଖୀ
ତୋ କରୁଣାବାରି ପଡୁଥିବ ଝରି ବେନି
କର ଯୋଡ଼େ ଦୁଃଖୀ
ଭାବ ଦେଇଥିଲୁ ରଖି.........

ଦୂରଭାଷ: ୯୨୩୭୦୪୩୦୫୩

# ଅମୃତ ବିନ୍ଦୁ



ଡ ଲାବଣ୍ୟଚନ୍ଦ୍ର ସାହୁ

ମୁଁ ତ ଦୀନ ହୀନ, ଏ ସାରା ଜଗତେ
ତୁମେ ପରିପୂର୍ଣ୍ଣ ସିନ୍ଧୁ ହେ।
ମୁଁ ଯେ ନିରାଶ୍ରିତ, ନିଃସଙ୍ଗ ପଥିକ
ତୁମେ ଯେ ଅନାଥ ବନ୍ଧୁ ହେ।।

ମୁଁ ଯେ ଅବାରିତ, ନେତ୍ର ଅଶ୍ରୁଧାରା
ଘନ ଅନ୍ଧକାରେ, ଚଲାପଥ ହରା
ତୁମ୍ଭେ ଯେ ଅନନ୍ତ, ଆଶାର ଆଲୋକ
ପୂର୍ଣ୍ଣିମାର ପୂର୍ଣ୍ଣ ଇନ୍ଦୁହେ ।।

ମୁହିଁ ମରୁ, ତୁମେ, ଛାୟା ସୁଶୀତଳ
ମୁହିଁ ଜ୍ୱାଳା, ତୁମେ ପ୍ରେମ ପରିମଳ
ମୁଁ ଦେଖଇ ତୁମ, ଅଧରୁ ଅମୃତ....
ବହି ପଡ଼େ, ବିନ୍ଦୁ ବିନ୍ଦୁ ହେ।।

ତୁମେ ପୁଣ୍ୟଧନ, ସକଳ ବିଧାନ
ମୁଁ ଯେ ଶୋକ, ତୁମେ ରୂପ ବିମୋହନ
ମୁଁ ତମ ଆଶ୍ରିତ, ଚାହିଁ ଅଛି ପଥ-
କାଳ କଟେ, କାନ୍ଦୁ କାନ୍ଦୁ ଯେ।।

ଶ୍ରାବସ୍ତୀ-୩୫ ବସନ୍ତ ବିହାର
ଭୁବନେଶ୍ୱର-୧୮
ଦୂରଭାଷ: ୮୮୯୫୪୮୭୧୭୨



କ୍ରୋଧ ସମୟରେ ଚୁପ୍ ରହିବା ହିଁ ବୁଦ୍ଧିମାନ। ଜିଭକୁ ରୋକିବାରେ ହିଁ ମହତ୍ତ୍ୱ, ତା'ଠାରୁ ଅଧିକ ମହତ୍ତ୍ୱ ମନକୁ ରୋକିବାରେ ନିହିତ।

# ହଲେ କୁରୁଳିଆ ମନ



ଦାଶ ବେନହୁର

ପତର ହଲିଲେ
ଡାଳ ହଲିଯାଏ
ହଲିଯାଏ ଗଛ ସାରା,
ଗଛ ହଲିଗଲେ
ଜଙ୍ଗଲ ହଲଇ
ହଲିଯାଏ ଛାଇ ଖରା ।୧।
ମେଘ ହଲିଗଲେ
ଆକାଶ ହଲଇ
ହଲଇ ନଈର ପାଣି,
ବଡ଼ ସାନ ମାଛ
ହଲର ମଲର
ନଈତୁଠ ହଲେ ଜାଣି ।୨।
ବାଉଁଶପତିରି
ପୋହଳା ପୋବତା
ଚିତଳ କଣ୍ଟିଆ କଉ,
କୋକୋଳ କେରାଣ୍ଡି
ଦଣ୍ଡେଇ ହଲନ୍ତି
ହଲି ଚହଲଇ ଢେଉ ।୩।
ହଲଇ ନଉକା
ହଲଇ ନାଉରି
ଆହୁଲା ହଲଇ ଯହୁଁ ,
ପାଲରେ ପବନ
ଫୁଲି ଫିଲି ଉଠେ
ମଙ୍ଗ ହଲିଯାଏ ତହୁଁ।୪।
ପିଲାଏ ହଲନ୍ତି
ପୋଷାକ ବି ହଲେ
ହଲିଯାଏ ଗୋଟା ଋତୁ,
ଫୁଲ ଯେତେ ଥାଇ
ହଲା ହଲିହ'ନ୍ତି
ପବନରେ କୁତୁକୁତୁ ।୫।
ଶରୀର ହଲିଲେ
ଜୀବନ ହଲଇ
ହଲୁଥାଏ ରାତିଦିନ,
ମେଳା ମଉଛବେ
ଭାବ ହଲହଲ
ହଲେ କୁରୁଳିଆ ମନ ।୬।
ନିଜ ମନ ଯଦି
ହଲେ ପର ପାଇଁ
ସେବା କାରଣରେ ହଲେ,
ଏ ସାରା ଜଗତ
ଦୋଳିରେ ହଲଇ
ସୁଖରେ ସଂସାର ଝୁଲେ।

# ଜୀବନ



ମହେଶ୍ୱର ସାହୁ

ଆରମ୍ଭରେ ଆନନ୍ଦ, ସୁଖଭରା କାନ୍ଦ
ସ୍ୱାଗତ ସମ୍ବର୍ଧନାର ସମ୍ଭାର
ପ୍ରାପ୍ତି ସ୍ୱୀକାର ଓ ସ୍ୱୀକୃତିରେ ମସଗୁଲ
ପ୍ରତିଟି ସଦସ୍ୟ ବନ୍ଧୁ ପରିବାର
ପିତୃତ୍ୱ ଓ ମାତୃତ୍ୱର ପରିଚୟରେ
ପିତା ମାତା ଆନନ୍ଦିତ....
ଯେମିତି ନୂଆ ଏକ ସାମ୍ରାଜ୍ୟ ପ୍ରାପ୍ତିରେ
ଉତ୍ସବ ମୁଖର ହୁଏ ରାଜ ଉଆସ।
ଶେଷରେ ସବୁକିଛିର ଅନ୍ତ
ଦୁଃଖରେ ବି ସୁଖ, ଜୀବନ ହୁଏ-
ଯନ୍ତ୍ରଣା ରହିତ....
ପରମ ସହ ଜୀବର ମିଳନର ପର୍ବ
କେବେ କେବେ ସତ ଲାଗେ
ବେଳେ ବେଳେ ମିଛ
ଅବଶ୍ୟ ଅକାଳରେ ଲିଭିଯାଏ ଯଦି
କେବେ କେଉଁ ଜୀବନର ଦୀପ
ମନହୁଏ ଭାରାକ୍ରାନ୍ତ ଯନ୍ତ୍ରଣା ଜର୍ଜରିତ।।
ସବୁକଥା ସମସ୍ତେ ଜାଣନ୍ତି ସତ
ତଥାପି ମନରେ ଅସରନ୍ତି ସ୍ୱପ୍ନ
ପକ୍ଷ ନଥାଇ ବି ଆକାଶରେ ଉଡ଼ିବାରେ ମନ
କାମନାର ମାୟାଜାଲରେ ବନ୍ଦୀ ଏ ଜୀବନ
ନୂଆ କିଛି ପାଇବାର ଲାଳସାରେ
ଅସ୍ତବ୍ୟସ୍ତ ହୁଏ ନିରୀହ ପ୍ରାଣ
ବୁଝିପାରେନି ମଣିଷ ଈଶ୍ୱର ମହାନ
ସବୁକୁଛି ତାର ଇଛା, ସେ ସବୁର କାରଣ
ତା ପାଦରେ ସମର୍ପିତ ଯାହାର ଜୀବନ
ସେ ହିଁ ବାସ୍ତବରେ ଧନ୍ୟ ଧନ୍ୟ ଧନ୍ୟ।।।

ଉପ-ନିର୍ଦ୍ଦେଶକ, ଓସେପା,
ଭୁବନେଶ୍ୱର

# ଶାସ୍ତି ପାଇଲେ ରାଜା



ଗୋବିନ୍ଦ ମହାରଣା

ଅନେକ ଦିନ ତଳର କଥା। ଆରବ ଦେଶରେ ଜଣେ ଅତ୍ୟାଚାରୀ ରାଜା ଥିଲେ। ତାଙ୍କ ଶାସନରେ ଖୁବ୍ କଷ୍ଟରେ ଚଳୁଥିଲେ ପ୍ରଜାମାନେ। ରାଜାଙ୍କ ବିରୋଧରେ ଯଦି କେହି ପଦଟିଏ କେଉଁଠି କହିଦେଲା କଥାସରିଲା। ତା'ପରଦିନ ରାଜା ସୈନ୍ୟ ପଠାଇ ତାକୁ ବନ୍ଦୀ କରିନେଉଥିଲେ। ବନ୍ଦୀଶାଳାକୁ କଡ଼ାକଡ଼ି ଜଗାରଖା କରାଯାଉଥିଲା। ତଥାପି ବେଳେବେଳେ ବୁଦ୍ଧି ଓ ସାହସ ଥିବା ବନ୍ଦୀମାନେ ପାଚେରୀ ଡେ଼ଇଁ ଖସି ପଳାଉଥିଲେ। ରାଜା ଚିନ୍ତା କଲେ, ଏପରି ଏକ ବନ୍ଦୀଶାଳା ତିଆରି କରିବି, ଯେଉଁଠୁ କେହି କେବେ ଖସି ଯାଇପାରିବେ ନାହିଁ। ତେଣୁ ସେ ରାଜ୍ୟର ସବୁଠାରୁ ଶ୍ରେଷ୍ଠ କାରିଗରଙ୍କୁ ଡ଼ାକି ଏହି ନୂଆ ବନ୍ଦୀଶାଳା ତିଆରି ପାଇଁ ଦାୟିତ୍ୱ ଦେଲେ। କାରିଗର ନିଜର ସମସ୍ତ କୌଶଳ ଖଟାଇ ରାଜା ଚାହୁଁଥିବା ପରି ବନ୍ଦୀଶାଳାଟିଏ ତିଆରି କଲେ। ରାଜା ଭାବିଲେ ଏ କାରିଗରଙ୍କୁ ବନ୍ଦୀଶାଳାର ଗୁମର କଥା ଜଣାଥିବ। ସେ ଅନ୍ୟମାନଙ୍କୁ ଏକଥା କହି ଦେଇ ପାରନ୍ତି। ତେଣୁ ଆଦେଶ ଦେଲେ କାରିଗରଙ୍କୁ ନୂଆ ବନ୍ଦୀଶାଳାରେ ନିକ୍ଷେପ କରାଯାଉ। ଶ୍ରେଷ୍ଠ କାରିଗର ବନ୍ଦୀ ହୋଇ ରହିଲେ ନିଜ ହାତରେ ଗଢ଼ିଥିବା ବନ୍ଦୀଶାଳାରେ। ସେଠାରୁ ମୁକୁଳି ଆସିବାର କୌଣସି ବାଟ ସେ ରଖି ନଥିଲେ। ତେଣୁ ତା'ଭିତରେ ସେ ମୃତ୍ୟୁବରଣ କଲେ।

କିଛି ବର୍ଷ ବିତିଗଲା। ଦିନେ ଜଣେ ଯୁବକ ରାଜାଙ୍କୁ ଭେଟି ନିଜ କାରିଗରୀ କୌଶଳ ତଥା ବିଦ୍ୟା ବୁଦ୍ଧିର ଦକ୍ଷତା ଦେଖାଇଲା। ରାଜା ଖୁସି ହୋଇ ଯୁବକକୁ ରାଜ ପରିଷଦରେ ନିଯୁକ୍ତି ଦେଲେ। ଯୁବକ ନିଜ କଥା ଓ କାମରେ ଚତୁରତା ଦେଖାଇ ରାଜାଙ୍କର ଅତି ପ୍ରିୟ ହେବାକୁ ଲାଗିଲା। କିଛିଦିନ ମଧ୍ୟରେ ରାଜା ତାକୁ ଖୁବ୍ ବିଶ୍ୱାସ କରିଗଲେ। ସୁଯୋଗ ଦେଖି ଦିନେ ଯୁବକ ରାଜାଙ୍କୁ କହିଲା- ମଣିମା, ଆପଣ ଏମିତି ଏକ କାମ କରନ୍ତୁ ଯେପରି ଇତିହାସରେ ଅମର ହୋଇ ରହିବେ। ରାଜା ଉତଫୁଲ୍ଲିତ ହୋଇ ପଚାରିଲେ, କ'ଣ କରିବା କୁହ'। ଯୁବକ କହିଲେ ମରୁଭୂମିରେ ଏପରି ଏକ ସୁନ୍ଦର ଓ ଚମତ୍କାର ରାଜାପ୍ରସାଦ ତିଆରି କରିବା, ଯାହା ପୃଥିବୀରେ କୌଣସିଠାରେ ନଥିବ। ଯିଏ ଦେଖିବ ସିଏ ଆଶ୍ଚର୍ଯ୍ୟ ହେବ ଓ ଆପଣଙ୍କର ଗୁଣଗାନ କରିବ। ଯୁବକଙ୍କ କଥାରେ ରାଜା ରାଜି ହୋଇଗଲେ। ଏଥିପାଇଁ ମରୁଭୂମିରେ ଏକ ଉତ୍ତମ ସ୍ଥାନଟିଏ ବାଛିବା ପାଇଁ ଯିବା ସକାଶେ ଦିନ ଧାର୍ଯ୍ୟ କରାଗଲା।

ନିର୍ଦ୍ଧାରିତ ଦିନ ଯୁବକ ଅଶ୍ୱ ଚଢ଼ି ବାହାରିଲା। ରାଜାଙ୍କୁ ପଛରେ ବସାଇ ଛୁଟି ଚାଲିଲା ମରୁଭୂମି ଅଭିମୁଖେ। କେତେ ଘଣ୍ଟାର ଯାତ୍ରା ପରେ ସେମାନେ ମରୁଭୂମିରେ ପହଞ୍ଚିଲେ। ମରୁଭୂମିର ଯେଉଁ ସ୍ଥାନ ଅତି ଅଗମ୍ୟ ଓ ଜନପ୍ରାଣୀ ଶୂନ୍ୟ, ସେଇଠି ଅଶ୍ୱ ଅଟକିଲା। ତାହା ମରୁଭୂମିର ମଧ୍ୟସ୍ଥଳ। ସେଠାରୁ ଯେଉଁ ଦିଗକୁ ଗଲେ ମଧ୍ୟ ଶହ ଶହ ମାଇଲ୍ ବାଲି ପାର ହେବାକୁ ପଡ଼ିବ। ରାଜା ଓ ଯୁବକ ସେହି ନିକାଞ୍ଚନ ସ୍ଥାନରେ ଅଶ୍ୱରୁ ଓହ୍ଲାଇଲେ।

ଯୁବକ କହିଲେ ମହାରାଜ, "ଆପଣ ଟିକେ ମନେ ପକାନ୍ତୁ। ଅନେକ ବର୍ଷ ତଳେ ଜଣେ କାରିଗରଙ୍କ ଦ୍ୱାରା ଏକ ଅଦ୍ଭୁତ ବନ୍ଦୀଶାଳା ତିଆରି କରାଇଥିଲେ। ତାଙ୍କୁ ପୁରସ୍କାର ନଦେଇ ଅତି ନିର୍ଦ୍ଦୟ ଭାବରେ ସେହି ବନ୍ଦୀଗୃହରେ ନିକ୍ଷେପ କଲେ। ବିନା ଦୋଷରେ ବିଚରା କାରିଗରକୁ ସେହି କାରାଗୃହରେ ପ୍ରାଣତ୍ୟାଗ କରିବାକୁ ପଡ଼ିଲା। ମୁଁ ସେହି କାରିଗରଙ୍କର ପୁତ୍ର। ଆପଣ ହେଉଛନ୍ତି ମୋ ପିତାଙ୍କର ହତ୍ୟାକାରୀ। ଆପଣଙ୍କୁ ଶାସ୍ତି ନଦେବା ଯାଏ ମୋ ପିତାଙ୍କର ଆତ୍ମା ଶାନ୍ତି ପାଇବ ନାହିଁ। ତେଣୁ ଆଜି ମୁଁ ଆପଣଙ୍କୁ ଈଶ୍ୱରଙ୍କ ହାତଗଢ଼ା ଏଇ ପ୍ରାକୃତିକ ବନ୍ଦୀଶାଳାରେ ଛାଡ଼ି ଦେଇ ଯାଉଛି। ଏଠାରୁ କେହି କେବେ ଜୀବନ ନେଇ ଫେରିନାହିଁ। ଆପଣ ଜୀବନରେ ଅନେକ ପାପ କରିଛନ୍ତି। ଏଇଠି ରହି ସେହି ପାପର ଫଳ ଭୋଗ କରନ୍ତୁ।" ଏତିକି କହି ଯୁବକ ଘୋଡ଼ା ଝପଟାଇ ସେ ସ୍ଥାନରୁ ଦୂରକୁ ଚାଲିଗଲା।

ବୋକାଙ୍କ ପରି ରାଜା ଚାହିଁ ରହିଥିଲେ। ତାଙ୍କ ଚାରିପାଖେ ଭରି ରହିଥିଲା କେବଳ ବାଲି ଆଉ ବାଲିର ପାହାଡ଼। ଖାଁ ଖାଁ ନିର୍ଜନ ମରୁଭୂମିରୁ ସତେ ଯେମିତି ସେ ଶୁଣି ପାରୁଥିଲେ ମୃତ୍ୟୁର ଡ଼ାକ। କାରିଗରର ପୁତ୍ର ଯେ ତାଙ୍କୁ ଏଭଳି ଶାସ୍ତି ଦେବ, ତାହା ସେ କଳ୍ପନାରେ ମଧ୍ୟ ଭାବି ନଥିଲେ।

ମଙ୍ଗଳାନଗର,
ଖୋରଧା



ସଂସାରରେ ରହି ସବୁକାମ କର, ମାତ୍ର ଲକ୍ଷ୍ୟରଖ ଯେପରି ଈଶ୍ୱରଙ୍କଠାରୁ ମନ ଦୂରକୁ ଚାଲିନଯାଏ।

# ଭାରତର ସର୍ବଶ୍ରେଷ୍ଠ ଆଥଲେଟ୍ ନୀରଜ ଚୋପ୍ରା



ଆଶିଷ କୁମାର ରାୟ




ଆଥଲେଟିକ୍ସ ବା ଦୌଡ଼କୁଦ ପ୍ରତିଯୋଗିତାକୁ ମଦର ଅଫ୍ ଅଲ୍ ସ୍ପୋର୍ଟସ୍ ବା ସମସ୍ତ ଖେଳର ଜନନୀ ଆଖ୍ୟା ଦିଆଯାଇଛି। ବିଭିନ୍ନ ଦୂରତ୍ୱର ଦୌଡ଼ ସହିତ ଲମ୍ଫ ପ୍ରଦାନ କରିବା ତଥା ସଟ୍‌ପୁଟ, ଡିସକସ୍, ହାମର୍ ଓ ଜାଭଲିନ୍ ନିକ୍ଷେପର ପ୍ରତିଯୋଗିତାଗୁଡ଼ିକ ସମସ୍ତଙ୍କୁ ରୋମାଞ୍ଚିତ କରିଥାଏ। ଫୁଟବଲ ଭଳି ଏଗୁଡ଼ିକ ମଧ୍ୟ ଖେଳାଯାଇଥାଏ ବିଶ୍ୱର ସମସ୍ତ ଦେଶରେ। ବିଶ୍ୱବ୍ୟାପୀ ଏହି କ୍ରୀଡ଼ାରେ କିନ୍ତୁ ଭାରତର ସ୍ଥାନ ବହୁତ ନିମ୍ନରେ। ଆଥଲେଟିକ୍ସରେ ଭାରତର ସଫଳତା ପ୍ରାୟତଃ ଏସୀୟ କ୍ରୀଡ଼ା ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ହିଁ ସୀମିତ ରହିଆସିଛି। ବିଶ୍ୱ ସ୍ତରରେ ଏହି ଖେଳରେ ଆମକୁ ମିଳିଛି ଖୁବ୍ କମ ସଫଳତା। କ୍ରୀଡ଼ା ମହାକୁମ୍ଭ ଭାବେ ପରିଚିତ ଅଲିମ୍ପିକ୍‌ର ଆଥଲେଟିକ୍ସ ପ୍ରତିଯୋଗିତାରେ ଭାରତକୁ ଏଯାବତ ଦୁଇଟି ରୌପ୍ୟ ଓ ଗୋଟିଏ ସ୍ୱର୍ଣ୍ଣ ପଦକ ମିଳିଥିବା ବେଳେ ବିଶ୍ୱ ଆଥଲେଟିକ୍ସ ଚାମ୍ପିଆନଶିପ୍‌ରେ ମିଳିଛି ଗୋଟିଏ ବ୍ରୋଞ୍ଜ ଓ ଗୋଟିଏ ରୌପ୍ୟ ପଦକ। ଏଥିମଧ୍ୟରୁ ଅଲିମ୍ପିକ୍‌ରେ ସ୍ୱର୍ଣ୍ଣ ଓ ବିଶ୍ୱ ଆଥଲେଟିକ୍ସ ପ୍ରତିଯୋଗିତାର ରୌପ୍ୟ ପଦକଟି ଏହି ଦୁଇବର୍ଷ ମଧ୍ୟରେ ହିଁ ମିଳିଛି ଏବଂ ଏହି ଦୁଇଟିଯାକ ପଦକ ଜିତିଛନ୍ତି ଆମ ଦେଶର ଉଦୀୟମାନ ତାରକା ନୀରଜ

ନୀରଜ ଚୋପ୍ରା ଯେ ଆମ ଦେଶର ସର୍ବଶ୍ରେଷ୍ଠ ଆଥଲେଟ୍ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ, ଯିଏକି ଏବେ ଭାରତର ଗୋଲଡେନ୍ ବୟ ଭାବେ ଘରେ ଘରେ ପରିଚିତ। ୨୪ ଡିସେମ୍ବର ୧୯୯୭ରେ ହରିୟାଣାର ପାନିପତ୍ ନିକଟସ୍ଥ ଖାଣ୍ଡ୍ରା ନାମକ ଏକ ଗ୍ରାମରେ ଜନ୍ମଗ୍ରହଣ କରିଥିବା ନୀରଜଙ୍କ ପିତା ସତୀଶ କୁମାର କୃଷକ ହେଲେ ହେଁ ଥିଲେ ଜଣେ କ୍ରୀଡ଼ାପ୍ରେମୀ। ନୀରଜଙ୍କ ଆଥ୍‌ଲେଟିକ୍ସ ଦୁନିଆରେ ପ୍ରବେଶ ମଧ୍ୟ ଏକ ସଂଯୋଗ ଥିଲା। ପିଲାଦିନୁ ଅଧିକ ମୋଟା ହୋଇଯାଉଥିବାରୁ ନୀରଜଙ୍କୁ ତାଙ୍କ ପିତା ଏକ ଜିମ୍‌ରେ ଭର୍ତ୍ତି କରାଇଥିଲେ ଏବଂ ଷ୍ଟାଡିୟମ୍‌ରେ ଦୌଡ଼ାଧାଁ କରିବାକୁ ପଠାଇଥିଲେ। ସେହିଠାରୁ ହିଁ ନୀରଜଙ୍କ ଆଥ୍‌ଲେଟିକ୍ସ ଜୀବନର ମୂଳଦୁଆ ପଡ଼ିଲା। ଜାଭ୍‌ଲିନ୍ ଥ୍ରୋ ଭଳି ଏକ କଷ୍ଟସାଧ୍ୟ ଖେଳରେ ନିଜକୁ ନିୟୋଜିତ କରିବା ସହିତ ଏଥିରେ ଦିନକୁ ଦିନ ଉନ୍ନତି କରିବାକୁ ଲାଗିଲେ ଏବଂ କିଛିବର୍ଷ ଧରି ଜର୍ମାନୀର ପ୍ରସିଦ୍ଧ କୋଚ୍ ଉବେ ହନ୍ ଏବଂ ପରବର୍ତ୍ତୀ ସମୟରେ କ୍ଲାଉସ୍ ବାର୍ଟୋନିସ୍‌ଙ୍କ ତତ୍ତ୍ୱାବଧାନରେ ରହି ଜଣେ ବିଶ୍ୱବିଜୟୀ ଆଥଲେଟ୍‌ରେ ପରିଣତ ହୋଇଗଲେ ସେ।



ପରମାତ୍ମା ଏକ ଅଟନ୍ତି। ତାଙ୍କୁ ଲୋକମାନେ ଅନେକ ଭାବରେ ଭଜନ କରନ୍ତି।

ବର୍ଷ ୨୦୧୬ ତାଙ୍କ ପାଇଁ ଥିଲା ପ୍ରାରମ୍ଭିକ ସଫଳତାର ବର୍ଷ। ଜାଭଲିନ୍ ଥ୍ରୋରେ ଜାତୀୟ ଚାମ୍ପିଆନ ହେବା ପରେ ଏହିବର୍ଷ ସେ ଗୁଆହାଟିଠାରେ ଦକ୍ଷିଣ ଏସୀୟ ଆଥଲେଟିକ୍ସ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିବା ସହିତ ଭିଏତ୍‌ନାମରେ ଆୟୋଜିତ ଏସୀୟ ଜୁନିଅର ଆଥଲେଟିକ୍ସରେ ସେ ରୌପ୍ୟପଦକ ଜିତିବାରେ ସମର୍ଥ ହେଲେ। ସେପର୍ଯ୍ୟନ୍ତ ତାଙ୍କର ପ୍ରଦର୍ଶନ ଉତ୍ସାହଜନକ ତ ଥିଲା, କିନ୍ତୁ ଭବିଷ୍ୟତରେ ସେ ଯେ ଜଣେ ବିଶ୍ୱପ୍ରସିଦ୍ଧ ଖେଳାଳି ଭାବେ ସୁନାମ ଅର୍ଜନ କରିବା ସହିତ ଅଲିମ୍ପିକ୍‌ରେ ସ୍ୱର୍ଣ୍ଣପଦକ ଜିଣିବେ ତାହା ହୁଏତ କେହି ଆଶା କରିନଥିବେ। ତେବେ ସେହି ବର୍ଷ ପୋଲାଣ୍ଡର ବାଇଡୋସିଚ୍‌ରେ ଆୟୋଜିତ ବିଶ୍ୱ ଜୁନିଅର ଆଥଲେଟିକ୍ସ ପ୍ରତିଯୋଗିତାରେ ନୀରଜ ୮୬.୪୮ମିଟର ଦୂରତାକୁ ଜାଭଲିନ୍ ଫୋପାଡ଼ି ସ୍ୱର୍ଣ୍ଣ ଜିଣିବା ସହିତ ସମସ୍ତଙ୍କୁ ଚମତ୍କୃତ କରିଦେଲେ। ଏହାପରେ ୨୦୧୭ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏସୀୟ ଆଥଲେଟକ୍ସ ପ୍ରତିଯୋଗିତା, ୨୦୧୮ରେ ଅଷ୍ଟ୍ରେଲିଆର ଗୋଲ୍ଡକୋଷ୍ଟରେ ଆୟୋଜିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ତଥା ଇଣ୍ଡୋନେସିଆର ରଜଧାନୀ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆଡରେ ସ୍ୱର୍ଣ୍ଣପଦକ ଜିତି ଦେଶର ଗୌରବ ବୃଦ୍ଧି କରିଥିଲେ। ୨୦୧୮ର ଡାଇମଣ୍ଡ ଲିଗ୍ ପ୍ରତିଯୋଗିତାମାନଙ୍କରେ ଭଲ ପ୍ରଦର୍ଶନ ସତ୍ତ୍ୱେ ଚତୁର୍ଥ ସ୍ଥାନରେ ରହିବା ପରେ ୨୦୧୯ରେ ଆଘାତପ୍ରାପ୍ତ ହୋଇ କିଛିଦିନ ଖେଳରୁ ଦୂରେଇ ରହିଲେ। ଏହାପରେ କରୋନା ମହାମାରୀ ଯୋଗୁଁ ମଧ୍ୟ ତାଙ୍କର ଅଭ୍ୟାସ ବାଧାପ୍ରାପ୍ତ ହୋଇଥିଲା।

କରୋନା ମହାମାରୀ ସକାଶେ ଟୋକିଓ ଅଲିମ୍ପିକ୍ ଗୋଟିଏ ବର୍ଷ ବିଳମ୍ବିତ ହେବା ମଧ୍ୟ ନୀରଜଙ୍କ ପାଇଁ ଥିଲା ଆଶୀର୍ବାଦ ସଦୃଶ। ଇତିମଧ୍ୟରେ ନିଜକୁ ଭଲଭାବେ ପ୍ରସ୍ତୁତ କରି ପ୍ରଥମଥର ସକାଶେ ଅଲିମ୍ପିକ୍‌ର କ୍ରୀଡ଼ାଙ୍ଗନରେ ପଦାର୍ପଣ କଲେ ସେ। ଜାଭଲିନ୍ ଥ୍ରୋ ପ୍ରତିଯୋଗିତାର ଚୂଡ଼ାନ୍ତ ପର୍ଯ୍ୟାୟରେ ୮୭.୫୮ ମିଟର ଦୂରକୁ ଜାଭଲିନ୍ ନିକ୍ଷେପ କରି ନୀରଜ ଭାରତର ଅଗଣିତ କ୍ରୀଡ଼ାପ୍ରେମୀଙ୍କୁ ଅଲିମ୍ପିକ୍‌ର ଏକ ଦୁର୍ଲଭ ସ୍ୱର୍ଣ୍ଣପଦକ ଉପହାର ସ୍ୱରୂପ ପ୍ରଦାନ କଲେ। ଯେଉଁ ଆଥ୍‌ଲେଟିକ୍ ପଦକ ସକାଶେ ଭାରତବାସୀ ଚାତକ ଭଳି ରହିଁ ରହିଥିଲେ ଦୀର୍ଘଦିନ ପରେ ତାହା ବାସ୍ତବରେ ପରିଣତ ହେଲା। ଟୋକିଓ ଅଲିମ୍ପିକ୍‌ର ଜାଭ୍‌ଲିନ୍ ଥ୍ରୋରେ ନୀରଜଙ୍କଠାରୁ ପଦକ ଆଶା ତ ରହିଥିଲା ତେବେ ସେ ଯେ ସ୍ୱର୍ଣ୍ଣପଦକ ଜିତିବେ ଏହା ଥିଲା ସମସ୍ତଙ୍କ କଳ୍ପନାର ବାହାରେ। ପ୍ରକୃତରେ ଜର୍ମାନୀର ଯୋହାନସ୍ ଭେଟର୍ ଥିଲେ ସ୍ୱର୍ଣ୍ଣ ପଦକର ସବୁଠାରୁ ବଡ଼ ଦାବିଦାର, କାରଣ ଅଧିକାଂଶ ସମୟରେ ସେ ୯୦ ମିଟର ଅଧିକ ଦୂରତା ପର୍ଯ୍ୟନ୍ତ ଜାଭଲିନ୍ ଥ୍ରୋ କରୁଥିଲେ। ଅନ୍ୟ ଦିଗରେ ନୀରଜଙ୍କ ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା ୮୮.୦୭ ମିଟର। ଅଗଷ୍ଟ ସାତ ତାରିଖ ସନ୍ଧ୍ୟାରେ କିନ୍ତୁ ଯୋହାନ୍‌ସ ଭେଟର୍ ତାଙ୍କ ପୂର୍ବ ପ୍ରଦର୍ଶନ ଦୋହରାଇ ପାରିଲେ ନାହିଁ ଏବଂ ନବମ ସ୍ଥାନରେ ରହିଗଲେ। ଅପରପକ୍ଷେ ୮୭.୫୮ ମିଟରର ଥ୍ରୋ ନୀରଜଙ୍କ ପାଇଁ ତଥା ଦେଶପାଇଁ ସ୍ୱର୍ଣ୍ଣପଦକ ଆଣିଦେଲା।

୧୯୦୦ ମସିହାର ପ୍ୟାରିସ ଅଲିମ୍ପିକ୍‌ରେ ନର୍ମାନ୍ ପିଟ୍‌ଚାର୍ଡ ଦୁଇଟି ରୌପ୍ୟ ପଦକ ଜିତଥିଲେ। ଏହାର ୧୨୧ବର୍ଷ ପରେ ଯାଇ ଭାରତକୁ ୨୦୨୧ର ଟୋକିଓ ଅଲିମ୍ପିକ୍ ଆଥ୍‌ଲେଟିକ୍‌ସରେ ପଦକ ମିଳିଲା। ଯେଉଁ କାର୍ଯ୍ୟ ମିଲ୍‌ଖା ସିଂହ, ପି.ଟି. ଉଷା ଓ ଅଞ୍ଜୁ ବବି ଜର୍ଜଙ୍କ ଭଳି ତାରକାମାନଙ୍କ ପକ୍ଷେ ସମ୍ଭବ ହୋଇନଥିଲା, ତାହା ୨୩ବର୍ଷୀୟ ନୀରଜ ଚୋପ୍ରାଙ୍କ ଦ୍ୱାରା କେବଳ ସମ୍ଭବ ହେଲାନାହିଁ ବରଂ ତାହା ଦେଶ ପାଇଁ ସ୍ୱର୍ଣ୍ଣିମ ସଫଳତାରେ ପରିଣତ ହୋଇଗଲା। ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ଜିଣିଥିବା ଯୋଗୁଁ ନୀରଜ ଚୋପ୍ରାଙ୍କୁ ଗତବର୍ଷ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ଧ୍ୟାନଚାନ୍ଦ ଖେଳରତ୍ନ ସମ୍ମାନ ମଧ୍ୟ ମିଳିଲା। ଏତଦ୍‌ବ୍ୟତୀତ ଏହିବର୍ଷ ତାଙ୍କୁ ସେନାବାହିନୀର ପରମ ବିଶିଷ୍ଟ ସେବାପଦକ ମିଳିବା ସହିତ ପଦ୍ମଶ୍ରୀ ସମ୍ମାନ ମଧ୍ୟ ମିଳିଲା।

ଅଲିମ୍ପିକ୍ ସ୍ୱର୍ଣ୍ଣ ବିଜୟ ପରେ ବିଶ୍ୱ ଆଥଲେଟିକ୍ସ ଚାମ୍ପିଆନଶିପ୍‌ରେ ମଧ୍ୟ ଅନୁରୂପ ସଫଳତା ହାସଲ କରିବା ଥିଲା ନୀରଜଙ୍କ ପରବର୍ତ୍ତୀ ଲକ୍ଷ୍ୟ। ସେହି ଲକ୍ଷ୍ୟ ନେଇ ଫିନଲାଣ୍ଡରେ ସେ କଠିନ ଅଭ୍ୟାସ ଆରମ୍ଭ କରିଦେଲେ। ଗତ ଜୁନ୍ ମାସରେ ସେ ଦେଶରେ ଆୟୋଜିତ ପାଭୋ ନୁର୍ମି ଗେମ୍ସରେ ରୌପ୍ୟ ପଦକ ହାସଲ କରିବା ପରେ କୁର୍ଟେନ୍ ଗେମ୍ସରେ ହାସଲ କଲେ ସ୍ୱର୍ଣ୍ଣପଦକ। ଏହାପରେ ଜୁନ୍ ୩୦ ତାରିଖ ଦିନ ସ୍ୱିଡେନ୍‌ର ଷ୍ଟକହୋମ୍‌ରେ ଆୟୋଜିତ ଡାଇମଣ୍ଡ ଲିଗ୍‌ରେ ନିଜର ସର୍ବଶ୍ରେଷ୍ଠ ପଦର୍ଶନ କରିବା ସହିତ ୮୯.୯୪ମିଟର ଦୂରକୁ ଜାଭଲିନ୍ ନିକ୍ଷେପ କରି ରୌପ୍ୟପଦକ ଜିଣିଲେ। ଡାଇମଣ୍ଡ ଲିଗ୍ ପ୍ରତିଯୋଗିତାରେ କୌଣସି ଭାରତୀୟ ଆଥଲେଟ୍‌ଙ୍କର ଏହା ଥିଲା ପ୍ରଥମ ପଦକ।

ଏହାପରେ ବିଶ୍ୱ ଆଥଲେଟିକ୍ସ ଚାମ୍ପିଆନଶିପ୍‌ରେ ପଦକ ଜିତିବାର ସ୍ୱପ୍ନକୁ ସାକାର କରିବା ନିମନ୍ତେ ନୀରଜ ଆସି ପହଁଚିଲେ ଆମେରିକାରେ। ପୂର୍ବରୁ ଏହି ପ୍ରତିଯୋଗିତାରେ ଭାରତକୁ କେବଳ ଗୋଟିଏ ବ୍ରୋଞ୍ଜପଦକ ହିଁ ମିଳିଥିଲା, ଯାହାକୁ ୨୦୦୩ରେ ପ୍ୟାରିସଠାରେ ମହିଳା ଲଙ୍ଗଜମ୍ପ ତାରକା ଅଞ୍ଜୁ ବବି ଜର୍ଜ ହାସଲ କରିଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର ଓରେଗନ୍ ରାଜ୍ୟର ୟୁଜିନ୍‌ଠାରେ ଅନୁଷ୍ଠିତ ୨୦୨୨ର ବିଶ୍ୱ ଆଥଲେଟିକ୍ସ ପ୍ରତିଯୋଗିତାରେ ନୀରଜ ଚୋପ୍ରା ଅଲିମ୍ପିକ୍ ସଫଳତାକୁ ଦୋହରାଇ ପାରିନଥିଲେ ହେଁ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟପଦକ ହାସଲ କଲେ। ଜୁଲାଇ ୨୩ରେ ଅନୁଷ୍ଠିତ ଜାଭଲିନ୍‌ର ଫାଇନାଲରେ ଗ୍ରେନାଡ଼ାର ଆଣ୍ଡରସନ୍ ପିଟର୍ସ ୯୦.୫୪ମିଟର ଥ୍ରୋ କରି ବାଜି ମାରିନେଇଥିବା ବେଳେ ନୀରଜ ୮୮.୧୩ ମିଟରକୁ ଜାଭଲିନ୍ ଫିଙ୍ଗି ତାଙ୍କ ପଛକୁ ରହିଗଲେ। ତଥାପି ଏହା କିଛି କମ୍ ସଫଳତା ନଥିଲା। ଆଗକୁ ମଧ୍ୟ ନୀରଜ ଚୋପ୍ରାଙ୍କ ସଫଳତାର ଧାରା ଜାରି ରହିବ ବୋଲି ଆଶା କରାଯାଇପାରେ।

ମୋ-୯୪୩୭୬୨୭୫୧୪

# ବିଜ୍ଞାନ ବିଚିତ୍ର



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**ଦୀର୍ଘସ୍ଥାୟୀ ମାନସିକ ବିକୃତିର ସହଜ ଉପଶମ :-** ଆଜି ବିଶ୍ୱର ଏକ ବଡ ଭାଗ ବ୍ୟକ୍ତି ଡିମେନସିଆ ନାମକ ମାନସିକ ବିକୃତିର ଶିକାର ହେଉଛନ୍ତି। ଏଥିରୁ ଯଦିଓ ଅନେକଙ୍କ ରୋଗର କାରଣ ଜୀନଗତ ତଥାପି ଆହୁରି ଅନେକେ ପାରିପାର୍ଶ୍ୱିକ ଜଟିଳ ସ୍ଥିତି ଯୋଗୁଁ ଏଥିରେ ଆକ୍ରାନ୍ତ ହୋଇଥାନ୍ତି। ଆମେରିକାର ଜେକସନ ସ୍ଥିତ ମିସିସିପି ମେଡିକାଲ ସେଣ୍ଟରର ଗବେଷକ ଆଡ୍ରିଏନ ଟିନ ପ୍ରାୟ ୟୁରୋପର ୮୮୨୩ ଓ ଆଫ୍ରିକାର ୨୭୩୮ ଜଣ ବଂଶଜଙ୍କୁ ନେଇ କରିଥିବା ଗବେଷଣାରୁ ଜାଣି ପାରିଛନ୍ତି ଯେ ଆମ ଜୀବନରେ ଯଦି ୭ଟି ସାଧାରଣ ଆଚରଣକୁ ସୁଧାରି ପାରିବା ତେବେ ଏହି ମାନସିକ ରୋଗର ଜଟିଳତାକୁ ହ୍ରାସ କରି ପାରିବା।

ସେଗୁଡିକ ହେଲା :- ୧) ସର୍ବଦା ଚଳଚଂଚଳ ରହନ୍ତୁ

୨) ଖାଦ୍ୟ ରେ ସଂଯମତା ବଜାୟ ରଖନ୍ତୁ

୩) ଶରୀରର ଓଜନ ହ୍ରାସ କରନ୍ତୁ

୪) ନିଶା ସେବନ ଓ ଧୂମପାନ କରନ୍ତୁ ନାହିଁ

୫) ରକ୍ତଚାପ ର ନିରାପଦ ସ୍ତରକୁ ସ୍ଥିର ରଖନ୍ତୁ

୬) କୋଲେଷ୍ଟେରଲକୁ ନିୟନ୍ତ୍ରଣରେ ରଖନ୍ତୁ

୭) ରକ୍ତରେ ଶର୍କରା ସ୍ତରକୁ ହ୍ରାସ କରନ୍ତୁ


ଯେଉଁମାନଙ୍କୁ ନେଇ ଏହି ପରୀକ୍ଷଣ କରା ଯାଇଥିଲା ସେମାନଙ୍କ ହାରାହାରି ବୟସ ୫୪ ଥିଲା ଏବଂ ସେମାନଙ୍କୁ ଦୀର୍ଘ ୩୦ ବର୍ଷ ଧରି ନଜରରେ ରଖା ଯାଇଥିଲା। ଏହି ରୋଗୀମାନଙ୍କୁ ଏକ ସ୍କେଲ ବା ମାନକରେ ଚିହ୍ନଟ କରା ହୋଇଥିଲା ଯାହା ୦ ରୁ ୧୪ ମଧ୍ୟରେ ଥିଲା । ଅତି ଜଟିଳ ଅବସ୍ଥାରେ ଥିବା ରୋଗୀଙ୍କୁ ୦ ଅଙ୍କ ଦିଆଯାଇଥିବା ବେଳେ ସବୁଠାରୁ ସୁସ୍ଥ ବ୍ୟକ୍ତିଙ୍କୁ ୧୪ ଅଙ୍କ ଦିଆଯାଉଥିଲା। ଓପରୋକ୍ତ ଉପାୟ ସବୁ ଅବଲମ୍ବନ କଲାପରେ ଅଧିକାଂଶ ୟୁରୋପୀୟ ୮.୩ ଅଙ୍କ ପାଇଥିବା ବେଳେ ଆଫ୍ରିକୀୟମାନେ ୬.୬ ଅଙ୍କ ପାଇଥିଲେ। ଏହି ଉପାୟ ଗୁଡିକ ଆପଣଙ୍କୁ ନୁଆଁ ନ ଲାଗିପାରେ କିନ୍ତୁ ଏହି ସରଳ ଉପାୟର ସୁଫଳକୁ ଏହି ଗବେଷଣା ପ୍ରମାଣିତ କରି ପାରିଛି।

**ଆଂଶିକ ଭାବେ ଆଣ୍ଠୁ ହାଡର ପ୍ରତିରୋପଣ :-** ଆଜିକାଲି ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଆଣ୍ଠୁ ହାଡର ପ୍ରତିରୋପଣ ବା ନି ରିପ୍ଲେସମେଂଟ ସର୍ଜରୀ ଏକ ଜଣାଶୁଣା ପଦ୍ଧତିରେ ପରିଣତ ହେଲାଣି। କିନ୍ତୁ ଏବେ କେତେକ କ୍ଷେତ୍ର ଯଥା ଯଦି ଆଣ୍ଠୁର କେବଳ ଗୋଟିଏ ଜାଗାରେ କ୍ଷତି ହୋଇଥିବ, (ଯେପରିକି ଲେଟେରାଲ, ମେଡିଆଲ କିମ୍ବା ପାଟେଲାରେ), ରୁମାଟଏଡ



ଆର୍ଥ୍ରାଇଟିସ ଯୋଗୁଁ ଯଦି ଗଣ୍ଠିରେ ଯନ୍ତ୍ରଣା ଅନୁଭୁତ ହେଉଥାଏ, କିମ୍ବା ଦୁର୍ଘଟଣା ବଶତଃ ଯଦି ଆଣ୍ଠୁରେବ୍ୟତିକ୍ରମ ଘଟିଥାଏ ତେବେ ସେ କ୍ଷେତ୍ରରେ ପୂରା ଆଣ୍ଠୁ ହାଡର ପ୍ରତିରୋପଣବଦଳରେ ଆଂଶିକଭାବେ ସର୍ଜରି ଦ୍ୱାରାକିଛି ଅଂଶକୁ ପ୍ରସାରିତ କରା ଯାଇପାରେ। ପ୍ରଥମ ଉପାୟ ତୁଳନାରେ ଏହା ଅଧିକ ଲାଭଦାୟକ କାରଣ ଏହାଦ୍ୱାରା କମ ଅବଧି ମଧ୍ୟରେ ରୋଗୀକୁ ହସପିଟାଲରୁ ଛାଡି ଦିଆଯାଏ, ଏଥିରେ କମ ଯନ୍ତ୍ରଣା ସହ କମ ଫୁଲା ଅନୁଭୂତ ହୁଏ , କେବଳ ପ୍ରଭାବିତ ଅଂଶକୁ ଛାଡି ଅନ୍ୟ ଅଂଶ ଅତୁଟ ରହିଥିବାରୁ ରୋଗୀର ଚଳପ୍ରଚଳରେ ସେତେଟା ଅସୁବିଧା ପରିଲକ୍ଷିତ ହୁଏ ନାହିଁ। କିନ୍ତୁ ଡାକ୍ତର ଉପଯୁକ୍ତ ପରୀକ୍ଷଣ ଯଥା ଏକ୍ସ-ରେ,ଏମଆରଆଇ କଲାପାରେ ଯାଇ ସ୍ଥିର କରିବେ ଯେ ଆପଣଙ୍କ କ୍ଷେତ୍ରରେ ଆଂଶିକ ପ୍ରତିରୋପଣ ପ୍ରଯୁଜ୍ୟ ହେବ କିନାହିଁ।

**ନୁତନ ଡିଜିଟାଲ ବିଶ୍ୱର ହିରୋ "ସେମିକଣ୍ଡକ୍ଟର" :-** ଆଜି ସମଗ୍ର



ବିଶ୍ୱ ଏକ ସୂତ୍ରରେ ବାନ୍ଧି ହୋଇ ଯାଇଛି କେବଳ ବିଭିନ୍ନ ପ୍ରକାର ଚିପ୍ସ ଦ୍ୱାରା। ତାହା ମେମୋରି ହେଉ କି ଲଜିକ, କମୁନିକେସନ, ସେନ୍ସର କି ନେଭିଗେସନ ଚିପ୍ସ ହେଉ ତାବିନା ଆମେ କ୍ଷଣଟିଏ ମଧ୍ୟ ବଂଚି ପାରିବା ନାହିଁ। ଅନୁମାନ କରନ୍ତୁ ୨୦୨୦ ମସିହାରେ ଏହି ଚିପ୍ସ ଆମଦାନିରେ ଭାରତକୁ ୫୪ ବିଲିଅନ ଡଲାର ଖର୍ଚ୍ଚ କରିବାକୁ ପଡିଛି। ଏଥିରୁ ବଡ ଭାଗ ଚୀନକୁ ଯାଇଛି। ଏହି ଚିପ

ହେଲା ସିଲିକନ ଉପରେ ଆଚ୍ଛାଦିତ ଏକ ଇଲେକଟ୍ରନିକ ସର୍କିଟ ଯାହା ଅତି ଅଳ୍ପ ସ୍ଥାନରେ ଗୋଟିଏ ଯନ୍ତ୍ର ମଧ୍ୟରେ ରହି ବିଭିନ୍ନ ଡାଟା ଗୁଡ଼ିକୁ ଗଚ୍ଛିତ ରଖିବା ସହିତ ସଂଚାରିତ ଓ ପ୍ରସେସ କରିପାରେ। ଏହା ମୁଖ୍ୟତଃ ୨ ପ୍ରକାର ଯଥା ଲଜିକ ଓ ମେମୋରି ଚିପ୍ସ। ପ୍ରସେସର, ଗ୍ରାଫିକ କାର୍ଡ ମାନଙ୍କରେ ଲଜିକ ବ୍ୟବହୃତ ହେଲାବେଳେ ରାମ ଓ ଏସଡି କାର୍ଡ ମାନଙ୍କରେ ମେମୋରି ଚିପ୍ସକୁ ବ୍ୟବହାର କରାଯାଏ। କିନ୍ତୁ କେତେକ ଇଲେକ୍ଟ୍ରନିକ ସଂଯନ୍ତ୍ରରେ ଉଭୟ ପ୍ରକାର ଚିପ୍ସ ଉପଯୋଗ ହୋଇଥାଏ। ଏହାକୁ ତିଆରି କରିବାକୁ ଅତି ସୂକ୍ଷ୍ମ ଓ ଜଟିଳ କାରିଗରୀ କୌଶଳର ଆବଶ୍ୟକତା ପଡିଥାଏ। ଏହା ଅତ୍ୟନ୍ତ ବ୍ୟୟବହୁଳ ମଧ୍ୟ। ୧୯୭୧ ମସିହାରେ ମାତ୍ର ୪୦୦୪ ଟ୍ରାଞ୍ଜିଷ୍ଟରରୁ ଆରମ୍ଭ କରିଥିବା ଯାତ୍ରା ୨୦୨୦ରେ ବିଲିଅନ୍‌ରେ ପହଂଚିଲାଣି। ଏଥିରେ ପ୍ରତିବର୍ଷ ୧୫% ଜୋଡି ହୋଇ ଚାଲିଛି। ଆଜିକାର ଚିପ୍ସ ଗୁଡ଼ିକ କ୍ଷୁଦ୍ର, ହାଲୁକା, ସ୍ମାର୍ଟ ଓ ଥଣ୍ଡା ଅଟନ୍ତି। ଏହାକୁ ପ୍ରସ୍ତୁତ କରିବାକୁ ବିଭିନ୍ନ ସୋପାନ ଦେଇ ଯିବାକୁ ପଡେ। ପ୍ରଥମେ ଗବେଷଣାଗାରରେ ସଫ୍ଟୱେର ଭିତ୍ତିକ ଅଟୋମେସନ ଟୁଲ ସାହାଯ୍ୟରେ ଏହାର ଡିଜାଇନ କଲାପରେ ତିଆରି ପାଇଁ ଫେବ ବା ଫାଉଣ୍ଡ୍ରିକୁ ପଠାଯାଏ। ସିଲିକନ ୱାଫେର ଉପରେ ଇଲକ୍ଟ୍ରୋନିକ ସାର୍କିଟର ଆସ୍ତରଣ ଦେଲାବେଳେ ଅତ୍ୟନ୍ତ ସ୍ୱଚ୍ଛ, ନିୟନ୍ତ୍ରିତ ତଥା ବିଶେଷ ଗୁଣଯୁକ୍ତ ପରିବେଶର ଆବଶ୍ୟକତା ପଡିଥାଏ। ଏଥିପାଇଁ ୨-୩ ମାସ ସମୟ ଲାଗିଥାଏ। ଏହି ଯନ୍ତ୍ରାଂଶ ଗୁଡ଼ିକର ଏକତ୍ରୀକରଣ, ପେକେଜିଙ୍ଗ ଓ ପରୀକ୍ଷଣ ପାଇଁ ଓସାଟ ବା ଆଉଟସୋର୍ସଡ ସେମିକଣ୍ଡକ୍ଟର ଆସେମ୍ବଲି ଆଂଡ ଟେଷ୍ଟ ର ସହାୟତା ନିଆଯାଏ। ଆଜିକାଲି କୃତ୍ରିମ ବୁଦ୍ଧିମତା, ୫ଜି ଓ ବ୍ଲକଚେନ କୌଶଳ ପ୍ରୟୋଗ କରି ଏହି ପ୍ରକ୍ରିୟାକୁ ଆହୁରି ସୁଗମ ଓ ଶୃଂଖଳିତ କରା ଯାଇ ପାରିଛି। ଏବେ ଡିଜାଇନ ପାଇଁ ଫେବଲେସ, ଫେବ୍ରିକେସନ ପାଇଁ ଫାଉଣ୍ଡ୍ରି ଓ ପେକେଜିଙ୍ଗ ଓ ପରିବହନ ପାଇଁ ଓସାଟ ଉପରେ ନିର୍ଭର କରା ଯାଉଛି। ଚିପ୍ସ ଉତ୍ପାଦନ କ୍ଷେତ୍ରରେ ଆତ୍ମ ନିର୍ଭରଶୀଳ ହେବାପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ସେମିକନ ଇଣ୍ଡିଆ ଅଧୀନରେ କାର୍ଯ୍ୟ ଆରମ୍ଭ ହୋଇଛି ଯାହା ଆତ୍ମ ନିର୍ଭର ଭାରତ ଓ ମେକ ଇନ ଇଣ୍ଡିଆର ଅଂଶ ବିଶେଷ ଅଟେ।

**ସେଓରୁ ତିଆରି ଭିନେଗାରର ଉପକାରିତା :-** ଆପଲ ରସକୁ ଇଷ୍ଟ ପାଉଡରରେ ମିଶାଇ ଫରମେଣ୍ଟେସନ କଲେ ସେଥିରୁ ଯେଉଁ ଆଲକୋହଲ ତିଆରି ହୁଏ ତାହାକୁ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଉପଚାରରେ ଲଗାଯାଇଥାଏ। ଆସନ୍ତୁ ସେହିପରି କେତୋଟି ଉପଚାର ସଂପର୍କରେ ଆଲୋଚନା କରିବା।

୧) ଏହି ତରଳ ପଦାର୍ଥଟି ଏକ ଆଣ୍ଟିବେକ୍ଟେରିଆଲ ଏଜେଣ୍ଟ ଭାବେ କାର୍ଯ୍ୟ କରିଥାଏ ତେଣୁ ବିଭିନ୍ନ ଚର୍ମ ରୋଗର ଉପଶମ ପାଇଁ ଲୋସନ ଆକାରରେ ଏହାକୁ ଚର୍ମରେ ଲେପନ କରାଯାଏ। ତା' ଛଡା ଅନେକ ଖାଦ୍ୟର ସଂରକ୍ଷଣ ନିମନ୍ତେ ଏହାକୁ ଏକ ଫୁଡ ପ୍ରିଜରଭେଟିବ ଆକାରରେ ମିଶାଯାଇଥାଏ।

୨) ବଦହଜମୀ, କୋଷ୍ଠକାଠିନ୍ୟତା ଓ ଏସିଡ ସ୍ତର ବଢିଯିବା ଆଜିକାଲି ଏକ ସାଧାରଣ ରୋଗ ହୋଇଗଲାଣି। ଗବେଷଣାରୁ ଜଣାଯାଏ ଯେ, ଏପରି ରୋଗୀ ଯଦି ଦିନକୁ ଗୋଟିଏ ଗ୍ଲାସ ପାଣିରେ ୨ ଚାମଚ ଆପଲ ଭିନେଗାର ମିଶାଇ ପାନ କରନ୍ତି ତେବେ ଉପରୋକ୍ତ ସମସ୍ୟାରୁ ମୁକ୍ତି ପାଇବେ।

୩) ଆପଣଙ୍କ ଶରୀରର ଓଜନ ବୃଦ୍ଧି ପାଉଛିକି? ଗବେଷଣାରୁ ଜଣାଯାଏ ଯେ ଯଦି ଆପଲ ସିଡର ଭିନେଗାରରୁ ୨ ଚାମଚ ଲେଖାଏଁ ଖାଇବେ ତେବେ ପେଟ ଭରିଗଲା ଭଳି ଲାଗିବା ସଙ୍ଗେ ସଙ୍ଗେ ଭୋକ ନହେବାରୁ ଖାଇବା କମିଯାଏ ତେଣୁ ଅଧିକ କ୍ୟାଲୋରି ଯୁକ୍ତ ଖାଦ୍ୟ ଖାଇବାରୁ ଆପଣ ବଂଚିତ ହେବେ ଏବଂ ଶରୀର ଓଜନ ବୃଦ୍ଧି ହେବା ପ୍ରକ୍ରିୟା ମନ୍ଥର ହୋଇଯିବ। ଅବଶ୍ୟ ଯଦି ଏହି ପ୍ରକ୍ରିୟା ଅନ୍ୟ କାରଣରୁ ହୋଇଥିବ ତେବେ ଏହା ସେତେଟା କାମ କରି ନପାରେ।

୪) ଟାଇପ-୨ ଡାଇବେଟିସ ଭୋଗୁଥିବା ବ୍ୟକ୍ତିଙ୍କ ଇନସୁଲିନ ସ୍ତର ବଜାୟ ରଖିବାରେ ଏହି ଭିନେଗାର ରସ ମହୌଷଧୀ ରୂପେ କାର୍ଯ୍ୟ କରେ। ଶରୀରର ଓଜନ କମାଇବା ସହିତ ଶକ୍ତି ଆବଶ୍ୟକତା ପୂର୍ଣ୍ଣ କରୁଥିବା ହେତୁ ଏହା ଡାଇବେଟିସ ରୋଗୀଙ୍କୁ ବିପଦମୁକ୍ତ ଜୀବନ ଅତିବାହିତ କରିବାରେ ସହାୟତା କରେ।

୫) ଯଦି ମୁହଁରେ ବ୍ରଣ ହେଉଥାଏ କିମ୍ବା ଚର୍ମ ଶୁଷ୍କ ହୋଇ ଯାଉଛି କିମ୍ବ ଏକଜିମା ଯୋଗୁଁ ଆପଣ ବ୍ୟସ୍ତ ଓ ବିବ୍ରତ ରହୁଛନ୍ତି ତେବେ ଆପଲ ଭିନେଗାରକୁ ପାଣିରେ ମିଶାଇ ନିୟମିତ ଲେପନ କରନ୍ତୁ ତେବେ ସୁଫଳ ନିଶ୍ଚୟ ପାଇବେ।

**ଭିଟାମିନ-ଡି ଅଭାବରେ କଣ ହୁଏ ? :-** ଆମେ ଉଣା ଅଧିକେ




ସମସ୍ତେ ଜାଣନ୍ତି ଯେ ଆମ ଶରୀରର ଅସ୍ଥି ,ଦାନ୍ତ ଓ ମାଂସପେଶୀ ତିଆରି ଏବଂ ଶକ୍ତ ହେବାପାଇଁ କ୍ୟାଲସିଅମ ସହିତ ଭିଟାମିନ-ଡି ନିହାତି ଆବଶ୍ୟକ। ଏହା ସୂର୍ଯ୍ୟାଲୋକ ଉପସ୍ଥିତିରେ ଆମ ଶରୀର ମଧ୍ୟରେ ତିଆରି ହୋଇଥାଏ। ବିଗତ କିଛି ବର୍ଷ ହେଲା ଆମ ଦେଶରେ ଲୋକଙ୍କ ଶରୀରରେ ଏହି ଭିଟାମିନର

ଅଭାବ ଦେଖାଦେଉଛି । ଧୀରେ ଧୀରେ ଏମାନଙ୍କ ସଂଖ୍ୟା ବଢ଼ି ଚାଲିଛି । ଯାହାର ମୁଖ୍ୟ କାରଣଗୁଡ଼ିକ ହେଲା ଅଧିକ ସମୟ ଘର ଭିତରେ ଆବଦ୍ଧ ହୋଇ ରହିବା, ପ୍ରାକୃତିକ ଉତ୍ସରୁ ମିଳୁଥିବା ଖାଦ୍ୟ ବଦଳରେ ପ୍ରକ୍ରିୟାକୃତ ଖାଦ୍ୟର ଅଧିକ ବ୍ୟବହାର ଓ ପ୍ରଦୂଷିତ ପରିବେଶ । ଏହି ଭିଟାମିନର ମୁଖ୍ୟ କାର୍ଯ୍ୟ ହେଲା ଶରୀରରେ କ୍ୟାଲସିଅମ ଓ ଫସଫେଟର ମାତ୍ରାକୁ ନିୟନ୍ତ୍ରିତ କରି ଆମର ହାଡ, ଦାନ୍ତ ଓ ମାଂସପେଶୀକୁ ସୁଦୃଢ଼ ରଖିବା । ଶିଶୁମାନଙ୍କ ରିକେଟ ରୋଗ ପାଇଁ ମଧ୍ୟ ଏହା ଦାୟୀ । ଯଦି ବେଳହୁଁ ଏହାର ଚିକିତ୍ସା କରା ନଯାଏ ତେବେ ଭବିଷ୍ୟତରେ ଓଷ୍ଟିଓପୋରୋସିସ ଓ ଓଷ୍ଟିଓମାଲାସିଆ ଭଳି ରୋଗକୁ ଏହା ଜନ୍ମ ଦେଇପାରେ । ଅତ୍ୟଧିକ ମୋଟା ଲୋକଙ୍କ ଶରୀରରେ ଭିଟାମିନ-ଡି କମ ଥିବା ଦେଖାଯାଏ । ଏମାନଙ୍କ ଶରୀରରେ ଫେଟ ଟିସୁରେ ଦ୍ରବୀଭୁତ ଅବସ୍ଥାରେ ଏହି ଭିଟାମିନ ରହି ଶରୀର ପାଇଁ ମିଳିପାରେ ନାହିଁ । ହାଡର ସାନ୍ଦ୍ରତା ବଜାୟ ରଖିବାକୁ କ୍ୟାଲସିଅମ ଅବଶୋଷଣ ଦରକାର ଯାହା ଭିଟାମିନ-ଡି ଦ୍ୱାରା ସୁଗମ ହୋଇଥାଏ । ଏହାର ଅଭାବକୁ ଜାଣିବେ କିପରି । ଅସ୍ଥିରେ ଯନ୍ତ୍ରଣା ଅନୁଭୁତ ହେବା, ଥକ୍କା ଲାଗିବା, ମାନସିକ ଅବସାଦ ଦେଖାଦେବା, ଶିଶୁମାନଙ୍କ ଦାନ୍ତ ଉଠିବାରେ ଡେରି ହେବା, ଚିଡ଼ିଚିଡ଼ାପଣ ବଢ଼ିବା, ମାଂସପେଶୀରେ ଯନ୍ତ୍ରଣା ହେବା, ଅସ୍ଥି ସାନ୍ଦ୍ରତା କମିଯିବା ଆଦି ଏହାର ଲକ୍ଷଣ ଅଟେ । କିନ୍ତୁ ମନେ ରଖନ୍ତୁ, ଡାକ୍ତରଙ୍କ ବିନା ପରାମର୍ଶରେ ଅଧିକ ଭିଟାମିନ-ଡି ନେବା କ୍ଷତିକାରକ ହୋଇପାରେ । ଏହାଦ୍ୱାରା ଶରୀରରେ କ୍ୟାଲସିଅମ ମାତ୍ରା ବଢ଼ିବା ସହିତ କିଡନିରେ ପଥୁରୀ ରୋଗ ହୋଇପାରେ, ବାନ୍ତି ହେବାସହ ଦୁର୍ବଳ ଲାଗିବା, ହାଲିଆ ଲାଗିବା ବାରମ୍ବାର ପରିସ୍ରା ଲାଗିବା ଭଳି ଲକ୍ଷଣ ସବୁ ଦେଖା ଦେଇପାରେ । ତେଣୁ ଏଥିରୁ ମୁକ୍ତି ପାଇବାର ଉପାୟ ହେଲା ପ୍ରତିଦିନ ୧୦ ରୁ ୧୫ ମିନିଟ ଖରାରେ ରହନ୍ତୁ , ଭିଟାମିନ-ଡି ଯୁକ୍ତ ଖାଦ୍ୟ ଯଥେଷ୍ଟ ପରିମାଣରେ ଖାଆନ୍ତୁ ।

**ଖାଦ୍ୟ ନଷ୍ଟରୁ ଦେଶକୁ ବଂଚାନ୍ତୁ :-** ପ୍ରତ୍ୟେକ ବିଶ୍ୱବାସୀ ଖାଦ୍ୟର ମହତ୍ତ୍ୱ ଓ ଆବଶ୍ୟକତା ସଂପର୍କରେ ସଚେତନ । କିନ୍ତୁ ଏକ ଅଂଶରେ ଦୁଇବେଳ ଖାଇବାକୁ ପାଉ ନଥିବା ନିରନ୍ନ ପରିବାର ଥିଲାବେଳେ ଅନ୍ୟ ଅଂଶରେ କୋଟି କୋଟି ଟନର ଖାଦ୍ୟଶସ୍ୟ ନଷ୍ଟ ହେଉଥିବାର ଚିତ୍ର ବାସ୍ତବିକ ଚିନ୍ତାର ବିଷୟ ପାଲଟିଛି । ୟୁଏନଇପି ପକ୍ଷରୁ ୨୦୨୧ରେ ପ୍ରକାଶିତ ତଥ୍ୟାନୁଯାୟୀ ଫସଲ ଅମଳଠାରୁ ଆରମ୍ଭ କରି ଆମ ଖାଦ୍ୟ ପ୍ଲେଟରେ ପହଂଚିଲା ପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ ପ୍ରସ୍ତୁତ ୫.୩ ବିଲିଅନ ଟନ ଖାଦ୍ୟ ପଦାର୍ଥ ମଧ୍ୟରୁ ୯୩୧ ମିଲିଅନ ଟନର ଖାଦ୍ୟଶସ୍ୟ ନଷ୍ଟ ହୋଇ ଯାଉଛି । ଏଥି ମଧ୍ୟରୁ ଭାରତର ଅଂଶ ବର୍ଷକୁ ପ୍ରାୟ ୯୨,୫୬୧ କୋଟି ଟଙ୍କା । ମୁଣ୍ଡପିଛା ଭାରତୀୟମାନେ ବର୍ଷକୁ ପ୍ରାୟ ୫୦ କିଗ୍ରା ଖାଦ୍ୟ ନଷ୍ଟ କରିଥାନ୍ତି । ଭାରତରେ ଶସ୍ୟ ଅମଳ ପରେ ୫୦୦ ମିଲିଅନ ଟନର କୁଟା,କାଠି ଓ ପାଳ ନିର୍ଗତ ହୁଏ । ଏଥିରୁ ୧୦୦ ମିଲିଅନ ଟନକୁ କ୍ଷେତ ମଝିରେ ହିଁ ଜାଳି ଦିଆଯାଏ । ଏଥିରୁ ୭୦% ବାଗ ଧାନ,ଗହମ,ମକା ଓ ବାଜରାରୁ ଆସିଥାଏ । ପଞ୍ଜାବ,ହରିଆନା ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗରେ ଏପରି ଦେଖିବାକୁ ମିଳିଥାଏ । ଏହାର କାରଣଗୁଡିକ ହେଲା ମୂଲିଆଙ୍କ ଅଭାବ ,ଅଧିକ ଖର୍ଚ୍ଚ ଓ ମେସିନ ଦ୍ୱାରା ଅମଳ ପ୍ରକ୍ରିୟା । କିନ୍ତୁ ଏହାଦ୍ୱାରା ଯେ ଆମର କି ପ୍ରଭୁତ କ୍ଷତି ସାଧନ ହେଉଛି ସେ ସଂପର୍କରେ ସମସ୍ତେ ଚିନ୍ତା କରୁ ନାହାନ୍ତି । ଏହାଦ୍ୱାରା ଜମିର ଉର୍ବରତା ନଷ୍ଟ ହେଉଛି ,ବାୟୁ ମଣ୍ଡଳରେ ବିଷାକ୍ତ ବାଷ୍ପ ଦ୍ୱାରା ପ୍ରଦୂଷଣର ମାତ୍ରା ବଢ଼ି ଚାଲିଛି ,ମାଟିରେ ବାସ କରୁଥିବା ଲକ୍ଷଲକ୍ଷ ଉପକାରୀ ଅଣୁଜୀବଙ୍କ ବଂଶ ଲୋପ ପାଇ ଯାଉଛି ଫଳରେ ଚାଷୀକୁ ଅଧିକ କୃତ୍ରିମ ସାର ଓ କୀଟନାଶକ ବ୍ୟବହାର କରିବାକୁ ପଡୁଛି ଯାହା ପରୋକ୍ଷରେ ନିକଟସ୍ଥ ଜଳ ଉତ୍ସକୁ ପ୍ରଦୂଷିତ କରୁଛି । ବିଶ୍ୱରେ ରୋଷେଇଶାଳରୁ ପ୍ରସ୍ତୁତ ଖାଦ୍ୟ ମଧ୍ୟରୁ ମୁଣ୍ଡପିଛା ୧୨୧ କିଗ୍ରା ଖାଦ୍ୟ ନଷ୍ଟ ହେଉଥିବା ବେଳେ ଭାରତର ଅଂଶ ଏଥିରେ ୫୦ କିଗ୍ରା । ଯଦି ଟଙ୍କା ହିସାବରେ ଦେଖାଯାଏ ତେବେ ବର୍ଷକୁ କ୍ଷୀର ପାଇଁ ୪୪୦୯ କୋଟି ,ମାଂସ ପାଇଁ ୧୨୩୫ କୋଟି ,ଶସ୍ୟ ଜାତୀୟ ଖାଦ୍ୟ ୨୦,୬୯୮ କୋଟି ,ଡାଲି ଜାତୀୟ ପଦାର୍ଥ ୩୮୭୭ କୋଟି ,ତୈଳଜାତ ପଦାର୍ଥ ୮୨୭୮ କୋଟି ,ଫଳ ଓ ପନିପରିବା ୪୦,୮୧୧ କୋଟି ର ଖାଦ୍ୟ ପଦାର୍ଥ ନଷ୍ଟ ହେଉଛି । ତେବେ ଏଥିରେ କଣ ଅଙ୍କୁଶ ଲଗା ଯାଇ ପାରିବ ନାହିଁ । ଏଥିପାଇଁ ଭାରତୀୟ କୃଷି ବିଜ୍ଞାନ କେନ୍ଦ୍ର ୧୪୦ ପ୍ରକାର କାରିଗରୀ କୌଶଳ ଉଦ୍ଭାବନ କରିଛନ୍ତି କିନ୍ତୁ ତାକୁ ଉପଯୋଗ କରିବା ପାଇଁ ଆମ ଭିତରେ ଆଗ୍ରହ ନାହିଁ ।



# ସମ୍ବାଦ ବିଚିତ୍ରା

୧. ବିଶ୍ୱର ପ୍ରଥମ ଶାଗୁଣା ସଂରକ୍ଷଣ ଓ ପ୍ରଜନନ କେନ୍ଦ୍ର ଉତ୍ତରପ୍ରଦେଶ ସରକାର ଗୋରଖପୁରଠାରେ ଖୋଲିଛନ୍ତି।

୨. ଗୋଟିଏ ବ୍ୟାଙ୍କରେ କିମ୍ବା ଏକାଧିକ ବ୍ୟାଙ୍କରେ ବର୍ଷକୁ ୨୦ଲକ୍ଷ ଟଙ୍କାରୁ ଅଧିକ ଜମା କଲେ ପ୍ୟାନ୍ ଓ ଆଧାର ବାଧ୍ୟତା ମୂଳକ।

୩. ୨୫ କିଲୋରୁ ଅଧିକ ଥିବା ସାମଗ୍ରୀ ଡ଼ାଲି, ଶସ୍ୟ, ଚାଉଳ, ଗହମ, ଅଟା ଆଦି ଖାଦ୍ୟ ସାମଗ୍ରୀ ଉପରେ ଜିଏସ ଟି ଲାଗୁ ହେବ ନାହିଁ।

୪. ଦ୍ୱିତୀୟ ଥର ପାଇଁ ଓଡ଼ିଆ ସଂସଦ ଡ଼.ସସ୍ମିତ୍ ପାତ୍ରଙ୍କୁ ରାଜ୍ୟସଭା ଉପାଧକ୍ଷ ପ୍ୟାନେଲରେ ଗୃହର ଅଧକ୍ଷ ଏମ୍.ଭେଙ୍କିଆ ନାଇଡୁ ମନୋନୀତ କରିଛନ୍ତି।

୫. ୨୦୧୪ ରୁ ମୋଦି ସରକାର ଆସିବା ପରେ ୨୫.୩୯% ମୁଦ୍ରା ଦୁର୍ବଳ ହୋଇଯାଇଛି।

୬. ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ମାଗଣାରେ ୭୫ଦିନ ପାଇଁ ବୁଷ୍ଟୋର ଡ଼ୋଜ୍ ଦେବେ ବୋଲି କେନ୍ଦ୍ର ସରକାର ଘୋଷଣା କରିଛନ୍ତି।

୭. ଅଲରାଉଣ୍ଡର ଇଂଲଣ୍ଡର ଷ୍ଟାର କ୍ରିକେଟର ବେନ୍ ଷ୍ଟୋକ୍ ଦିନିକିଆ କ୍ରିକେଟରୁ ଅବସର ନେଇଛନ୍ତି।

୮. ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ଆଜ୍‌ମା ସହ ନିମୋନିଆ, ଷ୍ଟ୍ରୋକ୍ , ଫୁସ୍‌ଫୁସ୍ କ୍ୟାନସର, ହୃଦରୋଗ, ଚର୍ମ ସଂକ୍ରାନ୍ତୀୟ ରୋଗ ପ୍ରଦୂଷଣ କାରଣରୁ ବ୍ୟକ୍ତିମାନଙ୍କୁ ପ୍ରଭାବିତ କରିଥାଏ।

୯. ଶିକ୍ଷା ଓ ଅନୁସଂଧାନ ବିଶ୍ୱବିଦ୍ୟାଳୟ ପୂର୍ବଭାରତର ଏକ ଉଜ୍ଜ୍ୱଳ ଶିକ୍ଷା କେନ୍ଦ୍ରଭାବରେ ଉଭା ହୋଇଛି।

୧୦. ଶିକ୍ଷା ମନ୍ତ୍ରଣାଳୟର ଜାତୀୟ ଅନୁଷ୍ଠାନ ମାନ୍ୟତା ଅନୁଯାୟୀ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅପ୍ ଟେକ୍‌ନୋଲୋଜି, ଚେନ୍ନାଇ ଇଗାତାର ଭାବେ ୪ର୍ଥ ବର୍ଷ ପାଇଁ ଶ୍ରେଷ୍ଠସ୍ଥାନ ପାଇଛି।

୧୧. ଭାରତରେ ୭୧% ଲୋକଙ୍କର ପୁଷ୍ଟିକର ଆହାର ଅଭାବ ରହିଛି।

୧୨. ପୁଷ୍ଟିକର ଆହାର ଅଭାବ ହାର ଏସିଆ ମହାଦେଶରେ ୪୩.୫% ଥିବାବେଳେ ଭାରତରେ ତାହା ୭୦% ରୁ ଅଧିକ ରହିଛି।

୧୩. ଭାରତରେ ଜୁନ୍ ମାସରେ ମୁଦ୍ରାସ୍ଫୀତି ହାର ୭.୦୧% ରହିଥିଲା।

୧୪. ପ୍ରାୟ ୬୦ଟି ଷ୍ଟାର୍ଟଅପ୍ ଇସ୍ରୋରେ ପଂଜୀକୃତ ହୋଇଥିବା ଜଣାପଡ଼ିଛି।

୧୫. ସରକାରୀ କର୍ମଚାରୀଙ୍କର ଗୃହଋଣ ସହାୟତା ୮% ସୁଧରେ ୪୦ଲକ୍ଷ ପର୍ଯ୍ୟନ୍ତ ଦିଆଯାଇପାରିବ।

୧୬. ଦିଲ୍ଲୀରେ ନିର୍ମାଣାଧୀନ ଅଶୋକ ସ୍ତମ୍ଭ କାଂସ୍ୟରେ ନିର୍ମିତ ହୋଇଛି। ଯାହାର ଓଜନ ୯୫୦୦ କି.ଗ୍ରା ଏବଂ ଉଚ୍ଚତା୬.୫ ମିଟର।

୧୭. ବୁଲା ଗୋରୁଙ୍କ ସୁରକ୍ଷା ନିମନ୍ତେ ଗ୍ରାମ ଗୋ ସୁରକ୍ଷା କମିଟି ଗଠନ କରି ତାର ସଦସ୍ୟମାନଙ୍କୁ ମାସିକ ୫୦୦୦ ଟଙ୍କା ଲେଖାଏ ଦେବା ପାଇଁ ଉତ୍ତରାଖଣ୍ଡ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି।

୧୮. ଦେଶରେ ମୋଟ ୧୩ ଲକ୍ଷ ୩୪ହଜାର ୩୮୫ ଗୋଟି ବୈଦ୍ୟୁତିକ ଯାନ ଏବଂ ୨୭ କୋଟି ୮୧ଲକ୍ଷ ୬୯ ହଜାର ୩୩୧ ଗୋଟି ଅଣ ବୈଦ୍ୟୁତିକ ଯାନ ଚାଲୁଛି।

୧୯. ଦେଶରେ ୯ଟି ଏକ୍ସପ୍ରେସୱେ ଏବଂ ୧୬ଟି ନ୍ୟାସନାଲ ହାଇୱେରେ ୧୫୭୬ଟି ଚାର୍ଜିଂ ସେଣ୍ଟର ସ୍ଥାପନ କରିବା ଲାଗି ମଂଜୁରୀ ଦିଆଯାଇଛି।

୨୦. ଚଳିତ ଶିକ୍ଷା ବର୍ଷଠାରୁ +୨ ଶ୍ରେଣୀ ପାଇଁ ଛାତ୍ରଛାତ୍ରୀମାନେ ୧୦୦ ପ୍ରତିଶତ ସିଲାବସ୍ ପାଠପଢ଼ି ପରୀକ୍ଷା ଦେବେ।

୨୧. କେନ୍ଦ୍ର ସରକାର ଗତ ୫ ବର୍ଷରେ ୭ଟି ସହରର ନାମ ପରିବର୍ତ୍ତନକୁ ମଂଜୁରୀ ଦେଇଛନ୍ତି।

୨୨. ଗତ ୩ବର୍ଷରେ ମୋଟ ୩,୯୨,୬୪୩ ଜଣ ଭାରତର ନାଗରିକତା ଛାଡ଼ିଛନ୍ତି।

୨୩. ରାଜ୍ୟସରକାର ପାଇକ ବିଦ୍ରୋହ ସ୍ମାରକୀ ନିର୍ମାଣ ପାଇଁ ଖୋରଧା ବରୁଣେଇରେ ୯.୬୮୫ ଏକର ଜମି ଦେଇଛନ୍ତି।

୨୪. ଡଲାର ତୁଳନାରେ ଭାରତୀୟ ମୁଦ୍ରା ବିନିମୟ ମୂଲ୍ୟ ୮୦ ଟଙ୍କା ଅତିକ୍ରମ କରିଛି।

୨୫. ନୀତି ଆୟୋଗର ପୂର୍ବତନ ସି.ଇ.ଓ. ଅମିତାଭ କାନ୍ତ ଜି-୨୦ ନୂଆ ଶେରେପା ହେବେ।

୨୬. ବିଦେଶୀ ହତିଆର କିଣିବା ପାଇଁ ତିନିଟି ବ୍ୟାଙ୍କ ଏଚ .ଡି.ଏଫ.ସି., ଆଇସିଆଇ ଏବଂ ଆକ୍‌ସିସ୍ ବ୍ୟାଙ୍କ ଉପରେ ଦାୟିତ୍ୱ ଦିଆଯାଇଛି।

୨୭. ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସୂଚନା ଅନୁସାରେ ମଂକିପକ୍ସ ମାମାଲାରେ ୭୭% ବୃଦ୍ଧି ପାଇଛି।

୨୮. ୨୦୧୪ ପରେ ଦେଶରେ ୫୦୦% ଘୃଣା ବିଦ୍ୱେଷକାରୀ ବୟାନବାଜୀ ଅନେକ ବୃଦ୍ଧି ପାଇଛି।

୨୯. ଖାଇବା ତେଲ ଲିଟର ପିଛା ୧୫ଟଙ୍କା ପର୍ଯ୍ୟନ୍ତ ହ୍ରାସ କରିବା ପାଇଁ ଖାଇବା ତେଲ ଉତ୍ପାଦନକାରୀ ସଂଘକୁ ନିର୍ଦ୍ଦେଶ ଦିଆଯାଇଛି।

୩୦. ପ୍ରସିଦ୍ଧ ଶୈବକ୍ଷେତ୍ର ଶ୍ରୀଧବଳେଶ୍ୱର ପୀଠର ଭିତ୍ତିଭୂମି ଓ ପାରିପାର୍ଶ୍ୱିକ ଉନ୍ନତିକୁ ଅଧିକ ଆକର୍ଷଣୀୟ କରାଯିବ।

୩୧. ଜୁଲାଇ ୧ ସୁଦ୍ଧା ଭାରତର ବୈଦେଶିକ ମୁଦ୍ରା ୫ ବିଲିଆନ୍ ଡ଼ଲାର ହ୍ରାସ ପାଇ ୫୮୮.୩୧ ବିଲିଆନ୍ ଡ଼ଲାରରେ ପହଚିଛି।

୩୨. ବିଶ୍ୱର ଜନସଂଖ୍ୟାର ପ୍ରାୟ ୧.୯% ଯାଆଁଳା ଶିଶୁ ଅଟନ୍ତି।

୩୩. କେରଳର ମାଲପୁରମ୍ ଜିଲ୍ଲାର ଲୋଡ଼ିଗ୍ରାମର ଜନସଂଖ୍ୟା ୨୦୦୦ ଥିବାବେଳେ ସେମାନଙ୍କ ମଧ୍ୟରେ ୪୦୦ ଯୋଡ଼ି ଯାଆଁଳା ଅଟନ୍ତି।



ମୁହଁରେ ରାମ କହି ଅଣ୍ଟାରେ ଛୁରୀ ରଖନାହିଁ ।

# ସାଧାରଣ ଜ୍ଞାନ

## (1) ABBREVIATION

AM - ante meridiem (before noon)
PM - post meridiem (after noon)
AD - Anno Domini (The Year of Our Lord)
BC - Before Christ
GMT - Greenwich Mean Time
UTC - Universal Time Coordinated or Coordinated Universal Time
PST - Pacific Standard Time
MST - Mountain Standard Time
CST - Central Standard Time
EST - Eastern Standard Time

## (୨) ପୁସ୍ତକ ଓ ଲେଖକ

1.Gautam Adani: The Man Who Changed India- RN Bhaskar
2.Business of Sports: The Winning Formula for Success-Vinit Karnik
3.Ashtang Yoga- Dr Sonu Phogat
4.The India Story- Bimal Jalan
5.The Boy Who Wrote a Constitution - Rajesh Talwar
୬. ଦଇବ ଦଉଡି - ରାମନାଥ ପଣ୍ଡା
୭. ଓଡିଆ ସାହିତ୍ୟରେ ଜାତୀୟତାବାଦୀ ଚେତନା - ଶକୁନ୍ତଳା ବଳିଆର ସିଂହ
୮. ଜଗତରେ ଭାରତ - ଶତୃଘ୍ନ ନାଥ
୯. ସାହିତ୍ୟ ଋଷ - ଫତୁରାନନ୍ଦ
୧୦. ଭୀମା ଭୂୟାଁ - ଗୋପାଳ ବଲ୍ଲଭ ଦାସ

## (୩) ଦେହାନ୍ତ

| ନାମ | ବୟସ | ପରିଚୟ |
|---|---|---|
| ୧. ଭୂପିନ୍ଦର ସିଂହ | ୮୨ | - ସଙ୍ଗୀତକାର ପ୍ରଚ୍ଛଦପଟ ଗାୟକ |
| ୨. ସିଂଜୋ ଆବେ | ୬୭ | - ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ |
| ୩. କେ.ଏନ.ଶଶୀଧରନ୍ | ୭୨ | - ଭାରତୀୟ ଚଳଚ୍ଚିତ୍ର ନିର୍ଦ୍ଦେଶକ |
| ୪. ଡ.ଅଜୟ କୁ. ପରିଡ଼ା | ୫୮ | - ନିର୍ଦ୍ଦେଶକ, ଭାରତୀୟ ଜୀବ ବିଜ୍ଞାନୀ ସଂସ୍ଥା |
| ୫. ରାଜା ମୁଖାର୍ଜୀ | ୭୧ | - ପୂର୍ବତନ ଭାରତୀୟ କ୍ରିକେଟ ଖେଳାଳି |

## (୪) ପୁରସ୍କାର

୧. ପ୍ରଫେସର କୌଶିକରାଜ ଶେକରା- ଗ୍ଲୋବାଲ ଏନର୍ଜି ପୁରସ୍କାର
୨. ଭୋଲଡିମର ଜେନେସ୍କି - ସାର ୱିନଷ୍ଟନ୍ ଚର୍ଚ୍ଚିଲ ଲିଡରସିପ୍
୩. କେ.ପି.କୁମାରନ୍ - ଜେ.ସି.ଡାନିଏଲ ପୁରସ୍କାର
୪.ଜେଫ୍ରି ଆର୍ମଷ୍ଟ୍ରଙ୍ଗ -ଡିଷ୍ଟିନଗୁଇଷ୍ଟ୍ ଇଣ୍ଡୋଲୋଜିଷ୍ଟ୍ ,୨୦୨୧

## (୫) ରାଜ୍ୟ

| | |
|---|---|
| ୧.ରାଜ୍ୟର ନାମ | - ସିକିମ୍ |
| ୨.ରାଜ୍ୟପାଳ | - ଶ୍ରୀ ଗଙ୍ଗା ପ୍ରସାଦ |
| ୩.ମୁଖ୍ୟମନ୍ତ୍ରୀ | - ଶ୍ରୀ ପ୍ରେମେସିଂ ତମାଙ୍ଗ |
| ୪.ଗଠନ | - ୧୬ ମେ ୧୯୭୫ |
| ୫.କ୍ଷେତ୍ରଫଳ | - ୭,୦୯୬ ବର୍ଗ କି.ମି |
| ୬.ରାଜଧାନୀ | - ଗାଙ୍ଗଟକ୍ |
| ୭.ଲୋକସଭା ସଭ୍ୟ ସଂଖ୍ୟା | - ୧ |
| ୮.ରାଜ୍ୟସଭା ସଭ୍ୟ ସଂଖ୍ୟା | -୧ |
| ୯.ବିଧାନ ସଭା ସଭ୍ୟସଂଖ୍ୟା | - ୩୨ |
| ୧୦.ବିଧାନ ପରିଷଦ | -୦୦ |
| ୧୧.ମୁଖ୍ୟ ଭାଷା | - ହିନ୍ଦୀ, ଲେପଚା, ଭୁଟିଆ, ଲିମ୍ବୁ, ନେପାଳି |
| ୧୨.ଜନସଂଖ୍ୟା ସମୁଦାୟ | - ୬୦୭,୬୮୮(୨୦୧୧)<br>ପୁରୁଷ - ୩୨୧,୬୧୧<br>ମହିଳା - ୨୮୬,୦୨୭ |
| ୧୩.ଜନସଂଖ୍ୟା ବୃଦ୍ଧିହାର | - ୧୨.୩୬% |
| ୧୪.ଜନସଂଖ୍ୟା ଘନତ୍ୱ | - ୮୬ /ବର୍ଗ କି.ମି |
| ୧୫.ଶିଶୁ ଲିଙ୍ଗ ଅନୁପାତ | - ୯୪୪ଝିଅ ୧୦୦୦ ପୁଅ |
| ୧୬.ଲିଙ୍ଗ ଅନୁପାତ | - ୮୮୯ମହିଳା ୧୦୦୦ ପୁରୁଷରେ |
| ୧୭.ସାକ୍ଷରତା ହାର | - ୮୨.୨୦%<br>ପୁରୁଷ - ୮୭.୨୯ %<br>ମହିଳା - ୭୬.୪୩% |
| ୧୮. ଜିଲ୍ଲା | - ୪ |
| ୧୯. ଗ୍ରାମ | - ୪୫୦ |
| ୨୦.ସହର | - ୯ |
| ୨୧.ଜଙ୍ଗଲ ଜମି | - ୨,୨୬୧ବର୍ଗ କି.ମି. |
| ୨୨.ପର୍ଯ୍ୟଟନ ସ୍ଥଳୀ | - କାଞ୍ଚନଜଙ୍ଘା,ଗୁରୁଦୋଙ୍ଗମାର ହ୍ରଦ,ଟେମି ଋ ବଗିଚ୍ଛ,ନାମଚି , ରୁମଟେକ୍ ମଠ |

## (୬) ନିଯୁକ୍ତି

୧. ମହାମହିୟସୀ ଦ୍ରୌପଦୀ ମୁର୍ମ୍ମୁ - ଭାରତର ରାଷ୍ଟ୍ରପତି
୨. ଆର.କେ.ଗୁପ୍ତା - ଉପ ନିର୍ବାଚନ କମିଶନର
୩. ରାଜେନ୍ଦ୍ର ପ୍ରସାଦ - ଏମ.ଡ଼ି.ନ୍ୟାସନାଲ ହାଇସ୍ପିଡ୍ ରେଲ କରପୋରେସନ୍
୪. ଆଶୀଷ କୁମାର ଚୌହାନ - ଏମ.ଡ଼ି. ଆଣ୍ଡ ସି.ଇ.ଓ. ନ୍ୟସନାଲ ଷ୍ଟକ ଏକ୍ସଚେଞ୍ଜ୍
୫.କ୍ନନୋଜ କୁମାର - ଅଧ୍ୟକ୍ଷ,ଖଦୀ ଏବଂ ଗ୍ରାମ ଉଦ୍ୟୋଗ କମିଶନ

## (୭) ରାଷ୍ଟ୍ରମୁଖ୍ୟଙ୍କର ବାସଭବନର ନାମ

୧. ଭାରତର ରାଷ୍ଟ୍ରପତି - ରାଷ୍ଟ୍ରପତି ଭବନ,ନୂଆ ଦିଲ୍ଲୀ
୨. ଆମେରିକାର ରାଷ୍ଟ୍ରପତି - ହ୍ୱାଇଟ ହାଉସ,ୱାସିଂଟନ୍
୩. ଇଂଲଣ୍ଡର ରାଣୀ - ବକିଂମହାମ ପ୍ୟାଲେସ,ଲଣ୍ଡନ
୪. ଫ୍ରାନସର ରାଷ୍ଟ୍ରପତି - ଏଲିସି ପ୍ୟାଲେସ,ପ୍ୟାରିସ
୫. ଇଣ୍ଡୋନେସିଆ ରାଷ୍ଟ୍ରପତି
ଗ୍ରୀଷ୍ମ କାଳିନ ବାସଭବନ - ବୋଗାର ପ୍ୟାଲେସ

## (୮) ଓଡ଼ିଶା

୧. ଓଡ଼ିଶାର ବ୍ୟାସ କ୍ଷେତ୍ର କାହାକୁ କୁହାଯାଏ ?
(କ) ଆରେଡ଼ି (ଖ) ରାଉରକେଲା
(ଗ) ଭୁବନେଶ୍ୱର (ଘ) ଯାଜପୁର
୨. ଓଡ଼ିଶାର ପକ୍ଷୀ ବିହାର କେଉଁଠି ଅବସ୍ଥିତ ?
(କ) ଚିଲିକା (ଖ) ଭିତରକନିକା
(ଗ) ସାତକୋଶିଆ (ଘ) ଅଂଶୁପା
୩. ଓଡ଼ିଶାର ଆଲୁମିନିୟମ କାରଖାନା କେଉଁଠାରେ ଅବସ୍ଥିତ ?
(କ) ଦାମନଯୋଡି (ଖ) ଥେରୁବାଲି
(ଗ) ସର୍ଗିପାଲି (ଘ) ଦେବଗଡ଼
୪. ଓଡ଼ିଶାର କେଉଁଠାରେ ମିଗ୍‌ବିମାନ କାରଖାନା ଅବସ୍ଥିତ ?
(କ) ଦାମନଯୋଡି (ଖ) ସୁନାବେଡ଼ା
(ଗ) ଇନ୍ଦ୍ରାବତୀ (ଘ) ସୁକିନ୍ଦା
୫. ଓଡ଼ିଶାରେ ଚିନାମାଟି କେଉଁଠାରେ ମିଳେ ?
(କ) ସୁକିନ୍ଦା (ଖ) କରଂଜିଆ
(ଗ) ସର୍ଗିପାଲି (ଘ) ଖୋରଧା
୬. ବ୍ୟାସ ପୂର୍ଣ୍ଣିମା କେଉଁ ଓଡ଼ିଆ ମାସରେ ପଡ଼େ ?
(କ) ବୈଶାଖ (ଖ) ଜ୍ୟେଷ୍ଠ
(ଗ) ଆଷାଢ଼ (ଘ) ଶ୍ରାବଣ
୭. ପ୍ରଥମ ଓଡ଼ିଆ ଲୋକସଭା ବାଚସ୍ପତିଙ୍କ ନାମ କ'ଣ ?
(କ) ଜଷ୍ଟିସ୍ ରଙ୍ଗନାଥ ମିଶ୍ର (ଖ) ହରିହର ଶର୍ମା
(ଗ) ରବିରାୟ (ଘ) ପ୍ରାଣକୃଷ୍ଣ ପରିଜା
୮. ପ୍ରଥମ ଓଡ଼ିଆ ଚାରୁକଳା ମହାବିଦ୍ୟାଳୟ କେଉଁଠାରେ ଅବସ୍ଥିତ ?
(କ) ଭୁବନେଶ୍ୱର (ଖ) କଟକ
(ଗ) ଖଲିକୋଟ (ଘ) ପୁରୀ
୯. ପ୍ରଥମ ଓଡ଼ିଆ କ୍ଷୁଦ୍ରଗଳ୍ପର ନାମ କ'ଣ ?
(କ) ବାବାଜି (ଖ) ରେବତୀ
(ଗ) ମାମୁ (ଘ) ପେଟେଣ୍ଟ ମେଡ଼ିସିନ୍
୧୦. ଫେରୋ ମାଙ୍ଗାନିଜ କାରାଖାନା ଯୋଡ଼ା କେଉଁ ଜିଲ୍ଲାରେ ଅବସ୍ଥିତ।
(କ) କଟକ (ଖ) କେଉଁଝର
(ଗ) ମୟୂରଭଞ୍ଜ (ଘ) କେନ୍ଦ୍ରାପଡ଼ା

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ଝୋଟ : କପା : : ପଶମ :
(କ) ଟେରିଲିନ୍ (ଖ) ରେଶମ (ଗ) ରେୟନ (ଘ) ନାଇଲନ୍
୨. AG : IO: : EK : ?
(କ) MS (ଖ) PV (ଗ) SY (ଘ) LR
୩. ୮: ୮୧: : ୬୪ : ?
(କ)୧୨୫ (ଖ)୧୩୭ (ଗ)୫୨୫ (ଘ) ୬୨୫
୪. କେଉଁ ଶବ୍ଦଟି ଦଳ ସହ ମେଳ ଖାଉନି ?
(କ) ହିମାଳୟ (ଖ) ରକି (ଗ) କାସ୍ପିଆନ (ଘ) ଆଣ୍ଡିଜ୍
୫. ଯଦି ଆଖି ହାତ ହୁଏ, ହାତ ପାଟି ହୁଏ, କାନ ନାକ ହୁଏ ଏବଂ ନାକକୁ ଜିଭ କୁହାଯାଏ ନିମ୍ନ ଲିଖିତ ମଧ୍ୟରୁ କେଉଁଟିରେ ଜଣେ ଶୁଣି ପାରିବ ?
(କ) ଆଖି (ଖ) ପାଟି (ଗ) ନାକ (ଘ) କାନ
୬. ଗୋଟିଏ ଝିଅ ଗୋଟିଏ ପୁଅକୁ ଦେଖାଇ କହିଲା, ସେ ହେଉଛନ୍ତି ମୋ ମାମୁଁଙ୍କ ବାପାଙ୍କ ଝିଅର ପୁଅ। ସଂପର୍କରେ ସେ ଝିଅର କ'ଣ ହେବେ।
(କ)ପୁଅ (ଖ) ବାପା (ଗ) ଭାଇ (ଘ) ଶ୍ୱଶୁର
୭. ଗୋଟିଏ ପରିବାରରେ ଜଣେ ପୁରୁଷ, ତା ସ୍ତ୍ରୀ ଏବଂ ଚାରି ପୁଅ ଓ ତାଙ୍କର ସ୍ତ୍ରୀ ମାନେ। ପ୍ରତ୍ୟେକ ପୁଅଙ୍କର ଚାରୋଟି ପୁଅ ଓ ଗୋଟିଏ ଝିଅ। ତେବେ ପରିବାରରେ ପୁରୁଷଙ୍କ ସଂଖ୍ୟା କେତେ ?
(କ) ୪ (ଖ) ୮ (ଗ) ୧୨ (ଘ) ୧୭
୮. କେଉଁ ସଂଖ୍ୟା ଯୋଡ଼ିଟି ଅନ୍ୟ ସଂଖ୍ୟା ଯୋଡ଼ିଠାରୁ ଅଲଗା ?
୫୦-୬୬, ୩୨-୬୮, ୬୪-୮୦, ୬୩-୭୭
(କ) ୫୦-୬୬ (ଖ) ୩୨-୬୮ (ଗ) ୬୪-୮୦ (ଘ) ୬୩-୭୭
୯. ଯଦି ଇଂରାଜୀ ଅକ୍ଷର ଅନୁସାରେ ସଜାଇ ଦିଆଯାଏ, କେଉଁ ଶବ୍ଦଟି ୪ର୍ଥରେ ରହିବ ?
False, Follow, Faithfully, Fool, Falliable
(କ) False (ଖ) Follow (ଗ) Fool (ଘ) Falliable
୧୦. ଯଦି SUMMER କୁ RUNNER କୋଡ଼ ଦିଆଯାଏ, Winter କୁ କ'ଣ କୁହାଯିବ ?
(କ) SUITER (ଖ) VIOUER
(ଗ) WALKER (ଘ) SUFFER

ଉତ୍ତର

୧.(ଖ) ରାଉରକେଲା, ୨.(କ) ଚିଲିକା, ୩.(କ) ଡାମନଯୋରୀ, ୪.(ଖ) ସୁନାବେଡ଼ା, ୫.(ଖ) କରଂଜିଆ, ୬.(ଗ) ଆଷାଢ଼ , ୭.(ଗ) ରବିରାୟ, ୮.(ଗ) ଖଲିକୋଟ, ୯.(ଖ) ରେବତୀ, ୧୦.(ଖ) କେଉଁଝର

୧. (ଖ)ରେଶମ ୨.(କ) MS ୩.(ଘ) ୬୨୫ ୪.(ଗ)କାସ୍ପିଆନ ୫.(ଗ) ନାକ ୬.(ଗ) ଭାଇ ୭.(ଘ) ୧୭ ୮. (ଘ)୬୩-୭୭ ୯.(ଖ) Follow ୧୦.(ଖ) VIOUER

## (୧୦) ଇତିହାସ

୧. ବୈଷ୍ଣବ ଧର୍ମର ପ୍ରବର୍ତ୍ତକ କିଏ ?
(କ) ଶଙ୍କରାଚାର୍ଯ୍ୟ (ଖ) ବୁଦ୍ଧଦେବ
(ଗ) ଶ୍ରୀଚୈତନ୍ୟଦେବ (ଘ) ଗୁରୁନାନକ

୨ ହରପ୍ପା ବର୍ତ୍ତମାନ କେଉଁ ଦେଶରେ ଅଛି ?
(କ) ପାକିସ୍ଥାନ (ଖ) ଶ୍ରୀଲଙ୍କା
(ଗ) ବାଙ୍ଗଲାଦେଶ (ଘ) ଭାରତ

୩. ଜୈନ ଧର୍ମର ପ୍ରତିଷ୍ଠାତା ମହାବୀରଙ୍କର ପତ୍ନୀଙ୍କର ନାମ କ'ଣ ?
(କ) ଶ୍ରାବଣୀ (ଖ) ଯଶୋଦା
(ଗ) ସାବିତ୍ରୀ (ଘ) ସରସ୍ୱତୀ

୪. କିଏ ଭାରତର ଡାକ ଓ ତାର ପ୍ରଚଳନ କରିଥିଲେ ?
(କ) ଲର୍ଡ଼ ଡେଲହାଉସି (ଖ) ଲର୍ଡ଼ ବେଣ୍ଟିକ୍
(ଗ) ଲର୍ଡ଼ ଉଇଲିୟମ୍ (ଘ) ଲର୍ଡ଼ କର୍ଜନ

୫. ଇତିହାସର ଜନକ କିଏ ?
(କ) ପେରିକ୍ଲିସ୍ (ଖ) ହେରୋଡଟସ୍
(ଗ) ଅଗଷ୍ଟ ସିଜର୍ (ଘ) ଜାର ନିକୋଲାସ

୬. କେତେ ବର୍ଷ ବୟସରେ ଆକବର ସିଂହାସନରେ ବସିଥିଲେ ?
(କ) ୧୨ବର୍ଷ (ଖ) ୧୩ବର୍ଷ
(ଗ) ୧୪ବର୍ଷ (ଘ) ୧୫ବର୍ଷ

୭. ଜାତିସଂଘ କେବେ ପ୍ରତିଷ୍ଠିତ ହୋଇଥିଲା ?
(କ) ୧୯୪୫ (ଖ) ୧୯୪୬
(ଗ) ୧୯୪୭ (ଘ) ୧୯୪୮

୮. ଭାରତରେ ଭାଷାଭିତ୍ତିକ ପ୍ରଥମ ପ୍ରଦେଶର ନାମ କ'ଣ ?
(କ) ଆନ୍ଧ୍ର (ଖ) ଓଡ଼ିଶା
(ଗ) ପଶ୍ଚିମବଙ୍ଗ (ଘ) ଝାଡ଼ଖଣ୍ଡ

୯. ଚିକାଗୋରେ ବିଶ୍ୱଧର୍ମ ସମ୍ମିଳନୀରେ କିଏ ଭାରତର ପ୍ରତିନିଧିତ୍ୱ କରିଥିଲେ ?
(କ) ସ୍ୱାମୀ ବିବେକାନନ୍ଦ (ଖ) ସ୍ୱାମୀ ଚିଦାନନ୍ଦ
(ଗ) ସ୍ୱାମୀ ଶିବାନନ୍ଦ (ଘ) ସ୍ୱାମୀ ଶଙ୍କରାଚାର୍ଯ୍ୟ

୧୦. ଫତେପୁର ସିକ୍ରୀ କିଏ ନିର୍ମାଣ କରିଥିଲେ ?
(କ) ଆଉରଙ୍ଗ ଦେବ (ଖ) ଶାହାଜାହାନ୍
(ଗ) ଆକବର (ଘ) ଜାହାଙ୍ଗିର

## (୧୧) ବାଣିଜ୍ୟ

୧. ଓଡ଼ିଶାରେ ଆଉ କେତୋଟି ନୂଆ ଇସ୍ପାତ କାରଖାନା ପ୍ରତିଷ୍ଠା କରାଯିବ ?
(କ) ୧୨ଟି (ଖ)୧୦ଟି (ଗ) ୬ଟି (ଘ) ୮ଟି

୨. ଭାରତୀୟ ଟେଲିକମ୍ ସେବା କ୍ଷେତ୍ରରେ ୫ଜି ନିଲାମ ପ୍ରକ୍ରିୟା ଅଗଷ୍ଟ କେତେ ତାରିଖ ପର୍ଯ୍ୟନ୍ତ ଚାଲିବ ?
(କ) ୫ (ଖ) ୧୫ (ଗ) ୨୦ (ଘ) ୨୫

୩. ଦେଶର ସବୁଜ ଶକ୍ତି ଓ ଭିତ୍ତିଭୂମି ପ୍ରକଳ୍ପରେ ଆଦାନୀ ଗ୍ରୁପ୍ କେତେ ବିଲିଆନ୍ ଡଲାର ବିନିଯୋଗ କରିବେ ?
(କ) ୨୦ (ଖ) ୨୫ (ଗ) ୩୦ (ଘ) ୫୦

୪. କେଉଁ ବ୍ୟାଙ୍କ ପକ୍ଷରୁ ଆର୍ମି ସେଣ୍ଟ୍ରାଲ ଓ୍ୱେଲଫେଆର ଫଣ୍ଡକୁ ୪.୭୦ କୋଟି ଟଙ୍କାର ଆର୍ଥିକ ସହାୟତା ରାଶି ଦିଆଯାଇଛି ?
(କ) ଡିସିବି (ଖ) ଆଇଡିବିଆଇ (ଗ) ଏସ୍.ବି.ଆଇ (ଘ) ପିଏନବି

୫. ଭାରତର କୋଟିପତି ଧନୀ ମହିଳା ତାଲିକାରେ କିଏ ଏକନମ୍ବର ସ୍ଥାନରେ ଅଛନ୍ତି ?
(କ) ଫାଲଗୁନୀ ନାୟର (ଖ) ଲୀନା ଗାନ୍ଧୀ
(ଗ) ରୋଷ୍ନୀ ନାଦାର (ଘ) ରାଧା ଭେମ୍ବୁ

୬. ଜିଏସଟି ପରିଷଦର କେତେତମ ବୈଠକରେ ଖାଦ୍ୟପଦାର୍ଥ ଦହି,ଲସି ସମେତ ବିଭିନ୍ନ ବସ୍ତୁ ଉପରେ ଜିଏସଟି ଲଗାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ?
(କ) ୩୦ ତମ (ଖ) ୪୫ତମ (ଗ)୫୦ତମ (ଘ) ୩୧ତମ

୭. ଏସ.ବି.ଆଇ ଏଟିମ୍‌ରୁ କେତେଟଙ୍କାରୁ ଅଧିକ ଉଠାଇବା ସମୟରେ ଓଟିପି ନମ୍ବର ଦେବାକୁ ପଡ଼ିବ ?
(କ)୧୦,୦୦୦ (ଖ)୧୧୦୦୦ (ଗ)୧୨୦୦୦ (ଘ)୫୦୦୦

୮. ଇମାମୀ ଲିମିଟେଡ୍ ଏବେ ତା'ର ମସଲାବ୍ରାଣ୍ଡ କେଉଁ ନାମରେ ଆଣିବା ପାଇଁ ସ୍ଥିର କରିଛି ?
(କ) ଭାରତ (ଖ) ପତଞ୍ଜଳୀ (ଗ) ମନ୍ତ୍ରା (ଘ) ରୁଚି

୯. ଫର୍ଚ୍ଚୁନ୍ ବ୍ରାଣ୍ଡ ନାମରେ ବିକ୍ରି ହେଉଥିବା ଖାଇବା ତେଲରେ କେତେଟଙ୍କା ଲିଟର ପିଛା କମାଇବାକୁ କମ୍ପାନୀ ସ୍ଥିର କରିଛି ?
(କ)୩୦ (ଖ) ୩୫ (ଗ) ୪୦ (ଘ) ୫୦

୧୦. ଜିଏସଟି ଏବେ ୪ଟି ସ୍ଲାବରେ ଟିକସ ଆଦାୟ ହେଉଛି । ତିନୋଟି ୫%,୧୨% ଏବଂ ୧୮% ହେଲେ ଅନ୍ୟଟି କେତେ ପ୍ରତିଶତ ଅଟେ ?
(କ) ୨୦ (ଖ) ୨୫ (ଗ)୨୮ (ଘ) ୩୦

**ଉତ୍ତର**

୧.(ଗ)ଶ୍ରୀଚୈତନ୍ୟଦେବ, ୨.(କ)ପାକିସ୍ଥାନ, ୩.(ଖ)ଯଶୋଦା, ୪.(କ)ଲର୍ଡ଼ ଡେଲହାଉସି, ୫.(କ) ପେରିକ୍ଲିସ୍, ୬.(ଗ)୧୪ବର୍ଷ, ୭.(କ)୧୯୪୫, ୮.(ଖ)ଓଡ଼ିଶା, ୯.(କ)ସ୍ୱାମୀ ବିବେକାନନ୍ଦ, ୧୦.(ଗ)ଆକବର

୧.(କ) ୧୨ଟି, ୨.(ଖ) ୧୫, ୩.(କ)୨୦, ୪.(ଗ) ଏସ୍.ବି.ଆଇ., ୫.(ଗ)ରୋଷ୍ନୀ ନାଦାର, ୬.(ଖ) ୪୫ତମ, ୭.(କ)୧୦,୦୦୦, ୮.(ଗ) ମନ୍ତ୍ରା , ୯.(କ)୩୦, ୧୦.(ଗ)୨୮



ଅଭିମାନର ସଂପୂର୍ଣ୍ଣ ତ୍ୟାଗ ହିଁ ତ୍ୟାଗର ମୁଖ୍ୟ ଲକ୍ଷଣ ।

## (୧୨) ଅର୍ଥନୀତି

୧. ପ୍ୟାକେଟ୍ (ବନ୍ଦ) ଖାଦ୍ୟ ପଦାର୍ଥ ଉପରେ କେବେଠାରୁ ଜିଏସଟି ଲାଗୁ ନିଷ୍ପତ୍ତି ଜିଏସଟି କାଉନ୍‌ସିଲର ନେଇଛି ?
(କ)ଜୁନ୍ ୧୦(ଖ) ଅଗଷ୍ଟ ୯ (ଗ) ଜୁଲାଇ ୧୮ (ଘ) ସେପ୍ଟମ୍ବର ୩୦

୨. ୨୦୨୩ ସୁଦ୍ଧା ଚୀନକୁ ଜନସଂଖ୍ୟାରେ ଟପି କେତେ ନମ୍ବର ଦେଶ କିଏ ହେବ ବୋଲି ଜାତିସଂଘ ରିପୋର୍ଟରେ କୁହାଯାଇଛି ?
(କ) ଭାରତ (ଖ) ବର୍ମା (ଗ) ଶ୍ରୀଲଙ୍କା (ଘ) ବଂଗଳାଦେଶ

୩. ଷ୍ଟାନଫୋର୍ଡ଼ ଅଧ୍ୟୟନ ଅନୁସାରେ ଆସନ୍ତା ୨୧୦୦ ମସିହା ଭାରତର ଜନସଂଖ୍ୟା ବର୍ତ୍ତମାନ ତୁଳନାରେ କେତେ କୋଟି କମିଯିବ ?
(କ)୨୦ କୋଟି (ଖ) ୪୧କୋଟି (ଗ) ୪୫କୋଟି(ଘ) ୫୦କୋଟି

୪. ଅନ୍ତର୍ଜାତିକ ମୁଦ୍ରା ପାଣ୍ଠି ପକ୍ଷରୁ ଭାରତର ଅଭିବୃଦ୍ଧି ହାରର ପୂର୍ବାନୁମାନ ୮୦ ଆଧାର ପଏଣ୍ଟ ହ୍ରାସ କରି କେତେ ପ୍ରତିଶତକୁ ଖସାଇ ଦିଆଯାଇଛି ?
(କ) ୬.୫% (ଖ) ୭.୪ % (ଗ) ୭.୮% (ଘ) ୭.୯%

୫. ଓଡ଼ିଶା ରାଜ୍ୟରେ ମୁଣ୍ଡପିଛା ଋଣଭାର କେତେ ଟଙ୍କା ?
(କ) ୨୨,୦୪୨ ଟଙ୍କା (ଖ) ୨୨,୫୪୦ ଟଙ୍କା
(ଗ) ୨୨,୦୮୦ ଟଙ୍କା (ଘ) ୨୨,୪୦୦ଟଙ୍କା

୬. ବର୍ତ୍ତମାନ ରାଜ୍ୟରେ ଗତ ଦଶବର୍ଷ ମଧ୍ୟରେ ଋଣଭାର କେତେ ପ୍ରତିଶତବୃଦ୍ଧି ପାଇଛି ?
(କ) ୩୮୦% (ଖ) ୩୭୫% (ଗ) ୩୭୦%(ଘ) ୩୬୦%

୭. ରାଜ୍ୟର କେତୋଟି ବ୍ଲକ୍‌ରେ ଉପଯୁକ୍ତ ପିଇବା ପାଣିର ବ୍ୟବସ୍ଥା ନାହିଁ?
(କ)୧୫୪ (ଖ) ୧୪୦ (ଗ) ୧୫୪ (ଘ) ୧୫୦

୮. ସାରାଦେଶରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମର ଏକାଦଶ କୃଷି ଗଣନା କେଉଁ ବର୍ଷ ଠାରୁ ଶୁଭାରମ୍ଭ କରିଛନ୍ତି ?
(କ) ୨୦୨୧- ୨୨ (ଖ) ୨୦୨୨-୨୩
(ଗ) ୨୦୨୦-୨୧ (ଘ)୨୦୧୯- ୨୦

୯. ଓଡ଼ିଶା କନ୍ଦମୂଳ ଉତ୍ପାଦନରେ କେତେ ତମ ସ୍ଥାନରେ ଅଛି ?
(କ)ପ୍ରଥମ (ଖ) ଦ୍ୱିତୀୟ (ଗ) ତୃତୀୟ (ଘ) ଚତୁର୍ଥ

୧୦. ଭାରତରେ ୧ ଜିବି ଡାଟା ପାଇଁ ଜଣକୁ ହାରାହାରି କେତେ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି ?
(କ)୧୦ଟଙ୍କା (ଖ) ୧୨ଟଙ୍କା (ଗ)୧୩ଟଙ୍କା (ଘ) ୧୪ଟଙ୍କା

## (୧୩) କ୍ରୀଡ଼ା

୧. ଗତ ଜୁଲାଇ ମାସରେ ୟୁଜିନ୍‌ରେ ଆୟୋଜିତ ୨୦୨୨ର ବିଶ୍ୱ ଆଥଲେଟିକ୍ସ ଚାମ୍ପିଆନଶିପରେ ଯୁକ୍ତରାଷ୍ଟ୍ର ଆମେରିକା କେତୋଟି ସ୍ୱର୍ଣ୍ଣ ଜିତି ସର୍ବାଧିକ ସଫଳତା ହାସଲ କରିଛି ?
(କ) ୧୦ଟି (ଖ) ୧୧ଟି (ଗ) ୧୨ଟି (ଘ) ୧୩ଟି

୨. ୨୦୨୨ର ବିଶ୍ୱ ଆଥଲେଟିକ୍ସ ପ୍ରତିଯୋଗିତାରେ କେଉଁ ଦେଶ ୪ଟି ସ୍ୱର୍ଣ୍ଣପଦକ ସହିତ ଯୁକ୍ତରାଷ୍ଟ୍ର ଆମେରିକା ପଛକୁ ୨ୟ ସ୍ଥାନ ପାଇଛି ?
(କ) ଇଥିଓପିଆ (ଖ) ଜାମାଇକା (ଗ) କେନିୟା (ଘ) ଚୀନ

୩. ଯୁକ୍ତରାଷ୍ଟ୍ର ଆମେରିକାର କେଉଁ ଖେଳାଳି ୨୦୨୨ର ବିଶ୍ୱ ଆଥଲେଟିକ୍ସ ଚାମ୍ପିଆନଶିପରେ ପୁରୁଷ ୧୦୦ମିଟର ଦୌଡ଼ରେ ସ୍ୱର୍ଣ୍ଣ ଜିତିଛନ୍ତି ?
(କ) ଫ୍ରେଡ୍ କେର୍ଲୀ (ଖ) ମରଭୀନ୍ ବ୍ରେସୀ
(ଗ) ଟ୍ରେଭନ୍ ବ୍ରୋମେଲ୍ (ଘ) ନୋଆ ଲାଇଲେସ୍

୪. ୨୦୨୨ର ବିଶ୍ୱ ଆଥଲେଟିକ୍ସ ଚାମ୍ପିଆନଶିପରେ ମହିଳା ୧୦୦ମିଟର ଦୌଡ଼ରେ ସ୍ୱର୍ଣ୍ଣ ଜିତିଥିବା ଜାମାଇକାର ଧାବିକାଙ୍କ ନାମ କଣ ?
(କ) ଶେରିକା ଜ୍ୟାକ୍‌ସନ୍ (ଖ) ସେଲୀ ଆନ୍ ଫ୍ରେଜର
(ଗ) ବ୍ରିଟାନୀ ଆଣ୍ଡରସନ୍ (ଘ) ଏଲେନ୍ ଥମ୍ପସନ୍ ହେରାଥ୍

୫. ୨୦୨୨ର ବିଶ୍ୱ ଆଥଲେଟିକ୍ସ ଚାମ୍ପିଆନଶିପରେ ନୀରଜ ଚୋପ୍ରାଙ୍କୁ ପଛରେ ପକାଇ ଜାଭଲିନ୍ ଥ୍ରୋର ସ୍ୱର୍ଣ୍ଣ ଜିଣିଥିବା ଆଣ୍ଡରସନ୍ ପିଟର୍ସ କେଉଁ ଦେଶର ଖେଳାଳି ?
(କ) ବାର୍ବାଡୋସ (ଖ) ବ୍ରାଜିଲ (ଗ) ଗ୍ରେନାଡ଼ା (ଘ) କାନାଡ଼ା

୬. ୨୦୨୨ ଅଗଷ୍ଟ ମାସରେ ବିଶ୍ୱ ବ୍ୟାଡମିଣ୍ଟନ୍ ଚାମ୍ପିଆନଶିପ୍ କେଉଁଠାରେ ଆୟୋଜିତ ହେଉଛି ?
(କ) ବେଜିଂ (ଖ) ଟୋକିଓ (ଗ) ଲଣ୍ଡନ (ଘ) ସିଓଲ୍

୭. ୨୦୨୨ର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇଂଲାଣ୍ଡର କେଉଁ ସହରରେ ଆୟୋଜିତ ହେଉଛି ?
(କ) ମାଞ୍ଚେଷ୍ଟର୍ (ଖ) ନଟିଂହାମ୍ (ଗ) ବର୍ମିଙ୍ଗହାମ୍ (ଘ) ଲୀଡ୍‌ସ

୮. ୨୦୨୨ର ୱିମ୍ବଲଡନ୍ ଚାମ୍ପିଆନ ହୋଇ ସର୍ବିୟାର ନୋଭାକ୍ ଡ୍ୟୋକୋଭିଚ୍ ତାଙ୍କର କେତେତମ ଗ୍ରାଣ୍ଡସ୍ଲାମ୍ ଟାଇଟେଲ୍ ଜିତିଛନ୍ତି ?
(କ) ୨୦ତମ (ଖ) ୨୧ତମ (ଗ) ୨୨ତମ (ଘ) ୨୩ତମ

୯. ୨୦୨୨ର ୱିମ୍ବଲଡନ୍ ମହିଳା ସିଂଗଲ୍ସ ଚାମ୍ପିଆନ ହୋଇଥିବା ରୁଷ ଜନ୍ମିତ ଏଲେନା ରାଇବାକିନା ଏବେ କେଉଁ ଦେଶର ନାଗରିକ ?
(କ) ଜର୍ମାନୀ (ଖ) ୟୁକ୍ରେନ୍ (ଗ) ସ୍ପେନ୍ (ଘ) କାଜାଖସ୍ତାନ

୧୦. ଚେନ୍ନାଇଠାରେ ବିଶ୍ୱ ଚେସ୍ ଅଲିମ୍ପିଆଡର କେତେତମ ସଂସ୍କରଣ ଆୟୋଜିତ ହେଉଛି ?
(କ) ୪୪ତମ (ଖ) ୪୫ତମ (ଗ) ୪୬ତମ (ଘ) ୪୭ତମ

**ଉତ୍ତର**

୧.(ଗ)ଜୁଲାଇ ୧୮, ୨.(କ)ଭାରତ, ୩.(ଖ) ୪୧କୋଟି , ୪.(ଖ) ୭.୪ % , ୫.(କ)୨୨,୦୪୨ ଟଙ୍କା ୬.(ଗ)୩୭୫%, ୭.(ଗ)୧୫୪ , ୮(କ) ୨୦୨୧- ୨୨ , ୯.(କ)ପ୍ରଥମ, ୧୦.(ଘ) ୧୪ଟଙ୍କା

୧.(ଘ)୧୩ଟି, ୨.(କ) ଇଥିଓପିଆ,୩.(କ) ଫ୍ରେଡ୍ କେର୍ଲୀ,୪.(ଖ) ସେଲୀ ଆନ୍ ଫ୍ରେଜର, ୫.(ଗ) ଗ୍ରେନାଡ଼ା,୬.(ଖ) ଟୋକିଓ, ୭. (ଗ)ବର୍ମିଙ୍ଗହାମ୍, ୮.(ଖ) ୨୧ତମ, ୯.(ଘ) କାଜାଖସ୍ତାନ, ୧୦.(କ) ୪୪ତମ



ଚିତ୍ତରେ ଭଗବାନଙ୍କୁ ସ୍ଥାନ ଦେଲେ ପରନାରୀ ଏବଂ ପରଦ୍ରବ୍ୟ ବିଷତୁଲ୍ୟ ହୋଇଯାଏ ।

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ଡିସ୍‌କଭରୀ ଅଫ୍ ଇଣ୍ଡିଆ ପୁସ୍ତକର ରଚୟିତା କିଏ ?
(କ) ମହାତ୍ମା ଗାନ୍ଧୀ (ଖ) ମୌଲାନା ଆଜାଦ୍
(ଗ) ରାଜେନ୍ଦ୍ର ପ୍ରସାଦ (ଘ) ଜବାହରଲାଲ ନେହେରୁ

୨. ଭାରତର ସ୍ୱାଧୀନତା ଉପରେ ରଚିତ ମିଡ୍‌ନାଇଟ୍ ଚିଲ୍‌ଡ୍ରେନ୍ ପୁସ୍ତକର ରଚୟିତା କିଏ ?
(କ) ସଲମାନ୍ ରଶଦି (ଖ) ଇ.ଏମ. ଫୋରଷ୍ଟର୍
(ଗ) ବିକ୍ରମ ସେଠ୍ (ଘ) ୱିଲିୟମ୍ ଡାଲରିମ୍ପଲ୍

୩. ଇଣ୍ଡିଆ ୱିନ୍‌ସ ଫ୍ରିଡମ୍ ପୁସ୍ତକର ରଚୟିତା କିଏ ?
(କ) ସୁଭାଷ ବୋଷ (ଖ) ଆବୁଲ କାଲାମ୍ ଆଜାଦ୍
(ଗ) ବୀର୍ ସାବରକର୍ (ଘ) ଲାଲା ଲଜପତ୍ ରାୟ

୪. ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମି ଉପରେ ରଚିତ ହିନ୍ଦୀ ଉପନ୍ୟାସ ଇନ୍‌ହୀ ହଥିୟାରୋଁ ସେ ପୁସ୍ତକର ରଚୟିତା କିଏ ?
(କ) ଅମରକାନ୍ତ (ଖ) ଶ୍ରୀଲାଲ ଶୁକ୍ଳ
(ଗ) ଅମୃତା ପ୍ରୀତମ୍ (ଘ) ଚିତ୍ରା ମୁଦ୍‌ଗଲ୍

୫. ୬୮ତମ ଜାତୀୟ ଚଳଚିତ୍ର ପୁରସ୍କାରରେ ସୂରାରାଇ ପୋଟ୍ରୁ ଶ୍ରେଷ୍ଠ ଚଳଚିତ୍ର ବିବେଚିତ ହୋଇଛି । ଏହା କେଉଁ ଭାଷାର ଚଳଚିତ୍ର ?
(କ) ତେଲୁଗୁ (ଖ) କନ୍ନଡ଼ (ଗ) ତାମିଲ୍ (ଘ) ମାଲୟାଲମ

୬. ସୂରାରାଇ ପୋଟ୍ରୁ ଚଳଚିତ୍ରରେ ସୁନ୍ଦର ଅଭିନୟ ପାଇଁ ଶ୍ରେଷ୍ଠ ଅଭିନେତା ବିବେଚିତ ହୋଇଥିବା ତାରକାଙ୍କ ନାମ କଣ ?
(କ) କମଲ ହାସନ (ଖ) ପ୍ରଭାସ
(ଗ) ବିଜୁ ମେନନ୍ (ଘ) ସୁରିୟା

୭. ଏଥି ସହିତ କେଉଁ ହିନ୍ଦୀ ଚଳଚିତ୍ର ତାରକାଙ୍କୁ ମଧ୍ୟ ଯୁଗ୍ମ ଭାବେ ଶ୍ରେଷ୍ଠ ଅଭିନେତାର ପୁରସ୍କାର ପାଇଁ ବଛାଯାଇଛି ?
(କ) ସେଫ୍ ଅଲୀ ଖାନ୍ (ଖ) ଅକ୍ଷୟ କୁମାର
(ଗ) ଅଜୟ ଦେବଗନ୍ (ଘ) ହ୍ରିତିକ୍ ରୋଷନ

୮. ଘୋଷିତ ହୋଇଥିବା ୬୮ତମ ଜାତୀୟ ଚଳଚିତ୍ର ପୁରସ୍କାରରେ କିଏ ସର୍ବଶ୍ରେଷ୍ଠ ଅଭିନେତ୍ରୀ ବିବେଚିତ ହୋଇଛନ୍ତି ?
(କ) ଲକ୍ଷ୍ମୀପ୍ରିୟା (ଖ) ଅପର୍ଣ୍ଣା ବାଲମୁରଲୀ
(ଗ) ରୂପା ଗାଙ୍ଗୁଲୀ (ଘ) କଙ୍ଗନା ରାନାଓ୍ୱତ

୯. କେଉଁ ସ୍ଥାନଟି ରାଧାଦେବୀଙ୍କ ଜନ୍ମସ୍ଥାନ ଭାବେ ପ୍ରସିଦ୍ଧ ?
(କ) ମଥୁରା (ଖ) ବୃନ୍ଦାବନ (ଗ) ପାରସୋଲି (ଘ) ବରସାନା

୧୦. ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ଦିନ କେଉଁ ଦେବତାଙ୍କ ଜନ୍ମଦିନ ମଧ୍ୟ ପାଳନ କରାଯାଏ ?
(କ) ବଳଭଦ୍ର (ଖ) ଜଗନ୍ନାଥ (ଗ) ନୃସିଂହ (ଘ) ବାମନ

## (୧୫) ଭୂଗୋଳ

୧. ଯେଉଁ ଭୂମି ଉଦର ଶିଖର ମୂଳଠାରୁ ଛୋଟ ଏବଂ ଉଚ୍ଚତା ୩ଶହ ମିଟର ବା ୧୦୦ ଫୁଟରୁ ଅଧିକ ତାକୁ କ'ଣ କୁହାଯାଏ ?
(କ)ପର୍ବତ (ଖ)ପାହାଡ (ଗ)ପର୍ବତ ମାଳା (ଘ) ଶୃଙ୍ଗ

୨. ବୃହତ୍ତ ମହାସାଗରର ନାମ କ'ଣ ?
(କ) ଆଟଲାଣ୍ଟିକ ମହାସାଗର (ଖ) ଭାରତ ମହାସାଗର
(ଗ) ପ୍ରଶାନ୍ତ ମହାସାଗର (ଘ)ଦକ୍ଷିଣ ମହାସାଗର

୩. ସମୁଦ୍ରର ଗଭୀରତା ହାରାହାରି କେତେ ?
(କ)୨.୫ କି.ମି (ଖ) ୩.୫ କି.ମି
(ଗ)୪.୫ କି.ମି (ଘ) ୫ କି.ମି

୪. ବଇକାଲ ହ୍ରଦ କେଉଁଠି ଅବସ୍ଥିତ ?
(କ)ଋଷିଆ (ଖ)ଚିନ୍ (ଗ) ଭାରତ (ଘ) ପାକିସ୍ଥାନ

୫. ପ୍ରାକ୍ ପ୍ରଣାଳୀ କେଉଁ ଦୁଇ ଦେଶ ମଧ୍ୟରେ ରହିଛି ?
(କ)ଭାରତ ବଙ୍ଗଳାଦେଶ (ଖ)ଭାରତ ଚିନ୍
(ଗ)ଭାରତ ଓ ଶ୍ରୀଲଙ୍କା (ଘ)ଭାରତ ପାକିସ୍ଥାନ

୬. ଏସିଆ ମହାଦେଶର ବୃହତ୍ତମ ଦେଶ କିଏ ?
(କ) ଚୀନ୍ (ଖ) ଜାପାନ (ଗ) ଭାରତ (ଘ) ପାକିସ୍ଥାନ

୭. ଏସିଆ ମହାଦେଶର ବୃହତ୍ତମ ସହର କିଏ ?
(କ) ନୂଆଦିଲ୍ଲୀ (ଖ)ଟୋକିଓ (ଗ) ବେଜିଂ (ଘ) ଚେନ୍ନାଇ

୮. ଏସିଆ ବୃହତ୍ତମ ମରୁଭୂମି କିଏ ?
(କ) ସାହାରା (ଖ) କାଲାହାରୀ (ଗ) ଗୋବି (ଘ) ଥର

୯. ସବୁଠାରୁ କ୍ଷୁଦ୍ର ସହର ନାମ କ'ଣ ?
(କ)ଏସିଆ (ଖ)ଅଷ୍ଟ୍ରେଲିଆ (ଗ) ଆଫ୍ରିକା (ଘ) ଇଉରୋପ୍

୧୦. ବରଫ ଆଚ୍ଛାଦିତ ମହାଦେଶର ନାମ କ'ଣ ?
(କ) ଉତ୍ତର ଆମେରିକା (ଖ) ଅଷ୍ଟ୍ରେଲିଆ
(ଗ) ୟୁରୋପ (ଘ) ଆଣ୍ଟାର୍କଟିକା

### ଉତ୍ତର

୧.(ଘ) ଜବାହରଲାଲ ନେହେରୁ, ୨.(କ) ସଲମାନ୍ ରଶଦି, ୩.(ଖ) ଆବୁଲ କାଲାମ୍ ଆଜାଦ୍, ୪.(କ) ଅମରକାନ୍ତ, ୫.(ଗ) ତାମିଲ, ୬.(ଘ) ସୁରିୟା, ୭.(ଗ) ଅଜୟ ଦେବଗନ୍, ୮.(ଖ) ଅପର୍ଣ୍ଣା ବାଲମୁରଲୀ, ୯.(ଘ) ବରସାନା, ୧୦.(କ) ବଳଭଦ୍ର

୧.(କ)ପର୍ବତ, ୨.(ଗ) ପ୍ରଶାନ୍ତ ମହାସାଗର, ୩.(ଖ) ୩.୫ କି.ମି , ୪.(କ)ଋଷିଆ, ୫.(ଗ)ଭାରତ ଓ ଶ୍ରୀଲଙ୍କା, ୬.(କ) ଚୀନ୍, ୭. (ଖ)ଟେକିଓ, ୮.(ଗ) ଗୋବି, ୯.(କ)ଏସିଆ, ୧୦.(ଘ) ଆଣ୍ଟାର୍କଟିକ

## (୧୬) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ସମ୍ବିଧାନର କେଉଁ ଧାରାରେ ରାଷ୍ଟ୍ରପତିଙ୍କର ରାଜକ୍ଷମା ଦେବାର ଅଧିକାର ଅଛି ?

(କ) ୭୦ (ଖ) ୭୨ (ଗ) ୭୪ (ଘ) ୭୩

୨. ଭାରତର କମ୍ପଟ୍ରୋଲର ଓ ଅଡ଼ିଟର ଜେନେରାଲଙ୍କୁ କିଏ ନିଯୁକ୍ତି ଦିଅନ୍ତି ?

(କ) ପାର୍ଲାମେଣ୍ଟ (ଖ) ରାଷ୍ଟ୍ରପତି

(ଗ) ପ୍ରଧାନମନ୍ତ୍ରୀ (ଘ)ଉପରାଷ୍ଟ୍ରପତି

୩. କିଏ ରାଜ୍ୟସଭାର ଅଧିବେଶନରେ କାର୍ଯ୍ୟ ପରିଚାଳନା କରନ୍ତି ?

(କ) ପ୍ରଧାନମନ୍ତ୍ରୀ (ଖ) ରାଷ୍ଟ୍ରପତି

(ଗ) ବାଚସ୍ପତି (ଘ) ଉପରାଷ୍ଟ୍ରପତି

୪. ଭାରତର କେଉଁ ପ୍ରଧାନମନ୍ତ୍ରୀ କେନ୍ଦ୍ର ପାର୍ଲାମେଣ୍ଟର ସମ୍ମୁଖୀନ ହୋଇ ନାହାଁନ୍ତି ?

(କ) ମୋରାରାଜୀ ଦେଶାଇ (ଖ)ରାଜୀବ ଗାନ୍ଧି

(ଗ) ଚରଣ ସିଂହ (ଘ) ଲାଲବାହାଦୁର ଶାସ୍ତ୍ରୀ

୫. ରାଜ୍ୟପାଳଙ୍କର ମୃତ୍ୟୁ ହେଲେ ରାଜ୍ୟର ଦାୟୀତ୍ୱ କିଏ ଗ୍ରହଣ କରନ୍ତି ?

(କ) ମୁଖ୍ୟମନ୍ତ୍ରୀ (ଖ)ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି

(ଗ) ପଡ଼ୋଶୀ ରାଜ୍ୟର ରାଜ୍ୟପାଳ (ଘ) ଉପ ମୁଖ୍ୟମନ୍ତ୍ରୀ

୬. ଭାରତର କ୍ୟାବିନେଟ୍ ବ୍ୟବସ୍ଥା କେଉଁ ଦେଶରୁ ଅଣାଯାଇଛି ?

(କ) ବ୍ରିଟେନ (ଖ) ଆମେରିକା (ଗ) ଫ୍ରାନସ୍ (ଘ) ସୁଇଡ଼େନ୍

୭.ଲୋକସଭାରେ କେଉଁ ମସିହାରେ ପ୍ରଥମ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିଲା ?

(କ) ୧୯୬୦ (ଖ) ୧୯୬୨ (ଗ) ୧୯୬୩ (ଘ) ୧୯୭୩

୮. ରାଜ୍ୟସଭା କେଉଁ ସମୟରେ ଭଙ୍ଗ କରାଯାଏ ?

(କ)ଜରୁରୀ କାଳିନ ପରିସ୍ଥିତି (ଖ) ପ୍ରତି ୫ ବର୍ଷରେ

(ଗ) ରାଷ୍ଟ୍ରପତି ଙ୍କ ଇଚ୍ଛାନୁସାରେ (ଘ) କେବେ ନୁହେଁ

୯. କେଉଁ ଭାଷାଟି ସଂବିଧାନ ସ୍ୱୀକୃତି ଲାଭ କରିନାହିଁ ?

(କ)ସଂସ୍କୃତ (ଖ) ସିନ୍ଧି (ଗ) ଉର୍ଦ୍ଦୁ (ଘ) ମୈଥିଳୀ

୧୦. ଉତ୍ତର ପ୍ରଦେଶର ଉଚ୍ଚ ନ୍ୟାୟାଳୟ କେଉଁଠାରେ ଅବସ୍ଥିତ ?

(କ)ଲକ୍ଷ୍ନୌ (ଖ) ଆଲାହାବାଦ (ଗ)କାନପୁର (ଘ) ମିରଟ୍

## (୧୭) କମ୍ପ୍ୟୁଟର ଶିକ୍ଷା

୧. ଏମ.ଏସ୍. ୱାର୍ଡ଼ର କୌଣସି ସିଲେକ୍ଟ ଟେକ୍ସକୁ କପି କରିବା ପାଇଁ କେଉଁ ସର୍ଟକଟ୍ କି ବ୍ୟବହାର କରାଯାଏ ?

(କ) Ctrl+A (ଖ) Ctrl+B (ଗ) Ctrl+C (ଘ) Ctrl+F

୨. ସ୍କାନର ଦ୍ୱାରା କଣ ସ୍କାନ କରାଯାଏ ?

(କ) ଛବି (ଖ) ଟେକ୍ସଟ

(ଗ) ଉଭୟ ଛବି ଓ ଟେକ୍ସଟ୍ (ଘ) କୌଣସିଟି ନୁହେଁ

୩. ସ୍ଳାଇଡ଼ ସୋରେ ପୂର୍ବ ସ୍ଳାଇଡ଼କୁ ଯିବାକୁ ହେଲେ କେଉଁ 'କି' ଦବାଇବାକୁ ହୁଏ ?

(କ) N (ଖ) P (ଗ) Esc (ଘ) Tab

୪. କମ୍ପ୍ୟୁଟରର କେଉଁ ଟି ଇନ୍ ପୁଟ ଡିଭାଇସ୍ ଅଟେ ?

(କ) ସ୍କାନର (ଖ) ସ୍ପିକର (ଗ) ସିଡ଼ି (ଘ) ପ୍ରିଣ୍ଟର

୫. ଗୋଟିଏ ସିଡିରେ କେତେ ଏମ୍‌ବି (ମେଗାବାଇଟ୍) ଡାଟା ରଖାଯାଇ ପାରିବ ?

(କ)୬୫୦ (ଖ)୭୦୦ (ଗ) ୭୫୦ (ଘ)୮୦୦

୬. URL କାହାକୁ ବୁଝାଇଥାଏ ?

(କ)Universal Reasearch List (ଖ)Universal Reasource List

(ଗ)Uniform Reasourse Locator (ଘ)Uniform Reasearch List

୭. କମ୍ପ୍ୟୁଟର ଚିପ୍ କେଉଁଥିରେ ପ୍ରସ୍ତୁତ ହୋଇଥାଏ ?

(କ) କ୍ଳୋରୋମିୟମ (ଖ) ଆଇରନ୍ (ଗ) ସିଲିକା (ଘ) ସିଲିକନ

୮. Shutdown କରିବା ପାଇଁ କେଉଁ ସର୍ଟକର୍ଟ କି ବ୍ୟବହାର ହୁଏ ?

(କ) Ctrl+Alt+F4 (ଖ) Ctrl+Shift+F4

(ଗ) Ctrl+Alt+F3 (ଘ) Ctrl+Alt+F5

୯. କୌଣସି ଫୋଲଡରର ନାମ ପରିବର୍ତ୍ତନ ପାଇଁ କେଉଁ ସର୍ଟକଟ୍ କି ବ୍ୟବହାର ହୁଏ ?

(କ) F3 (ଖ) F2

(ଗ) F6 (ଘ) F7

୧୦. ସିଡିରେ କଣ କରାଯାଇପାରେ ?

(କ) ପଢିହୁଏ (ଖ) ଲେଖିହୁଏ

(ଗ) ଉଭୟ ପଢିହୁଏ ଏବଂ ଲେଖିହୁଏ (ଘ) କୌଣସିଟି ନୁହେଁ

**ଉତ୍ତର**

**୧.(ଖ) ୭୨, ୨.(ଖ) ରାଷ୍ଟ୍ରପତି, ୩.(ଘ) ଉପରାଷ୍ଟ୍ରପତି, ୪.(ଗ) ଚରଣ ସିଂହ, ୫.(ଖ)ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି, ୬.(କ) ବ୍ରିଟେନ, ୭.(ଗ) ୧୯୬୩, ୮.(ଘ) କେବେ ନୁହେଁ, ୯.(ଘ) ମୈଥିଳୀ, ୧୦. (ଖ) ଆଲାହାବାଦ**

୧.(ଗ) Ctrl+C, ୨.(କ) ଛବି, ୩.(ଖ) P, ୪.(କ) ସ୍କାନର ୫.(ଖ) ୭୦୦ ଏମ୍‌ବି, ୬.(ଗ) Uniform Reasourse Locator, ୭.(ଘ) ସିଲିକନ୍, ୮.(କ) Ctrl+Alt+F4, ୯.(ଖ) F2 ୧୦.(ଗ) ଉଭୟ ପଢିହୁଏ ଏବଂ ଲେଖିହୁଏ



ଈଶ୍ୱରଙ୍କୁ ପାଇବାପାଇଁ ଯାହାର ହୃଦୟ ବ୍ୟାକୁଳ ହେଉଛି, ତାହାର ଜନ୍ମ ଧନ୍ୟ ଏବଂ ତା'ର ମାତା ମଧ ଧନ୍ୟ ।

## (୧୮) ଗାଣିତିକ ପ୍ରଶ୍ନାବଳୀ

୧. ପରିମାପ ପାଇଁ ଆନ୍ତର୍ଜାତୀୟ ସ୍ତରରେ କେଉଁ ଏକକ ବ୍ୟବସ୍ଥା ଗୃହୀତ ହୋଇଅଛି ?
(କ) MKS (ଖ) FPS
(ଗ) CGS (ଘ) SI

୨. FPS ଏକକ ପଦ୍ଧତି ଲମ୍ବ ମାପର ଏକକ କ'ଣ ?
(କ) ଫୁଟ (ଖ) ଗଜ (ଗ) ମିଟର (ଘ) ମାଇଲ

୩. ଏକ ଜ୍ୟୋତି ଏକକ (Astronomical Unit)ମାନେ କ'ଣ ?
(କ) ସୂର୍ଯ୍ୟର ବ୍ୟାସ (ଖ) ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଦୂରତା
(ଗ) ଆଲୋକର ବେଗ (ଘ) ସୌରଜଗତର ହାରାହାରି ବ୍ୟାସାର୍ଦ୍ଧ

୪. ଏକ ପାରସେକ୍ (Parallactic Second)କେତେ ଆଲୋକ ବର୍ଷ ସହ ସମାନ ?
(କ) ୨ (ଖ) ୨.୫ (ଗ) ୩ (ଘ) ୩.୩

୫. ଏକ ଗାଲେନ୍ (Gallon)ତରଳ ମାନେ କେତେ ଲିଟର ?
(କ) ୩.୫ (ଖ) ୪.୫୫ (ଗ) ୫.୬୭ (ଘ)୬.୦୬

୬. ଏକ କ୍ୟୁସେକ୍ (Cusec) ଜଳ ପ୍ରବାହ ମାନେ କ'ଣ ?
(କ) ଏକ ଘନଫୁଟ ପ୍ରତି ସେକେଣ୍ଡ (ଖ) ଏକ ଘନମିଟର ପ୍ରତି ସେକେଣ୍ଡ
(ଗ) ଏକ ଲିଟର ପ୍ରତି ସେକେଣ୍ଡ (ଘ) ଏକ ବ୍ୟାରେଲ ପ୍ରତି ସେକେଣ୍ଡ

୭. ସୁପର ସୋନିକ ବିମାନର ବେଗ ମାପ ପାଇଁ କେଉଁ ଏକକ ବ୍ୟବହାର କରାଯାଇଥାଏ ?
(କ) ନଟ୍ (ଖ) ମେଚ୍ ସଂଖ୍ୟା
(ଗ) କିଲୋମିଟର/ସେକେଣ୍ଡ (ଘ) ସୋନିକ ସଂଖ୍ୟା

୮. ଏକ ପାଉଣ୍ଡ କେତେ ଗ୍ରାମ ?
(କ)୨୦୦ (ଖ) ୪୫୦ (ଗ) ୪୫୩.୬ (ଘ) ୬୫୦

୯. କେତେ କିଲୋଗ୍ରାମରେ ଏକ କ୍ୟୁଣ୍ଟାଲ ହୁଏ ?
(କ)୧୦୦ (ଖ)୧୦୦୦ (ଗ) ୫୦୦ (ଘ) ୧୫୦୦

୧୦. କେତେ ଘଣ୍ଟାରେ ଏକ ପ୍ରହର ହୁଏ ?
(କ) ୧ (ଖ) ୨ (ଗ) ୩ (ଘ) ୪

## (୧୯) ସାଧାରଣ ବିଜ୍ଞାନ

୧. କେଉଁ ପଶୁ ଚାଲିଲା ବେଳେ ଏକ ପାର୍ଶ୍ୱସ୍ଥ ଆଗଗୋଡ଼ ଓ ପଛଗୋଡ଼ ଏକା ସାଂଗରେ ଆଗକୁ ଯାଇଥାଏ । ?
(କ) ନିଳଗାଇ (ଖ) ଜିରାଫ
(ଗ) ହରିଣ (ଘ) ଓଟ

୨. ଆମେ ବ୍ୟବହାର କରୁଥିବା ହଳଦୀ, ଗଛର କେଉଁ ଅଂଶରୁ ମିଳେ ?
(କ) ମୂଳ (ଖ) କାଣ୍ଡ (ଗ) ଫଳ (ଘ)ଫୁଲ

୩. ମଣିଷ ରକ୍ତରେ ଥିବା ଲୋହିତ ରକ୍ତ କଣିକାର ଜୀବନକାଳ କେତେ ?
(କ) ଅନିଶ୍ଚିତ (ଖ) ୧୨୦ଦିନ
(ଗ) ୧୮୦ଦିନ (ଘ) ଆଜୀବନ

୪. ପ୍ରତି ମିନିଟ ରେ ମଣିଷର ହୃତପିଣ୍ଡ କେତେଥର ଧକ୍ ଧକ୍ କରେ ?
(କ) ୬୦ଥର (ଖ)୭୨ଥର
(ଗ) ୮୪ଥର (ଘ)୯୪ଥର

୫. ପକ୍ଷୀ ଓ ଝିଟିପିଟି ମାନଙ୍କ ମଳରେ ଏକ ପ୍ରକାର ଧଳା ପଦାର୍ଥ ଦେଖାଯାଏ-ତାହା କଣ ?
(କ) ଇଉରିଆ (ଖ) ଇଉରିକ ଏସିଡ୍
(ଗ) କ୍ରେଟିନାଇନ୍ (ଘ) ପ୍ରେସିପିଟେଟେଡ୍ କ୍ୟାଲସିୟମ

୬. କୁଇନାଇନ୍ ଔଷଧ ଗୋଟିଏ ପ୍ରକାର ଗଛର କେଉଁ ଅଂଶରୁ ତିଆରି ହୁଏ ?
(କ) ପତ୍ର (ଖ) ଫଳ
(ଗ) ମୂଳ (ଘ) କାଣ୍ଡ

୭. କେଉଁ ପଦାର୍ଥଟି ଭାରିଯନ୍ତ୍ରପାତି ଚଳାଇବାରେ ବ୍ୟବହାର କରାଯାଇଥାଏ ?
(କ) ବକ୍ସାଇଟ (ଖ) ସଲଫର
(ଗ) ଫସଫରସ୍ (ଘ) ଗ୍ରାଫାଇଟ୍

୮. କେଉଁ ଗ୍ରହ ଚତୁଃପାର୍ଶ୍ୱରେ ବାୟୁ ମଣ୍ଡଳ ନାହିଁ ?
(କ) ମରକୁରି (ଖ)ମାରସ୍
(ଗ) ଇଉରାନସ୍ (ଘ) ନେପଚ୍ୟୁନ

୯. ଗୋଟିଏ ବସ୍ତୁର ଠିକ ଓଜନ କେତେବେଳେ ଜଣା ପଡ଼ିବ ?
(କ)ପବନରେ ଓଜନ କଲେ (ଖ)ପାଣିରେ ଓଜନ କଲେ
(ଗ)ଉଦ୍‌ଜାନରେ ଓଜନ କଲେ (ଘ)ପୁରା ଶୂନ୍ୟସ୍ଥାନରେ ଓଜନ କଲେ

୧୦.କ୍ୟାମେରାର କେଉଁ ଅଂଶକୁ ଆଖିର ରେଟିନା ସଂଗେ ତୁଳନା କରାଯାଇପାରେ ?
(କ) ଲେନ୍‌ସ (ଖ) ଫିଲମ୍
(ଗ) ଆପେରଚର(ଛିଦ୍ର) (ଘ) ସଟର୍

**ଉତ୍ତର**

**୧. (ଘ) SI, ୨.(କ) ଫୁଟ, ୩.(ଖ) ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେଦୂରତା, ୪.(ଗ) ୩, ୫.(ଖ) ୪.୫୫, ୬.(କ) ଏକ ଘନଫୁଟ ପ୍ରତି ସେକେଣ୍ଡ,୭.(ଖ) ମେଚ୍ ସଂଖ୍ୟା, ୮. (ଗ) ୪୫୩.୬, ୯.(କ)୧୦୦, ୧୦. (ଗ) ୩**

୧.(ଖ)ଜିରାଫ, ୨.(ଖ) କାଣ୍ଡ, ୩.(ଖ) ୧୨୦ଦିନ, ୪.(ଖ)୭୨ଥର, ୫.(ଖ)ଇଉରିକ ଏସିଡ୍, ୬.(ଘ)କାଣ୍ଡ, ୭.(ଘ)ଗ୍ରାଫାଇଟ୍, ୮.(କ) ମରକୁରି, ୯.(ଘ)ପୁରା ଶୂନ୍ୟସ୍ଥାନରେ ଓଜନ କଲେ, ୧୦.(ଖ) ଫିଲମ୍



ଈଶ୍ୱରଙ୍କୁ ଏପରି ଭାବରେ ସ୍ମରଣ କର, ଯେପରି ଦ୍ୱିତୀୟବାର ଏହା ମନେପକାଇବାକୁ ପଡ଼ିବନାହିଁ।

## (୨୦) ଜିଲ୍ଲା

୧.ନାମ - ଅନୁଗୁଳ
୨.ଗଠନ - ୨ ଅକ୍ଟୋବର, ୧୯୯୨
୩.କ୍ଷେତ୍ରଫଳ - ୬୩୭୫ ବର୍ଗ.କିମି
୪.ଜନସଂଖ୍ୟା - ୧୨୭୧୬୦୩
ପୁରୁଷ - ୬୫୪୮୯୮
ମହିଳା - ୬୧୬୮୦୫
୫.ଉପଖଣ୍ଡ - ୦୪
୬.ତହସିଲ - ୦୮
(ଅନୁଗୁଳ ସଦର, ଛେଣ୍ଡିପଦା, ବଆଁରପାଳ, କିଶୋର ନଗର, ଆଠମଲ୍ଲିକ, କଣିହାଁ, ତାଳଚେର, ପାଲଲହଡ଼ା)
୭.ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍)- ୦୮
(ଅନୁଗୁଳ ସଦର, ଛେଣ୍ଡିପଦା, ବଆଁରପାଳ, କିଶୋର ନଗର, ଆଠମଲ୍ଲିକ, କଣିହାଁ, ତାଳଚେର, ପାଲଲହଡ଼ା)
୮.ଗ୍ରାମ ପଞ୍ଚାୟତ - ୨୦୯
୯.ଗ୍ରାମ - ୧୮୭୧
୧୦.ଥାନା - ୨୩
୧୧.ପୌରସଂସ୍ଥା(ମ୍ୟୁନିସିପାଲିଟି) - ୦୧
୧୨.ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି)- ୦୨
୧୩.ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୦୬
୫୯ - ପଲ୍ଲାହାର, ୬୦ - ତାଳଚେର, ୬୧ - ଅନୁଗୁଳ, ୬୨- ଛେଣ୍ଡୀପଦା, ୬୩ - ଆଠମଲ୍ଲିକ
୧୪.ଶିଶୁ ଜନସଂଖ୍ୟା(୦-୬ ବର୍ଷ) - ୧୪୫୬୯୦(୮୮୪)
୧୫.ସାକ୍ଷରତା ହାର - ୭୮.୯୬%
୧୬.ପୁରୁଷ ସାକ୍ଷରତା ହାର - ୮୭.୦୬%
୧୭.ମହିଳା ସାକ୍ଷରତା ହାର - ୭୦.୪୪%
୧୮.ଜନସଂଖ୍ୟା ବୃଦ୍ଧି ହାର - ୧୧.୫୫%
୧୯.ଜନସଂଖ୍ୟା ଘନତ୍ୱ - ୧୯୯ / ବର୍ଗ କି.ମି
୨୦.୧୦୦୦ପୁରୁଷରେ ମହିଳା ସଂଖ୍ୟା - ୯୪୨
୨୧.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୫୫
୨୨.ନିଆଁଲିଭା କେନ୍ଦ୍ର -୦୬
୨୩.ଲୋକସଭା ଆସନ ସଂଖ୍ୟା - ୦
୨୪ ଜଙ୍ଗଲ ଜମି - ୨୩୫୮.୭୫ ବର୍ଗ କି.ମି
୨୫.ହାରାହାରି ତାପମାତ୍ରା - ସର୍ବନିମ୍ନ ୧୪.୬୦
- ସର୍ବୋଚ୍ଚ ୪୩.୯୦
୨୬.ସାଧାରଣ ବୃଷ୍ଟିପାତ - ୧୪୨୧.୧ ମି.ମି.
୨୭.ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.୧୯
୨୮.ପର୍ଯ୍ୟଟନସ୍ଥଳୀ - ବଆଁରପାଳ, ଭୀମକୁଣ୍ଡ, ବିନିକେଇ, ବୁଲାଝର, ଦେଉଳଝାରୀ, ହିଙ୍ଗୁଳା ପୀଠ, ଖୁଲୁଡ଼ି, ରେଙ୍ଗଲି, ତାଳଚେର, ଟିକରପଡ଼ା

## ଅଗଷ୍ଟ ୨୦୨୨ | ସେପ୍ଟେମ୍ବର ୨୦୨୨

### ପର୍ବପର୍ବାଣୀ

**ଅଗଷ୍ଟ ୨୦୨୨**

ତା୨. ନାଗୁଳାଇ ପଞ୍ଚମୀ
ତା୪. ଗୋସ୍ୱାମୀ ତୁଳସୀଦାସ ଜୟନ୍ତୀ
ତା୭. ଶ୍ରୀକ୍ଷେତ୍ରେ ଝୁଲଣ ଯାତ୍ରାରମ୍ଭ
ତା୮. ପୁତ୍ରଦା ଏକାଦଶୀ (ସ୍ମା)
ସର୍ବତ୍ର ଝୁଲଣ ଯାତ୍ରାରମ୍ଭ
ତା୯. ମହରମ୍, ଏକାଦଶୀ (ବୈ)
ଶ୍ରୀବିଷ୍ଣୁ ପବିତ୍ରାରୋପଣୋତ୍ସବ
ତା୧୦. ଶରଣ ଆରମ୍ଭ, ବେଢା
ତା୧୧. ରାକ୍ଷୀ ବନ୍ଧନ, ଗହ୍ମାପର୍ବ
ଶ୍ରୀବଳଦେବ ଜନ୍ମ
ଚନ୍ଦୋପବାସ ପୂଜା ଓ ଅର୍ଘ୍ୟଦାନ
ତା୧୨. ଶ୍ରାବଣ ପୂର୍ଣ୍ଣିମା,
ଶ୍ରୀକ୍ଷେତ୍ରେ ଝୁଲଣ ଯାତ୍ରା ସମାପ୍ତି
ତା୧୪. ଖୁଦୁରୁକୁଣୀ ଓଷାରମ୍ଭ
ଅଙ୍ଗଭେଟ ତୃତୀୟା,ଶରଣଶେଷ
ତା୧୫. ସ୍ୱାଧୀନତା ଦିବସ(୭୬)
ତା୧୬. ରକ୍ଷା ପଞ୍ଚମୀ, ମାସାନ୍ତ
ତା୧୭. ସିଂହ ସଂକ୍ରାନ୍ତି
ବୁଧିବାମନ ଓଷାରମ୍ଭ
ତା୧୮. ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ(ସ୍ମା)
ତା୧୯. ବୈଷ୍ଣବସମ୍ମତ, ଶ୍ରୀହରିଜନ୍ମ
ନନ୍ଦୋତ୍ସବ(ସ୍ମା)
ତା୨୦. ବୈଷ୍ଣବସମ୍ମତ ନନ୍ଦୋତ୍ସବ
ତା୨୩. କାଳୀୟଦଳନ ଏକାଦଶୀ
ତା୨୫. ଶିବ ଚତୁର୍ଦ୍ଦଶୀ ବେଢା
ସ୍ୱାମୀ ଚିଦାନନ୍ଦଙ୍କ ପୁଣ୍ୟତିଥି
ତା୨୭. ସପ୍ତପୁରୀ ଅମାବାସ୍ୟା
ଶ୍ରୀମନ୍ଦିରେ ସପ୍ତପୁରୀ ଭୋଗ
ତା୩୦. ବାଲି ତୃତୀୟା, ଗୌରୀ ବ୍ରତ
ତା୩୧. ଶ୍ରୀଗଣେଶ ଚତୁର୍ଥୀ

**ସେପ୍ଟେମ୍ବର ୨୦୨୨**

ତା୧. ନୂଆଁଖାଇ, ଋଷି ପଞ୍ଚମୀ
ତା୨. ଷଷ୍ଠୀ ଓଷା, ସୋମନାଥ ବ୍ରତାରମ୍ଭ
ଲଳିତା ସପ୍ତମୀ, କୁକୁଟି ବ୍ରତ
ତା୪. ରାଧାଷ୍ଟମୀ ବ୍ରତ
ଖୁଦୁରୁକୁଣୀ ଓଷା ଶେଷ
ତା୫. ଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ
ଗୁରୁ ଦିବସ
ତା୬. ଶ୍ରୀବିଷ୍ଣୁ ପାର୍ଶ୍ୱପରିବର୍ତ୍ତନ
ଏକାଦଶୀ, ଶରଣ ଆରମ୍ଭ
ତା୭. ସୁନିଆଁ, ବାମନ ଜନ୍ମ
ତା୮. ସ୍ୱାମୀ ଶିବନନ୍ଦ ଜୟନ୍ତୀ
ତା୯. ଶିବ ଓ ଦୁର୍ଗା ପାର୍ଶ୍ୱପରିବର୍ତ୍ତନୋତ୍ସବ
ଶ୍ରୀ ମନ୍ଦିରେ ଅନନ୍ତ ବ୍ରତ, ବେଢା
ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ ପୂଜା
ତା୧୦. ଇନ୍ଦ୍ର ପୂର୍ଣ୍ଣିମା, ଜହ୍ନିଓଷାରମ୍ଭ
ଶରଣ ଶେଷ, ଭାଗବତ ଜନ୍ମ
ତା୧୧. ଅପରପକ୍ଷ ପିତୃତର୍ପଣ ଆରମ୍ଭ
ତା୧୪. ଅଶ୍ୱ ପଞ୍ଚମୀ
ତା୧୫. ଗଜ ଷଷ୍ଠୀ
ତା୧୬. ମାସାନ୍ତ
ତା୧୭. କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା
ଦେବ୍ୟୁତ୍ଥାପନ ସହସ୍ରା କୁମ୍ଭାଭିଷେକ
ମୂଳାଷ୍ଟମୀ, ଦ୍ୱିତୀବାହନ ଓଷା
ତା୧୯.ମାତୃ ନବମୀ
ତା୨୧.ଇନ୍ଦିରା ଏକାଦଶୀ
ତା୨୪.ସ୍ୱାମୀ ଚିଦାନନ୍ଦ ଜୟନ୍ତୀ
ଶିବ ଚତୁର୍ଦ୍ଦଶୀ ଉପବାସ, ବେଢା
ତା୨୫. ମହାଳୟା ଅମାବାସ୍ୟା
ତା୨୬. ଶାରଦୀୟ ନବରାତ୍ର ପୂଜାରମ୍ଭ
ତା୨୭. ପଞ୍ଚମ୍ୟାଦିକଳ୍ପାରମ୍ଭ,
ନତଃ ପଞ୍ଚମୀ

# ବିଭିନ୍ନ ଦିବସ ପାଳନ

## ଅଗଷ୍ଟ

| | | |
|---|---|---|
| ତା୦୧ | - | ବିଶ୍ୱ ସ୍ତନ୍ୟପାନ ସପ୍ତାହ |
| | | ବିଶ୍ୱ ବନ୍ଧୁତା ଦିବସ (ଅଗଷ୍ଟ ୧ମ ରବିବାର) |
| ତା୦୨ | - | ସଂସ୍କୃତ ଦିବସ |
| ତା୦୩ | - | ନାଇଜର ସ୍ୱାଧୀନତା ଦିବସ |
| ତା୦୫ | - | ଉପର ଭୋଲ୍ଟାର ସ୍ୱାଧୀନତା ଦିବସ |
| ତା୦୬ | - | ବିଶ୍ୱ ଶାନ୍ତି ଦିବସ |
| | | ହିରୋସିମା ଦିବସ |
| ତା୦୭ | - | ଜାତୀୟ ହସ୍ତତନ୍ତ ଦିବସ |
| ତା୦୯ | - | ଅଗଷ୍ଟକ୍ରାନ୍ତି ଦିବସ |
| | | ବିଶ୍ୱ ଆଦିବାସୀ ଦିବସ |
| | | ଭରତ ଛାଡ ଦିବସ |
| | | ନାଗାସାକି ଦିବସ |
| ତା୧୦ | - | ଭାରତୀୟ ପରମାଣୁ ଶକ୍ତି ଆୟୋଗ ଦିବସ |
| ତା୧୨ | - | ଆନ୍ତର୍ଜାତିକ ଯୁବ ଦିବସ |
| ତା୧୩ | - | ଆନ୍ତର୍ଜାତୀୟ ବାମ-ହସ୍ତ- ଚାଳନା ଦିବସ |
| ତା୧୪ | - | ସାଂସ୍କୃତିକ ଦିବସ |
| | | ପାକିସ୍ତାନ ସ୍ୱାଧୀନତା ଦିବସ |
| ତା୧୫ | - | ଭାରତର ସ୍ୱାଧୀନତା ଦିବସ |
| ତା୧୭ | - | ସଂସ୍କୃତ ଦିବସ |
| ତା୧୯ | - | ବିଶ୍ୱ ମାନବୀୟ ଦିବସ |
| | | ବିଶ୍ୱ ଫଟୋଗ୍ରାଫି ଦିବସ |
| ତା୨୦ | - | ସଦ୍‌ଭାବନା ଦିବସ |
| ତା୨୧ | - | ବିଶ୍ୱ ଫେସନ୍ ଦିବସ |
| ତା୨୩ | - | ଦାସତ୍ୱ ପ୍ରଥାର ସ୍ମୃତି ଏବଂ ଦୂରିକରଣ ପାଇଁ ଆନ୍ତର୍ଜାତୀୟ ଦିବସ |
| ତା୨୯ | - | ଜାତୀୟ କ୍ରୀଡ଼ା ଦିବସ |
| ତା୩୦ | - | କ୍ଷୁଦ୍ର ଶିଳ୍ପ ଦିବସ |

## ସେପ୍ଟେମ୍ବର

| | | |
|---|---|---|
| ତା୦୨ | - | ବିଶ୍ୱ ନାରିକେଳ ଦିବସ |
| | | (୧ମ ଶନିବାର) ବିଶ୍ୱ ନଦୀ ଦିବସ |
| ତା୦୫ | - | ଗୁରୁ ଦିବସ (ଡକ୍ଟର ରାଧାକୃଷ୍ଣ ଜନ୍ମଦିନ) |
| ତା୦୭ | - | କ୍ଷମା ଦିବସ |
| ତା୦୮ | - | ବିଶ୍ୱ ସାକ୍ଷରତା ଦିବସ |
| ତା୧୦ | - | ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ |
| ତା୧୧ | - | ବିଶ୍ୱ ଭାତୃତ୍ୱ ଦିବସ |
| ତା୧୪ | - | ହିନ୍ଦୀ ଦିବସ |
| | | ବିଶ୍ୱ ପ୍ରଥମ ବାୟୁ ଦିବସ |
| ତା୧୫ | - | ଭାରତୀୟ ଇଞ୍ଜିନିୟର ଦିବସ |
| ତା୧୫ | - | ଆନ୍ତର୍ଜାତୀୟ ଗଣତନ୍ତ୍ର ଦିବସ |
| ତା୧୬ | - | ବିଶ୍ୱ ଓଜନ ଦିବସ |
| ତା୧୮ | - | ଜାତୀୟ ହାସ୍ୟ ଦିବସ |
| ତା୨୧ | - | ଆନ୍ତର୍ଜାତୀୟ ଶାନ୍ତି ଦିବସ |
| | | ଆଲଜାଇମର ଦିବସ |
| ତା୨୨ | - | ରୋଜ୍ ଦିବସ |
| | | କ୍ୟାନସର ରୋଗୀ ଦିବସ |
| ତା୨୩ | - | Internationl Day of Sign Languages |
| ତା୨୫ | - | ଆନ୍ତର୍ଜାତୀୟ ଫାର୍ମାସିଷ୍ଟ ଦିବସ |
| | | ସାମାଜିକ ନ୍ୟାୟ ଦିବସ |
| ତା୨୬ | - | ବିଶ୍ୱ ମୂକ ବଧିର ଦିବସ |
| | | World Contraception Day |
| ତା୨୭ | - | ବିଶ୍ୱ ପର୍ଯ୍ୟଟନ ଦିବସ |
| ତା୨୮ | - | ବିଶ୍ୱ ଜଳାତଙ୍କ ଦିବସ |
| ତା୨୮ | - | ଇରମ ଶହୀଦ ଦିବସ |
| ତା୨୯ | - | ବିଶ୍ୱ ହୃଦୟ ଦିବସ |
| ତା୩୦ | - | ବିଶ୍ୱ ସାହାଯ୍ୟ ଦିବସ |
| | | ଆନ୍ତର୍ଜାତୀୟ ଅନୁବାଦ ଦିବସ |

# ଆମରି ସତ୍ୟ : ଆଲୋଚନା ଚକ୍ର (ଜଗନ୍ନାଥ ଦାସଙ୍କ ପ୍ରଣୀତ ଶ୍ରୀମଦ୍‌ଭାଗବତ ମହାପୁରାଣ)

## ପ୍ରତିଦିନ ଭାଗବତ ଅଧ୍ୟୟନ କରିବା ଦ୍ୱାରା ମନରେ ଶାନ୍ତ ସ୍ୱଭାବ ଜାଗ୍ରତ ହୁଏ









ଖୋରଧା, ୨୪.୦୭.୨୦୨୨ - ଆମରି ସତ୍ୟ ବିକାଶ ପରିଷଦ ତରଫରୁ 'ଜଗନ୍ନାଥ ଦାସଙ୍କ ପ୍ରଣୀତ ଶ୍ରୀମଦ୍‌ଭାଗବତ ମହାପୁରାଣ' ଉପରେ ଏକ ଆଲୋଚନା ଚକ୍ର ଶ୍ରୀ ଗୌର ଜଗନ୍ନାଥ ମନ୍ଦିର, ଖୋରଧାଠାରେ ଆଦିନାରାୟଣ ଖଣ୍ଡୁଆଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ଜଗନ୍ନାଥ ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ପ୍ରତିଦିନ ଭାଗବତ ଅଧ୍ୟୟନ କରିବା ଦ୍ୱାରା ମନରେ ଶାନ୍ତ ସ୍ୱଭାବ ଜାଗ୍ରତ ହୁଏ । ଅନେକ ସମସ୍ୟାର ସମାଧାନ ପାଇଁ ନିତୀବାଣୀ ଗୁଡ଼ିକ ଅତ୍ୟନ୍ତ ଉପାଦେୟ ହୋଇଥାଏ ।

ବ୍ୟାସ ଦେବଙ୍କ ସଂସ୍କୃତ ଭାଷାରେ ଲିଖିତ ଭାଗବତର ଶ୍ଳୋକ ସଂଖ୍ୟା ୧୮ ହଜାର ଥିବା ବେଳେ ଜଗନ୍ନାଥ ଦାସଙ୍କ ଲିଖିତ ଶ୍ରୀଭାଗବତରେ ୨୭ହଜାର ୧୬୦ଟି ପଦ ରହିଛି । ଏହା ଓଡ଼ିଆ ଭାଷାରେ ଲିଖିତ ହେବାଦ୍ୱାରା ପ୍ରତ୍ୟେକ ଘରର ଠାକୁରଘରେ ପୂଜା ହେବା ସହ ଅଧ୍ୟୟନ କରାଯାଏ ବୋଲି ମୁଖ୍ୟ ଅତିଥି ଡ. ଶରଚ୍ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ପଦ୍ମନାଭ ପାଣିଗ୍ରାହୀ ଏବଂ ପଣ୍ଡିତ ରମାକାନ୍ତ ମିଶ୍ର ପ୍ରମୁଖ ମତ ବ୍ୟକ୍ତ କରିଥିଲେ । ଏହି ଆଲୋଚନାଚକ୍ରରେ ଡ. ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଦେବା ସହ ଗୋପବନ୍ଧୁ ପଣ୍ଡା, ଅନନ୍ତ ଦାସ ବାବାଜୀ ମହାରାଜ, ବିଭୁପ୍ରସାଦ ହରିଚନ୍ଦନ, କାଶିନାଥ ଦାସ, ଜଗଦୀଶ ପଟ୍ଟନାୟକ, ରାମଶଙ୍କର, ସମରଜିତ୍ ପଟ୍ଟନାୟକ, କିଶୋର ପାଇକରାୟ, ବାସୁଦେବ ସାହୁ, ଋନା ମହାପାତ୍ର, ଆଶୀଷ କୁମାର ରାୟ, ଦାଶରଥି ପଟ୍ଟନାୟକ, ଲକ୍ଷ୍ମୀଧର ମହାପାତ୍ର, ନଟବର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ, ଜବାହାରଲାଲ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ ।

Postal Regd. No. : PURI-33/2022-24

Volume-13 I Issue No.02 I Monthly I August-2022 I RNI Regn. No. ODI/ODI/2010/350521 I Page-36




## ବିଶେଷ ସୂଚନା

ବନ୍ଧୁଗଣ,

ଆପଣମାନଙ୍କର ଆନ୍ତରିକ ସହଯୋଗରେ 'ଆମରିସତ୍ୟ' ପତ୍ରିକା ୧୩ତମ ବର୍ଷରେ ପଦାର୍ପଣ କରିଛି । ଯେଉଁ ଗ୍ରାହକମାନେ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ, ସେମାନେ ଆମରିସତ୍ୟର ଇ-ମେଲ (amarisatya@gmail.com)ରେ ପଠାଇବାକୁ ଅନୁରୋଧ ତଥା ପତ୍ରିକାର ବାର୍ଷିକ ଦେୟ ଉଚିତ ସମୟରେ ପଠାଇବାକୁ ଅନୁରୋଧ ।

Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Pin-752057, Printed at - NISWASS-CEDEC Press, Chandrasekharpur, BBSR-23, Published From - "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057
Editor : Dr. Prasanna Kumar Jena
Founder : Dr. Pramod Chandra Dash

From